

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS

RNI Regn No- ODIODI/2014/57766.



ବର୍ଷ- ୧୧ ସଂଖ୍ୟା-୧୦୭ ଭୁବନେଶ୍ୱର ବୁଧବାର, ଡ଼ିସେମ୍ବର ୨୫.୨୦୨୪ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.107 Bhubaneswar, Wednesday, December 25, 2024

## ହଟିଲେ ରଘୁବର ଓଡ଼ିଶାର ନୂଆ ରାଜ୍ୟପାଳ ଡଃ ହରିବାବୁ କମ୍ଭାମପତି



ଭୁବନେଶ୍ୱର, ୨୪/୧୨: ଓଡ଼ିଶାର ରାଜ୍ୟପାଳ ରଘୁବର ଦାସଙ୍କ ସ୍ଥାନରେ ନୂଆ ରାଜ୍ୟପାଳ ହେବେ ଡଃ ହରିବାବୁ କମ୍ଭାମପତି। ମିଜେରାମର ରାଜ୍ୟପାଳ ଭାବେ କାର୍ଯ୍ୟରତ ଡଃ କମ୍ଭାମପତିଙ୍କୁ ଆଜି ଓଡ଼ିଶାର ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଛି। ଏନେଇ ରାଷ୍ଟ୍ରପତି ଭବନ ପକ୍ଷରୁ ସୂଚନା ମିଳିଛି। ପୁଅଙ୍କ ବିବାଦୀୟ କାର୍ଯ୍ୟ ପାଇଁ ରଘୁବର ବିବାଦଘେରକୁ ଆସିଥିଲେ। ଗତବର୍ଷ ଅକ୍ଟୋବର ୧୮ତାରିଖରେ ରଘୁବରଙ୍କୁ ଓଡ଼ିଶାର ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଥିଲା। ସୂଚନା ଅନୁସାରେ, ମିଜୋରାମର ରାଜ୍ୟପାଳ ଡଃ କମ୍ଭାମପତିଙ୍କୁ ଓଡ଼ିଶାର ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଛି। ଡଃ କମ୍ଭାମପତି ୨୦୨୧ ଜୁଲାଇ ୧୯ତାରିଖରୁ ମିଜୋରାମର ରାଜ୍ୟପାଳ ଅଛନ୍ତି। ଛାତ୍ର ରାଜନୀତିରୁ ନିଜର କ୍ୟାରିୟର ଆରମ୍ଭ କରିଥିବା ଡଃ କମ୍ଭାମପତି ୧୯୭୪-୭୫ ମସିହାରେ ଜୟପ୍ରକାଶ ନାରାୟଣ ଆନ୍ଦୋଳନବେଳେ ଗିରଫ ହୋଇ ୬ମାସ ଜେଲ୍ ଯାଇଥିଲେ। ସେ ୧୯୯୯ ମସିହାରେ ବିଶାଖାପାଟଣାର ବିଧାୟକ ଭାବେ ଆନ୍ଧ୍ରପ୍ରଦେଶ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ପରେ ୨୦୧୪ ବିଶାଖାପାଟଣା ଲୋକସଭା ଆସନରୁ ସଂସଦକୁ ନିର୍ବାଚିତ ହୋଇଥିଲେ। ୧୯୫୩ ମସିହା ଜୁନ୍ ୧୫ତାରିଖରେ ଆନ୍ଧ୍ରପ୍ରଦେଶର ପ୍ରକାଶମ୍ ଜିଲ୍ଲାର ଟିମାସମୁଦ୍ରମ ଗାଁରେ ଜନ୍ମିତ କମ୍ଭାମପତି ଆନ୍ଧ୍ରପ୍ରଦେଶ ବିଶ୍ୱବିଦ୍ୟାଳୟରୁ ଇଲେକ୍ଟ୍ରିକାଲ ଆଣ୍ଡ କଂଟ୍ରୋଲ ସିଷ୍ଟମରେ ମାଷ୍ଟର ଡିଗ୍ରୀ ଓ କଂଟ୍ରୋଲ ସିଷ୍ଟମରେ ଡକ୍ଟରେଟ ଡିଗ୍ରୀ ହାସଲ କରିଛନ୍ତି। ସେ ଆନ୍ଧ୍ରପ୍ରଦେଶ ୟୁନିର୍ଭସିଟି ଇଞ୍ଜିନିୟରିଂ କଲେଜରେ ୨୪ବର୍ଷ ଧରି ଆସୋସିଏଟ୍ ପ୍ରଫେସର ଭାବେ କାର୍ଯ୍ୟ କରିଥିଲେ। ଅନ୍ୟପକ୍ଷରେ, ଝାଡ଼ଖଣ୍ଡର ବିଜେପି ନେତା ରଘୁବର ଦାସଙ୍କୁ ରାଜ୍ୟପାଳ ପଦରୁ ହଟାଇ ଦିଆଯାଇଛି। ତାଙ୍କୁ ଅନ୍ୟ କୌଣସି ସ୍ଥାନରେ ନିଯୁକ୍ତି ମିଳିନାହିଁ। ଝାଡ଼ଖଣ୍ଡରେ ବିଜେପିର ପରାଜୟ ପଛରେ ରଘୁବର ଦାସ ଓ ଅନ୍ୟ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ମୂଳକାରଣ ବୋଲି ଚର୍ଚ୍ଚା ହେଉଛି। ତା'ଛଡ଼ା ଜଣେ ଓଡ଼ିଆ ଏଏସଓଙ୍କ ପ୍ରତି ରାଜ୍ୟପାଳଙ୍କ ପୁଅର ଅମାନବୀୟ ଆଚରଣକୁ ନେଇ ରାଜ୍ୟର ବିଜେପି ସରକାରକୁ ମଧ୍ୟ ବଦନାମ ମୁଣ୍ଡାଇବାକୁ ପଡ଼ିଥିଲା।

# କଂଗ୍ରେସ ସାରା ଦେଶବାସୀଙ୍କୁ କ୍ଷମା ମାଗୁ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୪/୧୨: ବାବା ସାହେବ ଆମ୍ବେଦକର ପ୍ରସଙ୍ଗକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ପ୍ରେସ୍‌ମିଟ୍ । କଂଗ୍ରେସ ସରକାରଙ୍କ ସମୟରେ ନେହୁରୁ ବାବା ସାହେବ ଆମ୍ବେଦକରଙ୍କୁ ଅସମ୍ମାନ କରିଥିବା କଥା କହିଲେ ମୁଖ୍ୟମନ୍ତ୍ରୀ । ଗୃହମନ୍ତ୍ରୀ ଅମିତ ଶାହ ରାଜ୍ୟସଭାରେ ଦେଇଥିବା ମନ୍ତବ୍ୟକୁ ନେଇ ଏବେ ରାଜନୈତିକ ତୁମ୍ବିତୋଫାନ ଲାଗି ରହିଛି । ଏବେ ଅମିତ ଶାହଙ୍କୁ କ୍ଷମା ପ୍ରାର୍ଥନା କରିବାକୁ ଦାବି କରିଛି । ତେବେ ଅମିତ ଶାହ ନୁହେଁ ବରଂ କଂଗ୍ରେସ ସାରା ଦେଶବାସୀଙ୍କୁ କ୍ଷମା ମାଗୁ ବୋଲି କହିଛନ୍ତି ମୋହନ ମାଝୀ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି, "ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହୁରୁ ବାବା ସାହେବ ଆମ୍ବେଦକରଙ୍କୁ ଅସମ୍ମାନ କରିଥିଲେ । ସେହି ସମୟରେ ବାବା ସାହେବ ଆମ୍ବେଦକରଙ୍କୁ ଚକ୍ରାନ୍ତ କରି ପଦରୁ ହଟାଇ ଦିଆଯାଇଥିଲା । ତାଙ୍କ ବିରୁଦ୍ଧରେ ନିର୍ବାଚନ ଲଢ଼ିଥିଲା କଂଗ୍ରେସ । କଂଗ୍ରେସ ଏବେ ନାଟକବାଜି କରୁଛି । ଆମ ଦଳ ତାଙ୍କୁ ଯଥୋଚିତ ସମ୍ମାନ ଦେଇଛି । କଂଗ୍ରେସ ସବୁବେଳେ ଆମ୍ବେଦକରଙ୍କୁ ଅପମାନିତ କରିଛି । ତାଙ୍କ ପ୍ରତି ପାତରଅନ୍ତର କରୁଥିଲା । ସେ ତାଙ୍କ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ସେ ଆଇନ ମନ୍ତ୍ରୀ ଦାୟିତ୍ୱରେ ଥିଲେ । ସଂସଦ ଭବନରେ କିଛି ଦିନ ପୂର୍ବରେ ଗୃହମନ୍ତ୍ରୀ ଅମିତ ଶାହାଙ୍କ ବିବୃତିକୁ ନେଇ କଂଗ୍ରେସ ଯେଉଁ ଅପପ୍ରଚାର କରିଛି ତାକୁ ନିନ୍ଦା କଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ସମ୍ବିଧାନର ପ୍ରଣୟେତା ଆମ୍ବେଦକର, ତାଙ୍କୁ ଆମ ଦଳ ସମ୍ମାନ ଦେଉଛି । ଛୋଟ କଥା ଓ ବିବୃତିକୁ ନେଇ ବିକୃତ କରାଯାଉଛି । ସାମାଜିକ, ରାଜନୈତିକ କ୍ଷେତ୍ରରେ ଭାରତ ବର୍ଷର ଜ୍ଞାନୀ ଓ ଅବଦାନ ଥିବା ବ୍ୟକ୍ତିଙ୍କୁ କଂଗ୍ରେସ ପରିହାସ କରିଛି । ପଣ୍ଡିତ ନେହୁରୁ ଅପମାନ କରିଥିଲେ । ଅତୀତରେ କଂଗ୍ରେସ ବହୁତ ଅପମାନ କରିଛି ତେଣୁ କଂଗ୍ରେସ କ୍ଷମା ମାଗୁ । ପଣ୍ଡିତ ନେହେରୁଙ୍କ ସମୟରେ ବାବା ସାହେବ ଆମ୍ବେଦକରଙ୍କୁ ଉପଯୁକ୍ତ ବିଭାଗର ମନ୍ତ୍ରୀ ନକରି ଆଇନ ବିଭାଗର ମନ୍ତ୍ରୀ କରିଥିଲେ । ସଂରକ୍ଷଣ କଥା ଯେତେବେଳେ ଆସିଲା ସେତବେଳେ ମୁସଲମାନଙ୍କୁ ସଂରକ୍ଷଣ ଦିଆଯାଇଥିଲା । ଆଦିବାସୀଙ୍କୁ ଅବହେଳା କରାଯାଇଥିଲା ।"

## ଆହୁରି ୪୮ ଘଣ୍ଟା ବର୍ଷା ! ତା'ପରେ ବଢ଼ିବ ଶୀତ

ଭୁବନେଶ୍ୱର, ୨୪/୧୨: ବଙ୍ଗୋପସାଗରରେ ସୁଦୃଶ୍ୟ ଲଘୁଚାପ। ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳରେ ସକ୍ରିୟ ରହିଛି ଏହି ସୁଦୃଶ୍ୟ ଲଘୁଚାପ। ଏହାର ପ୍ରଭାବରେ ରାଜ୍ୟରେ ମେଘୁଆ ପାଗ ସାଙ୍ଗକୁ ଜାରି ରହିଛି ଝିପିଝିପି ବର୍ଷା। ତେବେ ଆସନ୍ତା ୪୮ ଘଣ୍ଟା ରାଜ୍ୟରେ ମେଘୁଆ ପାଗ ସହ ବର୍ଷା ହେବାନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୨୪ ଘଣ୍ଟାରେ ରାଜ୍ୟର ଅଧାରୁ ଅଧିକ ଜିଲ୍ଲାରେ କିଛି କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣ ବର୍ଷା ହୋଇପାରେ ବୋଲି ଆକଳନ କରିଛି ଆଞ୍ଚଳିକ ପାଣିପାଗ ବିଭାଗ। ଆଜି ଯାଜପୁର, ଖୋର୍ଦ୍ଧା, କଟକ, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, କଳାହାଣ୍ଡି, ନୟାଗଡ, କନ୍ଧମାଳ, ଗଞ୍ଜାମ ନବରଙ୍ଗପୁର ଜିଲ୍ଲାର କିଛି ଅଞ୍ଚଳରେ ହାଲୁକା ବର୍ଷା ହୋଇଛି। ଆସନ୍ତାକାଲି ପାଇଁ ବି ଦକ୍ଷିଣ ଓଡିଶା ସମେତ ଉପକୂଳର କିଛି ଜିଲ୍ଲାରେ ହାଲୁକା ବର୍ଷା ସମ୍ଭାବନା ଥିବା କହିଛି ପାଣିପାଗ ବିଭାଗ। ୨୬ ପରଠୁ ପାଗ ଶୁଖିଲା ରହିବ। ୪୮ ଘଣ୍ଟା ପରେ ରାତି ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ୍ ଯାଏଁ ଖସିପାରେ ବୋଲି କହିଛନ୍ତି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି।

## ଧାନର ମାନ ଖରାପ ଥିଲେ ବି କିଣିବେ ସରକାର; ଫସଲ ନଷ୍ଟ ପାଇଁ ମିଳିବ କ୍ଷତିପୂରଣ

ଭୁବନେଶ୍ୱର, ୨୪/୧୨: ଧାନର ମାନ ଖରାପ ଥିଲେ ବି କିଣିବେ ରାଜ୍ୟ ସରକାର। ବର୍ଷା ପାଇଁ କ୍ୱାଲିଟି ଟିକେ କମିଯାଇଥିବାରୁ ଚିନ୍ତାରେ ଅଛନ୍ତି ଚାଷୀ। ହେଲେ ସବୁ କୃଷକଙ୍କ ଧାନ କିଣାଯିବ ବୋଲି କହିଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଏଥିପାଇଁ ସବୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଟୋକନ ଲାପ୍ସ କଲେ ଚାଷୀଙ୍କୁ ଦିଆଯିବ ଅଧିକ ୧୫ ଦିନ ମହଲତ। ଓଦା ଧାନ ଶୁଖେଇ ମଣ୍ଡିରେ ବିକ୍ରି ପାଇଁ ଅଧିକ ସମୟ ଦିଆଯିବ। ଖାଦ୍ୟ ଯୋଗାଣ ମନ୍ତ୍ରୀ କହିଛନ୍ତି ଯେ



ପାଗ ଖରାପ ଯୋଗୁଁ କିଛି ମଣ୍ଡି ଖୋଲିବାରେ ବିଳମ୍ବ ହେଉଛି। କିନ୍ତୁ ବର୍ଷା ପାଇଁ ଆଗୁଆ ମଣ୍ଡି ଖୋଲିବନି। ବର୍ଷାରେ ଯାହାର ଧାନ କ୍ଷତି ହୋଇଛି ଆକଳନ କରି ଉଚିତ ମୂଲ୍ୟ ଦିଆଯିବ। ଏ ପର୍ଯ୍ୟନ୍ତ ବିକ୍ରି ହେଲାଣି ସାଢେ ସାତ ଲକ୍ଷ ମେଟ୍ରିକ ଟନ ଧାନ। ଦେଢ ଲକ୍ଷ କୃଷକଙ୍କ ଆକାଉଣ୍ଟଙ୍କୁ ସିଧା ଟଙ୍କା ଯାଇଛି। ୨୧ ଶହ କୋଟି ଟଙ୍କା ଦିଆଯାଇଥିବା ବେଳେ ଗୋଟିଏ ବି ଅଭିଯୋଗ ଏପର୍ଯ୍ୟନ୍ତ ଆସିନି ବୋଲି କହିଛନ୍ତି ମନ୍ତ୍ରୀ। ଅନ୍ୟପଟେ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ମଧ୍ୟ ସରକାର ପ୍ରସ୍ତୁତ ଥିବା କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ମନ୍ତ୍ରୀ କହିଛନ୍ତି ଯେ, ଅଦିନିଆ ବୃଷ୍ଟିପାତଜନିତ କ୍ଷୟକ୍ଷତି ପୂରଣ ପାଇଁ ସରକାର ପ୍ରସ୍ତୁତ। ନଷ୍ଟ ଧାନ କିପରି ବିକିବୁ ଏବଂ ଏହା ସହ କ୍ଷତିପୂରଣ ଦେବାକୁ ମଧ୍ୟ ସରକାର ପ୍ରସ୍ତୁତ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ। ସେ କହିଛନ୍ତି ଯେ ଯାହା ନିୟମ ଅଛି ସେହି ଅନୁସାରେ କ୍ଷତିପୂରଣ ଦିଆଯିବ। ସରକାର ଚାଷୀଙ୍କ ଭିତରେ ସହାଭାଗିତା ଦରକାର। ଜିଲ୍ଲା ପ୍ରଶାସନ ମଧ୍ୟ ସହାୟତା କରିବ। ଚାଷୀ ଆଦୌ ବ୍ୟସ୍ତ ବିବ୍ରତ ହୁଅନ୍ତୁ ନାହିଁ, ସରକାର ଲୋକଙ୍କ ସାଙ୍ଗରେ ଅଛନ୍ତି ବୋଲି ଆଶ୍ୱାସନା ଦେଇଛନ୍ତି ମନ୍ତ୍ରୀ।






# ଜରଡ଼ା ପୋଲିସକୁ ମିଳିଛି ସଫଳତା

ପାତ୍ରପୁର,୨୪/୧୨ (ନି.ପ୍ର): ଜରଡ଼ା ଥାନା ଅଂଚଳରେ ଦୋକାନ ତାଲା କାଟି ଚୋରି ଉଦ୍ୟମ କରୁଥିବା ଚୋର ଦଳ ୨ଜଣ ଚୋରକୁ ଗିରଫ କରିବାରେ ଜରଡ଼ା ଥାନା ପୋଲିସ ସଫଳ ହୋଇଛି । ଗିରଫ ମାନେ ହେଲେ କେ. ନୂଆଁଗାଁ ଥାନା ଅନ୍ତର୍ଗତ ଝଗଡ଼ା ଗ୍ରାମର ଅଲେଖ ନାଇକ (୨୦) ଓ ଚିଲାଡ଼ି ଗ୍ରାମର ବି. ଦୀପକ । ଗତ ୧୧ତାରିଖରେ ପାତ୍ରପୁର ମୁଖ୍ୟ ବସଷ୍ଟାଣ୍ଡରେ ଏକ ମୋବାଇଲ ଦୋକାନର ତାଲା କାଟି ଚୋରି ଉଦ୍ୟମ କରିଥିବା ବେଳେ ଗତ ୧୪ ତାରିଖ ରାତିରେ ପାତ୍ରପୁର ବଜାର ଏକ ସୁନା ଦୋକାନର ମଧ ତାଲା କାଟି ଚୋରି ଉଦ୍ୟମ ବିଫଳ ହୋଇଥିବା ବେଳେ ଘଟଣା ସମ୍ପର୍କରେ ଜରଡ଼ା ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଭିତ୍ତି କରି ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରି ଜରଡ଼ା ଥାନା ପୋଲିସ ୨ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ । ଗିରଫ ମାନଙ୍କ ଠାରୁ ଏକ ସ୍କୁଟି ଓ ତାଲା କାଟିବାରେ ବ୍ୟବହୃତ ଲୁହା କଟର ପୋଲିସ ଦ୍ୱାରା ଜବତ କରାଯାଇଛି । ଜନସାଧାରଣଙ୍କ ନିବେଦନ ପେଟ୍ରୋଲିଙ୍ଗ ବ୍ୟବସ୍ଥା କରାଯାଉ ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ



ବଣାଇଗଡ଼,୨୪/୧୨ (ନି.ପ୍ର): ବଣାଇଗଡ଼ ବ୍ଲକ ଅନ୍ତର୍ଗତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ର ୨୮ ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟ ର ସଭାପତି ନରେନ୍ଦ୍ର କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବଣାଇଗଡ଼ ବିଡିଓ ଦିବ୍ୟ ଶଙ୍କର ଜୟପୁରିଆ ଯୋଗ ଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବଣାଇ ଥାନା ଅଧିକାରୀ ଜ୍ଞାନେନ୍ଦ୍ର କୁମାର ସାହୁ, ସରପଞ୍ଚ ବଣାଇଗଡ଼ ନମିତା ନାଗ ଯୋଗ ଦେଇଥିଲେ । ବିଦ୍ୟାଳୟ ର ଅଧକ୍ଷ ପ୍ରଶାନ୍ତ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ । ଉପାଧକ୍ଷ ବଳଦେବ ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟ ର ପ୍ରତିଷ୍ଠାତା ପ୍ରଦୀପ କୁମାର ମିଶ୍ର କ୍ରୀଡା ବିଷୟରେ ଆଲୋକପାତ କରିଥିଲେ କ୍ଷ ବିଦ୍ୟାଳୟ ର ଶିକ୍ଷକ ଅବିର ଚନ୍ଦ୍ର ମାଝୀ ଶ୍ରୀଅରବିନ୍ଦ ଙ୍କ ସ୍ୱ ରଚିତ ଗ୍ରନ୍ଥ ସାବିତ୍ରୀ ପାଠ କରିଥିଲେ । କ୍ରୀଡା ପ୍ରତିଯୋଗିତାରେ କୃତି ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏଥିରେ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକୟିତ୍ରୀ ସହଯୋଗ କରିଥିଲେ ।

# ବୌଦ୍ଧ ଜିଲ୍ଲାରେ ପାରଦ ୧୦ ଡିଗ୍ରୀ ତଳ ମୁହାଁ



ବୌଦ୍ଧ,୨୪/୧୨ (ନି.ପ୍ର)::କିଛି ଦିନ ହେଲା ବୌଦ୍ଧ ଜିଲ୍ଲା ରେ ଶୀତ ଲହରୀ ଅନୁଭୂତ ହୋଇଛି । ସନ୍ଧ୍ୟା ଠାରୁ ସକାଳ ୧୦ଘଣ୍ଟା ପର୍ଯ୍ୟନ୍ତ ଘନ କୁହୁଡି ଆଚ୍ଛାଦିତ କରୁଛି । ଜିଲ୍ଲାରେ ବର୍ତମାନ ପାରଦ ୧୦ଡିଗ୍ରୀ ସେଲସିୟସ ଖସିଥିବା ଥିବା ବେଳେ ଦିନ ବେଳେ ତାପମାତ୍ରା ୨୩ ଡିଗ୍ରୀ ସେଲସିୟସ ରହୁଥିବା ରେକର୍ଡ କରାଯାଇଛି । ଶୀତ ପ୍ରଭାବରୁ ରକ୍ଷା ପାଇବାପାଇଁ ଲୋକେ ନିଆଁ ର ଆଶରା ନେଉଥିବା ଦେଖିବାକୁ ମିଳୁଛି । ଛାତ୍ର ଛାତ୍ରୀ ମାନେ ସ୍କୁଲ କଲେଜ ପାଠ ପଢା ସହିତ ସକାଳୁ ଟିଉସନ ଯିବାରେ ମଧ ଶୀତ ପ୍ରଭାବ ପକାଇଛି । ସନ୍ଧ୍ୟା ଠାରୁ ସକାଳ ୮ଘଣ୍ଟା ପର୍ଯ୍ୟନ୍ତ ଜିଲ୍ଲା ର ହରଭଙ୍ଗା ବ୍ଲକ ଦେଇ ଯାଇଥିବା ଜଗନ୍ନାଥ ସଡ଼କ, ମହାନଦୀ କୁଳିଆ ଅଂଚଳ, ଜିଲ୍ଲାର ଶେଷ ସୀମା ଓ ଉପାନ୍ତ ପାହାଡିଆ ଅଞ୍ଚଳ କୁସଙ୍ଗ, ହରଭଙ୍ଗା, ମହାଲ୍ଲିକ ପଡା,ତଳଗାଁ,ଆଡ଼େନିଗଡ଼, ମାଧପୁର, ଚାରିଛକ, ପୁରୁଣାକଟକ, ତିଲେଶ୍ୱର, ଧଳପୁର ଆଦି ପଂଚାୟତ ସହିତ ୫୭ନଂ ଜାତୀୟ ରାଜପଥ ଓ ଫୁଲବାଣୀ - ଶୀତଲପାଣି ଏବଂ ପୁରୁଣାକଟକ -ଧଳପୁର ପୂର୍ତ୍ତରାସ୍ତାରେ କୁହୁଡି ର ପ୍ରକୋପ ଏତେ ରହୁଛି ଯେ ପାଞ୍ଚ ଫୁଟ ଆଗକୁ ଦେଖା ଯାଉନି ଫଳରେ ବହୁ ଛୋଟ ବଡ଼ ଦୁର୍ଘଟଣା ହେଉଛି । ଯାନ ବାହାନ ଯାତାୟାତରେ ବାଧା ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି । ପାହାଡିଆ ଅଂଚଳର କଣ୍ଡରା, କାଜୁପାଜୁ, କୁଟୁପାଜୁ, ବାନ୍ଦୀଗାଡୁ, ଖଜୁରୀ, ରାଣୀସାହି ଆଦି ଗ୍ରାମ ରେ ଜନ ସାଧାରଣ ରାତି ସାରା ବଡ଼ ବଡ଼ କାଠ ଗଣ୍ଡି ଜାଳି ଶୀତ ଦାଉରୁ ରକ୍ଷା ପାଉଛନ୍ତି । ଶୀତ ଓ କୁଡ଼ିର ର ପ୍ରକୋପ ଏତେ ରହୁଛି ଯେ ଜୀବନ ଜୀବିକା ଉପରେ ପ୍ରଭାବ ପଡୁଛି । ସନ୍ଧ୍ୟା ହୋଇଗଲେ ରାସ୍ତା ଘାଟ ଦୋକାନ ବାଡ଼ି ଆଦି ଜନଗହଳି ପରିବର୍ତ୍ତେ ଖାଁ ଖାଁ ଲାଗୁଚି । ତେଣୁ ଶୀତର ପ୍ରକୋପକୁ ଦେଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଉପାନ୍ତ ଅଞ୍ଚଳରେ ଅସହାୟ ବୃଦ୍ଧ ବୃଦ୍ଧା ଙ୍କୁ କମଳ ବଣ୍ଟନ କରିବା ପାଇଁ ସାଧାରଣ ରେ ଦାବି ହେଉଛି ।

# ହାତୀ କବଳରୁ ବର୍ତ୍ତୀପାରିଲେନି ଦୁଇ ଶିଶୁକନ୍ୟା

ବଣାଇ, ୨୪/୧୨ (ନି.ପ୍ର): ଗୁରୁଣ୍ଡିଆ ବ୍ଲକ ସଦର ପଞ୍ଚାୟତରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। ଦୁଇ ଶିଶୁ କନ୍ୟାକୁ ଦଳୀ ମାରିଦେଇଛି ଦନ୍ତା ହାତୀ । ଘଟଣା ମୁତାବକ ଗୁରୁଣ୍ଡିଆ ସଦର ପଞ୍ଚାୟତ କଣ୍ଟାପାଲି ,ମୁଣ୍ଡା ବସ୍ତି ଠାରେ ବିଳମ୍ବିତ ରାତ୍ରୀରେ ହାତୀ ଆସିବାର ଖବର ପାଇ ଗ୍ରାମବାସି ଘରୁ ବାହାରକୁ ବାହାରି ଆସିଥିଲେ ଏହି ସମୟରେ ଦୁଇ ଶିଶୁ କନ୍ୟା ମା ମଧ ଶିଶୁ କନ୍ୟାଙ୍କୁ ଶୋଇଥିବା ଅବସ୍ଥାରେ ଘର ଭିତରେ ଛାଡି ବାହାରକୁ ବାହାରି ଆସିଥିଲେ ଠିକ୍ ଏହି ସମୟରେ ଦନ୍ତା ହାତୀ ଟି ହଠାତ୍ ଚାଳ ଘର ପାଖକୁ ଧାଇଁ ଆସି ଘର ଭାଙ୍ଗି ଦୁଇ ଶିଶୁ କନ୍ୟାକୁ (୩ବର୍ଷ ଚାନ୍ଦିନୀ ମୁଣ୍ଡା ଥିବା ବେଳେ ୧୨ ବର୍ଷ ସୋନିଆ ମୁଣ୍ଡା )କୁ ଶୁଣ୍ଢରେ ଟାଣି ଆଣି କଚାଡି ମାରି ଦେଇଥିଲା ସାଙ୍ଗେ ସଙ୍ଗେ ଦୁଇ ଶିଶୁ କନ୍ୟାଙ୍କ ମୃତ୍ୟୁ ଘଟିଛି । ତେବେ ସାଙ୍ଗେ ସାଙ୍ଗେ ବନବିଭାଗ ଙ୍କୁ ଖବର ଦିଆଯାଇଥିଲା ଏଥିସହିତ ପୋଲିସ ଏବଂ ବନବିଭାଗ ଆସି ଘଟଣାର ଅନୁଧ୍ୟାନ କରିବା ସହ ଘର ଲୋକଙ୍କୁ ଆଶ୍ୱସ୍ତି ଦେଇଥିବା ସୂଚନା ମିଳିଛି ।

# ନବନିଯୁକ୍ତ ମାଧ୍ୟମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସଂକଳ୍ପ ପ୍ରଶିକ୍ଷଣ କର୍ମଶାଳା



ବରଗଡ଼,୨୪/୧୨ (ନି.ପ୍ର):ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲ ବରଗଡ଼ରେ ନବ ନିଯୁକ୍ତ ମାଧ୍ୟମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଶିକ୍ଷଣ ଦକ୍ଷତା, କୌଶଳ ସମ୍ବନ୍ଧୀୟ ଜ୍ଞାନର ଅଭିବୃଦ୍ଧି ନିମନ୍ତେ ପଞ୍ଚଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ସଂକଳ୍ପ 'ଉଦଯାପିତ ହୋଇଯାଇଛି ।ଉଦଯାପନୀ ଉତ୍ସବରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଶ୍ରୀମତି ଶାନ୍ତି ସୁନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଜ୍ୟୋତିକାନ୍ତ ସାହୁ, ସମ୍ମାନିତ ଅତିଥି ଭାବରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲ୍ଲୀପ କୁମାର ମେହେର ଯୋଗ ଦେଇଥିଲେ ।ସାଧନକର୍ମୀ ଭାବରେ ଅଭିଜ୍ଞ ଶିକ୍ଷକ ବୀରେନ୍ଦ୍ର ଦାଶ,ସଞ୍ଜୟ ଖମାରୀ, ଯତୀନ୍ଦ୍ର ମେହେର ଏବଂ ଭୀଷ୍ମଦେବ ପଧାନ ଜାତୀୟ ଶିକ୍ଷାନୀତି -୨୦୨୦, କ୍ୟାରିୟର କାଉନସେଲିଂ, ଡିଜିଟାଲ କୌଶଳ ଓ ପ୍ରଯୋଗ ଆଦି ବିଭିନ୍ନ ପ୍ରସଙ୍ଗରେ ତାଲିମ ପ୍ରଦାନ କରିଥିଲେ ।ଏହି ସଙ୍କଳ୍ପ ପ୍ରଶିକ୍ଷଣ ଶିବିରର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ଅମ୍ବାଭୋନା, ଭଟଲି ଏବଂ ବରଗଡ଼ ବ୍ଲକରେ ନବନିଯୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ନେଇଥିଲେ। ମୁଖ୍ୟ ଅତିଥି ଶ୍ରୀଯୁକ୍ତ ସାହୁ ବିଦ୍ୟାଳୟର ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବା ପାଇଁ ସମସ୍ତ ପ୍ରଶିକ୍ଷାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ। ସଙ୍କଳ୍ପ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ହାସଲ କରିଥିବା ଜ୍ଞାନ ଓ କୌଶଳକୁ ସମସ୍ତ ପ୍ରଶିକ୍ଷାର୍ଥୀ ବିଦ୍ୟାଳୟରେ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଇଥିଲେ ।ସାଧନକର୍ମୀ ଶିକ୍ଷକ ସଞ୍ଜୟ ଖମାରୀ, ବୀରେନ୍ଦ୍ର ଦାଶ ସଂକଳ୍ପ ପ୍ରଶିକ୍ଷଣର ଆବଶ୍ୟକତା ବିଷୟରେ ନିଜସ୍ୱ ମତାମତ ପ୍ରଦାନ କରିଥିଲେ। ପ୍ରଶିକ୍ଷାର୍ଥୀ ସୁରେଖା ସେଠ୍ ଏବଂ ରାଜଶ୍ରୀ ପୁରୋହିତ ନିଜ ଅନୁଭୂତି ଉପସ୍ଥାପନ କରିଥିଲେ। ସମସ୍ତ ସାଧନକର୍ମୀ ଓ ପ୍ରଶିକ୍ଷାର୍ଥୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।ଶିକ୍ଷୟିତ୍ରୀ ଆଦ୍ୟାଶା ନାଏକ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ପେଡାଗୋଜିକାଲ କୋର୍ଡିନେଟର ଶ୍ରୀମତି ପୁଷ୍ପାଞ୍ଜଳି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରହ୍ମପୁର ମହୋତ୍ସବ- ୨୫

# ଜାତୀୟ ସ୍ତରରେ ସୁନାମ ଅର୍ଜନ କରିବା ପରି ପ୍ରଚେଷ୍ଟା କରାଯିବ: ସୁଶାନ୍ତ ସାବତ




ବ୍ରହ୍ମପୁର, ୨୪/୧୨ (ନି.ପ୍ର):ବ୍ରହ୍ମପୁର ବହୁ ପ୍ରତିକ୍ଷିତ ରାଜ୍ୟର ଅନ୍ୟତମ ଆକର୍ଷଣୀୟ ସାଂସ୍କୃତିକ ମହୋତ୍ସବ ଜନସାଧାରଣଙ୍କ ଅନୁରୋଧ କ୍ରମେ ଆସନ୍ତା ନୂତନ ବର୍ଷରେ ଜାତୀୟ ଯୁବ ସପ୍ତାହ ଅବସରରେ ୧୧ ଜାନୁୟାରୀ ରୁ ୧୬ ଜାନୁୟାରୀ ପର୍ଯ୍ୟନ୍ତ ଖଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ ମହା ସମାହାରରେ ଆୟୋଜନ କରାଯିବ। ପ୍ରତ୍ୟେକ ଦିନ ରାଜ୍ୟସରକାରଙ୍କ ସସ୍କୃତିକ ବିଭାଗ ଦ୍ୱାରା ପ୍ରେରିତ ସମ୍ବଲପୁରୀ, ଧେମସା, ଗୋଟି ପୁଅ, ଛଉ ନୃତ୍ୟ ସହ ଅଞ୍ଚଳେ ଲୋକ ନୃତ୍ୟ ଓ ସ୍ଥାନୀୟ କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଦକ୍ଷିଣ ଓଡ଼ିଶା ର ସାମୁହିକ ବିକାଶ ତଥା ପର୍ଯ୍ୟଟନ ସାଂସ୍କୃତିକ ସ୍ୱାସ୍ଥ୍ୟ ଶିକ୍ଷା ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହେବା ମାନ୍ୟବର ରାଜ୍ୟପାଳ, ମୁଖ୍ୟ ମନ୍ତ୍ରୀ, କେନ୍ଦ୍ର ମନ୍ତ୍ରୀ, ସାଂସଦ, ବିଧାୟକ, ବରିଷ୍ଠ ଗଣ ମାଧମ ,ସାହିତ୍ୟିକ, ଅଭିନେତା ମାନଙ୍କୁ ବିଭିନ୍ନ ଦିନରେ ଅତିଥି ଭାବେ ନିମନ୍ତ୍ରଣ କରାଯିବାସହ ମହୋତ୍ସବ କୁ ପ୍ରସାଶନିକ, ପୋଲିସ, ମହାନଗର ନିଗମ ଓ ସମସ୍ତଙ୍କ ସହୋଜୋଗରେ ଜାତୀୟ ସ୍ତରରେ ପରିଚିତ କରାଯିବ ବୋଲି ଆୟୋଜକ ତଥା ଜାତୀୟ ସ୍ତରର ବିଶିଷ୍ଟ ସଂଗଠକ ମହାନ୍ ସଂଘ ସଭାପତି ଶ୍ରୀ ସୁଶାନ୍ତ କୁମାର ସାବତ ପ୍ରକାଶ କରିଛନ୍ତି। ବିଭିନ୍ନ କିଷମ ର ୧୫୦ ରୁ ଉର୍ଦ୍ଧ ଷ୍ଟଲ ଖୋଲାଯିବା ସହ ଓଲିଉଡ଼ ବଲିଉଡ କଳାକାର ଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯିବା ବୋଲି ରେସ୍ପନ୍ସ ଇଭେଣ୍ଟ ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରବିଶଙ୍କର ପ୍ରକାଶ କରିଛନ୍ତି। ବ୍ରହ୍ମପୁର ମହୋତ୍ସବ ସହର ତଥା ଦକ୍ଷିଣ ଓଡ଼ିଶା ର ସ୍ୱାଭିମାନ ଓ ଏହାର ଆୟୋଜନ ରେ ଅଞ୍ଚଳ ର ଅର୍ଥନୀତି ବିକାଶ ସହ ସଂସ୍କୃତି, ପର୍ଯ୍ୟଟନ କଳାକାର ର ବିକାଶ ଜଡ଼ିତ ଏଣୁ ଏହାକୁ ସବୁ ସ୍ତରରେ ସମସ୍ତେ ସହଯୋଗ କରାଯିବ ବୋଲି ଆଜି ସ୍ଥାନୀୟ ରାଜସ୍ୱ ବଙ୍ଗଳା ସମ୍ମିଳନୀ ପ୍ରକୋଷ୍ଠରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବିଶିଷ୍ଟ ବ୍ୟକ୍ତି ମାନେ ପ୍ରତିଶ୍ରୁତି ଦେଇଥିଲେ। ପୂର୍ବତନ ବିଧାୟକ ଡ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ସୁବାସ ମହାରଣା, ପ୍ରମେୟ ଡିଜିଏମ ଶ୍ରୀ ଅମ୍ବିକା ଦାସ, ଗଞ୍ଜାମ ବାର ଏସୋଷିଏସନ୍ ସଭାପତି ଶ୍ରୀ ନୟନ ମହାପାତ୍ର, ପ୍ରେସ କ୍ଲବ୍ ସଭାପତି ଶ୍ରୀ ଅଶୋକ ବ୍ରହ୍ମା, ସମ୍ପାଦକ ଶ୍ରୀ ପ୍ରହ୍ଲାଦ ସାହୁ, ବରିଷ୍ଠ ଆଇନଜୀବୀ ଶ୍ରୀ ପୀତବାସ ପଣ୍ଡା, ପ୍ରଶାସକ ଶ୍ରୀ ବିନୋଦ ବେହେରା,ବବିତା ପାତ୍ର, ବଦ୍ରିନାଥ ପାତ୍ର, ଦଣ୍ଡପାଣି ନାୟକ, ପି ବୁଚି ବାବୁ, ଶ୍ରୀ ଲୋକନାଥ ମିଶ୍ର, ସୁଭାଷିନୀ ପଟ୍ଟନାୟକଙ୍କ ସମେତ ବହୁ ସାମ୍ବାଦିକ, ସଂଗଠକ, ବିଶିଷ୍ଟ ନାଗରିକ ମାନେ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।ମହାନ୍ ସଂଘ ସାଧାରଣ ସଂପାଦକ ଶ୍ରୀ ପ୍ରସାନ୍ତ ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ମହୋତ୍ସବ ସମ୍ପାଦକ ଶ୍ରୀ ଗୋପାଳ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶ୍ରୀ ଚିତ ରଞ୍ଜନ ପ୍ରଧାନ, ଡ ସନ୍ଧ୍ୟାରଣି ପଟନାୟକ, ଶ୍ରୀ ଶିବରାମ ଚଉଧୁରୀ, ଶ୍ରୀକାନ୍ତ ସାବତ,ସସ୍ମିତା ମିଶ୍ର, ସାଧନା ପାଢ଼ୀ, ନିବେଦିତା ପାଢ଼ୀ, ମନୁ ପାଢ଼ୀ, ବିଭୂତି ସାବତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସହ ସମ୍ପାଦକ ଶ୍ରୀ ପ୍ରକାଶ ଜେନି ଧନ୍ୟବାଦ୍ ପ୍ରଦାନ କରିଥିଲେ।

# କୋଟପାଡ଼ ଠାରେ କେପିଏଲ ସିଜନ-୫ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ





କୋଟପାଡ଼,୨୪/୧୨ (ନି.ପ୍ର): କୋଟପାଡ଼ ଭୈରବୀ ଗ୍ରାଉଣ୍ଡ ଠାରେ କେ.ପି.ଏଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଆଜିର ଫାଇନାଲ ମ୍ୟାଚ ମୁମ୍ବାଇ ଓ ରାଜସ୍ଥାନ ରୋଏଲ ମଧ୍ୟରେ ହୋଇଥିଲା ଏବଂ ମୁମ୍ବାଇ ଇଣ୍ଡିଆନ ଏହି ଫାଇନାଲ ମ୍ୟାଚରେ ସଂଘର୍ଷପୂର୍ଣ୍ଣ ଭାବରେ ବିଜୟୀ ହୋଇଥିଲା,ଆଜିର ମ୍ୟାଚରେ ମୁମ୍ବାଇ ପ୍ରଥମେ ବେଟିଙ୍ଗ କରି ୩ ଉଇକେଟ ହରେଇ କରିଥିଲା ୧୧୫ରନ,ବିଜୟ ଲକ୍ଷ୍ୟ ୧୧୬ରନ ନେଇ ରାଜସ୍ଥାନ ୫ ଉଇକେଟ ହରେଇ ମୋଟ ୮୫ରନ କରିବାରେ ସକ୍ଷମ ହୋଇଥିଲା ଓ ୩୧ ରନରେ ପରାଜିତ ସହ ମୁମ୍ବାଇ ଇଣ୍ଡିଆନ ବିଜୟ ମୁକୁଟ ପିନ୍ଧିଥିଲା । ଏହି ଫାଇନାଲରେ ମ୍ୟାନ ଅଫ ଦି ମ୍ୟାଚ ସୁନୀଲ ଦାସ, ବୋଲିଂ ମ୍ୟାନ ଅଫ ସିରିଜ ଅଭିଷେକ ବିଶୋଇ,ବେଟିଙ୍ଗ ମ୍ୟାନ ଅଫ ଦି ସିରିଜ ପବିତ୍ର ରାଜଙ୍କୁ ପ୍ରଦାନ କରାଯାଇଥିଲା,ସୂଚନା ଥାଉକି ଏହି ଟୁର୍ନାମେଣ୍ଟ ଦୀର୍ଘ ୨୫ ଦିନ ଧରି ଚାଲିଥିଲା । କୋଟପାଡ଼ର ଏହି କେ.ପି.ଏଲ ସିରିଜର ଆୟୋଜକ ହେଉଛନ୍ତି କେ.ପି.ଏଲ କମିଟି ଓ କୋଟପାଡ଼ ଉଦୀୟମାନ ଯୁବଦଳ,ଏହି କେ.ପି.ଏଲର ସଭାପତି ହେଉଛନ୍ତି ଏମ ଡି ଆରିଫ,ଉପସଭାପତି ଶଙ୍କର ପଣ୍ଡା ଓ ଆଇନ ଉପଦେଷ୍ଟା ହେଉଛନ୍ତି ମଣି ପ୍ରସାଦ ପଟ୍ଟନାୟକ,ବିଶେଷକରି ସମସ୍ତ ଦଳ ଏହି ଟୁର୍ନାମେଣ୍ଟରେ ଶ୍ୟାନ୍ତି ଶୃଙ୍ଖଳା ଓ ଭାଇଚାରା ସହିତ ଖେଳିଥିବାରୁ ସମସ୍ତ ଦଳକୁ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ । ଶେଷ ପର୍ଯ୍ୟାୟ ମ୍ୟାଚ ଗୁଡିକ ଫାଇନାଲ ମ୍ୟାଚ ସହିତ ରାତ୍ରି କାଳୀନ ବିଶିଷ୍ଟ କରାଯାଇଥିଲା । ଏହି ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ ଅମ୍ପାୟାର ମାନେ ବହୁସୁନ୍ଦର ଅମ୍ପାୟରିଙ୍ଗ କରିଥିବାର ଦେଖିବାକୁ ମିଳିଥିଲା,ଆଜିର ଫାଇନାଲ ମ୍ୟାଚରେ ବିଜୟ ଦଳକୁ ୬୬,୬୬୬/- ଟଙ୍କା ଓ ଉପବିଜେତା ଦଳକୁ ୪୪,୪୪୪/-ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବରେ ମଣିପ୍ରସାଦ ପଟ୍ଟନାୟକ,ଗଣେଶ ଚନ୍ଦ୍ର ପଣ୍ଡା, ପ୍ରତାପ ସାହୁଙ୍କ ସହିତ ବହୁ ମାନ୍ୟଗଣ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ବିଶେଷ କରି କୋଟପାଡ଼ ଭାରତ ମିଡ଼ିଆ ଆସସେସିୟନ ସଙ୍ଘର ସଭାପତି ଅଜୟ କୁମାର ମିଶ୍ର,ଉପସଭାପତି ସୁନୀଲ ଦାସ,ବିଜୟ କୁମାର ମିଶ୍ର ଏବଂ ସୁଶାନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଖବର ପରିବେଷଣ କରିଥିଲେ । ଏହି ରାତ୍ରି କାଳୀନ ଫାଇନାଲ ଓ ଅନ୍ତିମ ମ୍ୟାଚରେ ଭୀଷଣ ଥଣ୍ଡା ସତ୍ୱେ ବହୁମାତ୍ରାରେ ଦର୍ଶକମାନେ ଉପସ୍ଥିତ ରହି ମନୋରଞ୍ଜନ କରିଥିବାର ଦେଖିବାକୁ ମିଳିଥିଲା ।

## ବସ୍ତା ଅଞ୍ଚଳରେ ଦୁଇଟି ସ୍ଥାନରେ ବନ ବିଭାଗ ମିଳିତ ଚଢ଼ାଉ

ବସ୍ତା, ୨୪/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଫରେଷ୍ଟ ଅଧିନସ୍ଥ ପୁଡପଡା, ବଡଖୁଡି ଗ୍ରାମ ରେ ଥିବା ବେଆଇନ କରତ କଳ ଉପରେ ବନ ବିଭାଗ ର ଚଢ଼ାଉ, ଲକ୍ଷା ଧିକ୍ ଟଙ୍କା ର ଯନ୍ତ୍ରାଂଶ ସହ ମୂଲ୍ୟବାନ କାଠ ଜବତ। ସୂଚନା ଅନୁସାରେ ଉତ୍ତର ବାଲେଶ୍ୱର ର ଚାରି ପ୍ରମୁଖ ବ୍ଲକ ରେ କାଠ ମାଫିଆ ମାନେ ସକ୍ରିୟ ଥିବା ବେଳେ, ସ ମିଲ ବସାଇ ଲକ୍ଷା ଧୀକ ଟଙ୍କା ର କାଠ ସବୁ ଗଚ୍ଛିତ ରଖି ନିଜ ନିଜର ସାମ୍ରାଜ୍ୟ ବିସ୍ତାର କରିଆସୁଥିଲେ। ତେବେ ଆଜି ବାଲେଶ୍ୱର ଏ ସି ଏଫ୍ ଜୟଶ୍ରୀ ମୁର୍ମୁ ଙ୍କ ତତ୍ୱାବଧାନ ରେ ଚାନ୍ଦିପୁର, ଲଙ୍ଗଳେଶ୍ୱର, ଜଳେଶ୍ୱର ର ଫରେଷ୍ଟର ଅଧିକାରୀ, ପୋଲିସ ଙ୍କ ମିଳିତ ସହଯୋଗ ରେ ବସ୍ତା ସର୍କଲ ରେ ଥିବା ପୁଡପଡା, ବଡଖୁଡି ଗ୍ରାମ ର ବେଆଇନ କରତ କଳ ଉପରେ ଚଢ଼ାଉ କରି ମେସିନ ସହ କାଠ ସବୁ ଜବତ କରିଥିଲେ।

# କୋଟପାଡ଼ କୋର୍ଟରେ ଫ୍ୟାମିଲି କୋର୍ଟର ସର୍କିଟକୋର୍ଟ ପାଇଁ ଉଚ୍ଚନ୍ୟାୟାଳୟର ନିର୍ଦ୍ଦେଶ

କୋଟପାଡ଼, ୨୪/୧୨ (ନି.ପ୍ର): କୋଟପାଡ଼ ଓକିଲ ସଙ୍ଘ ତରଫରୁ ଦୀର୍ଘଦିନ ହେଲା ପତି ପରିତ୍ୟକ୍ତା ମହିଳା ମାନଙ୍କ ପାଇଁ ଫ୍ୟାମିଲି କୋର୍ଟର ଆବଶ୍ୟକତା ନେଇ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କୁ ପତ୍ର ଲେଖି ବହୁବାର ଲିଖିତ ଆକାରରେ ଦାବୀ ଓ ଅନୁରୋଧ କରାଯାଇଥିଲା । ଏହି କ୍ରମରେ ଦୀର୍ଘଦିନ ପରେ ଉଚ୍ଚନ୍ୟାୟାଳୟ ତା ୧୩.୧୨.୨୦୨୪ ରିଖ ଦିନ ଏହି ଦାବୀକୁ ବିଚାରକୁ ନେଇ ଏଣିକି କୋଟପାଡ଼ କୋର୍ଟ ଠାରେ ଫ୍ୟାମିଲି କୋର୍ଟର ସର୍କିଟ କୋର୍ଟ କରାଯାଇ ଆବେଦନକାରୀ ମହକିଲ ମାନଙ୍କ ମୋକଦ୍ଦମା ଶୁଣାଣି କରିବାକୁ ପତ୍ର ଲେଖି ଜିଲ୍ଲା ଦୌରା ଜର୍ଜ କୋରାପୁଟ ଜୟପୁରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ପତ୍ର ପାଇବା ପରେ କୋଟପାଡ଼ ଓକିଲ ସଙ୍ଘ ତରଫରୁ ଓଡିଶାର ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଚକ୍ର ଧାରୀ ଶରନ ସିଂ ଓ ପୋର୍ଟ ଫୋଲିଓ ବିଚାରପତି କ୍ରିଷ୍ଣା ରାମ ମହାପାତ୍ର ଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ପୂର୍ବରୁ ଜୟପୁର ଠାରେ କୋଟପାଡ଼ ଅଞ୍ଚଳର ସମସ୍ତ ଭରଣ ପୋଷଣ ସମ୍ପର୍କିତ ମାମଲା ଜୟପୁର ଫ୍ୟାମିଲି କୋର୍ଟ ଠାରେ ଶୁଣାଣି କରାଯାଉଥିଲା । କୋଟପାଡ଼ ରୁ ପ୍ରାୟ ଅଶି କିଲୋମିଟର ଯାଇ ସ୍ୱାମୀ ପରିତ୍ୟକ୍ତା ମହିଳା ମାନେ ଆବେଦନ କରି ପ୍ରତ୍ୟେକ ଶୁଣାଣି ତାରିଖରେ ଜୟପୁର ଯାଇ ଖର୍ଚ୍ଚାନ୍ତ ଏବଂ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଆର୍ଥିକ ଅଭାବରୁ ବହୁ ମହିଳା ଜୟପୁର ଯାଇ ମୋକଦ୍ଦମା ଲଢ଼ି ପାରୁ ନଥିଲେ ଏବଂ ନାଇଁନ ଥିବା ଅସୁବିଧା ଦେଖିବାକୁ ମିଳିଥିଲା,ଏଣୁ ଓକିଲ ସଙ୍ଘ ତରଫରୁ ବାରମ୍ବାର ଉଚ୍ଚ ନ୍ୟାୟାଳୟ ମୁଖ୍ୟ ବିଚାର ପତି ଙ୍କୁ ଭେଟି ଦାବୀ ଅନୁରୋଧ କରିଥିଲେ । ପରିଶେଷରେ ବିଳମ୍ବରେ ହେଲେ ମଧ କୋଟପାଡ଼ ଅଞ୍ଚଳର ମହିଳା ମହକିଲ ମାନଙ୍କ କଥାକୁ ଗୁରୁତ୍ୱ ଦେଇ ଉଚ୍ଚନ୍ୟାୟାଳୟ ଏଭଳି ନ୍ୟାୟ ପ୍ରଦାନ ପାଇଁ ଅଞ୍ଚଳବାସୀ ଓ ଓକିଲ ସଙ୍ଘର ସଭାପତି ପଙ୍କଜ କୁମାର ପାତ୍ର,ଉପ ସଭାପତି ପ୍ରଦୀପ ବକ୍ସି, ସମ୍ପାଦକ ଶଙ୍କର ପଣ୍ଡା, ଯୁଗ୍ମ ସମ୍ପାଦକ ମୁକ୍ତେଶ୍ୱର ନାୟକ, ସହ ସମ୍ପାଦକ ଗୁପ୍ତ ବେହେରା,କୋଷାଧକ୍ଷ ଦୁର୍ଗା ପ୍ରସନ୍ନ ସାହୁ,ପୂର୍ବତନ ସଭାପତି ମଣି ପଟନାୟକ, ବରିଷ୍ଠ ଓକିଲ ଜିତେନ୍ଦ୍ର ନାଥ ମହାପାତ୍ର,ସରକାରୀ ଓକିଲ କିଶୋର ଚନ୍ଦ୍ର ମିଶ୍ରଙ୍କ ସହ ସମସ୍ତ ସଭ୍ୟ କୃତଜ୍ଞତା ଜଣାଇଛନ୍ତି ।

# କେନ୍ଦ୍ରିକଳା ପଞ୍ଚାୟତ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବଣାଇ ୟୁନିୟନ୍ ଅଫ ଜର୍ଣ୍ଣାଲିଷ୍ଟ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା



ବଣାଇ,୨୪/୧୨ (ନି.ପ୍ର):ବଣାଇ ବ୍ଲକ ଅନ୍ତର୍ଗତ କେନ୍ଦ୍ରିକଳା ଗ୍ରାମ ପଞ୍ଚାୟତ ସରପଞ୍ଚ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଦିଲ୍ଲୀରୁ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହୋଇ ଫେରିବା ପରେ ଉପରପଡ଼ା ଗ୍ରାମବାସୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧିତ କରିଥିବା ଜଣାପଡିଛି। ସୂଚନା ଅନୁଯାୟୀ ଗତ ୧୧ ତାରିଖ ଦିନ ଦିଲ୍ଲୀର ବିଜ୍ଞାନ ଭବନ ଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ସାରା ଦେଶରେ କାର୍ବନ ନିଉଟ୍ରାଲ ବିଶେଷ ବର୍ଗରେ ଦିତୀୟ ଜାତୀୟ ପଞ୍ଚାୟତ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇ ପୁରସ୍କୃତ ହୋଇ ଆଜି ଅପରାହ୍ନ ୩ ଘଟିକା ସମୟରେ ନିଜ ଗ୍ରାମରେ ପହଞ୍ଚିବା ପରେ ତାଙ୍କୁ କିସାନ ଲୋକନୃତ୍ୟ ଓ ଡି ଜେ ବାଦ୍ୟ ବଜାଇ ସାରା ଗ୍ରାମରେ ଏକ ଶୋଭାଯାତ୍ରା କରାଯାଇଥିଲା। ଏହା ସହ ଉପରପଡା ଗ୍ରାମରେ ଏକ ବୈଠକ ଅନୁଷ୍ଠିତ କରା ଯାଇଥିଲା। ଏହି ବୈଠକରେ ବିଜେପି ଦଳର ସଭାପତି ମନୋଜ ପ୍ରଧାନ, ହେମନ୍ତ ସାହୁ, ବଣାଇ କିସାନ ସମାଜ ର ସଭାପତି ରତ୍ନାକର କିସାନ,ବିୟୁଜେ ସଂଘ ସଭାପତି ଡମ୍ବରୁ ଧର ପ୍ରଧାନ, ଗ୍ରାମର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଦାଶରଥି ବ୍ରହ୍ମ ରାଜାମୁଣ୍ଡା ଗ୍ରାମ ପଞ୍ଚାୟତ ସରପଞ୍ଚ ମାଳତୀ କିସାନ ଉପସ୍ଥିତ ରହି ସରପଞ୍ଚ ଉଗ୍ରେସନ କିସାନ ଏବଂ ପିଇଓ ଦୀପକ କିସାନ ଙ୍କୁ ପୁଷ୍ପ ଗୁଚ୍ଛ ଓ ଉପଢ୍ୌକନ ଦେଇ ସମ୍ବର୍ଦ୍ଧିତ କରିବା ସହ ଏହି ପୁରସ୍କାର ଯୋଗୁ କେନ୍ଦ୍ରିକଳା ପଞ୍ଚାୟତ ସାରା ଜିଲ୍ଲା, ରାଜ୍ୟ ଗୌରବ ଆଣିଛି ବୋଲି ସମସ୍ତେ ପ୍ରକାଶ କରିଥିଲେ। ଏହା ବ୍ୟତୀତ ଏହି କାର୍ଯ୍ୟକ୍ରମ ରେ ଯୁଗବୀଣା ତରୁଣ କ୍ଲବ ର ସମସ୍ତ ସଦସ୍ୟ ସହିତ ଭୁବନାନନ୍ଦ କିସାନ, ଓ୍ୱାର୍ଡ ମେମ୍ବର ସନ୍ତୋଷ ପାତ୍ର, ଗୋବର୍ଦ୍ଧନ କିସାନ, ପଞ୍ଚାୟତ ଗ୍ରାମ ସାଥୀ, ବିଭିନ୍ନ ଗ୍ରାମ ର ଗ୍ରାମବାସୀ ବିଭିନ୍ନ ରାଜନୈତିକ ଦଳ ସଦସ୍ୟ,ବି.ୟୁ.ଜେ ସାମ୍ବାଦିକ ସଂଘର ସଭାପତି ଡମ୍ବରୁ ପ୍ରଧାନ,ଡିଲ ରଣା,ମାନବ ପାତ୍ର, ପ୍ରଦୀପ କୁମାର ସାହୁ,ଭ୍ରମର ବାରିକ,ସନ୍ତୋଷ କୁମାର ଅଟି, ରାକେଶ ପ୍ରଧାନ ଉପସ୍ଥିତ ରହି ତାଙ୍କୁ ପୁଷ୍ପଗୁଚ୍ଛ, ଓ ଉପଢ୍ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।



# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୦୭ ଭୁବନେଶ୍ୱର ବୁଧବାର, ଡ଼ିସେମ୍ବର ୨୫.୨୦୨୪ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.107 Bhubaneswar, Wednesday, December 25, 2024


# ନିଯୁକ୍ତି ପତ୍ର ବାଣ୍ଟିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୪/୧୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ରୋଜଗାର ମେଳାକୁ ସମ୍ବୋଧିତ କରିବା ସହ ବିଭିନ୍ନ ସରକାରୀ ବିଭାଗ ଏବଂ ସଂଗଠନରେ ନବନିଯୁକ୍ତ ଯୁବକ ଯୁବତୀମାନଙ୍କୁ ୭୧,୦୦୦ରୁ ଅଧିକ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି । ରୋଜଗାର ମେଳା ନିଯୁକ୍ତି ସୃଷ୍ଟିକୁ ପ୍ରାଥମିକତା ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି । ଏହା ଯୁବପିଢ଼ିଙ୍କୁ ରାଷ୍ଟ୍ର ନିର୍ମାଣ ଓ ଆତ୍ମ-ସଶକ୍ତୀକରଣରେ ଯୋଗଦାନ ପାଇଁ ଅର୍ଥପୂର୍ଣ୍ଣ ସୁଯୋଗ ପ୍ରଦାନ କରି ସଶକ୍ତ କରିବ। ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ସେ ଗତକାଲି ବିଳମ୍ବିତ ରାତିରେ କୁଏତରୁ ଫେରିଥିଲେ। ସେଠାରେ ସେ ଭାରତୀୟ ଯୁବବର୍ଗ ଏବଂ ପେସାଦାରମାନଙ୍କ ସହ ବ୍ୟାପକ ଆଲୋଚନା କରିଛନ୍ତି । ଏହା ଏକ ଅତ୍ୟନ୍ତ ସୁଖଦ ସୌଭାଗ୍ୟ ଯେ ଫେରିବା ପରେ ଦେଶର ଯୁବକମାନଙ୍କ ସହିତ ତାଙ୍କର ପ୍ରଥମ କାର୍ଯ୍ୟକ୍ରମ ହେଉଛି । ''ଦେଶର ହଜାର ହଜାର ଯୁବକଯୁବତୀଙ୍କ ପାଇଁ ଆଜି ଏକ ନୂଆ ଆରମ୍ଭ। ଅନେକ ବର୍ଷର ସ୍ୱପ୍ନ ସାକାର ହୋଇଛି, ବର୍ଷ ବର୍ଷର କଠିନ ପରିଶ୍ରମ ଫଳ ଦେଇଛି । ୨୦୨୪ର ଏହି ବିଦାୟୀ ବର୍ଷ ଆପଣଙ୍କ ପାଇଁ ନୂଆ ଖୁସି ନେଇ ଆସୁଛି । ମୁଁ ଆପଣ ସମସ୍ତଙ୍କୁ ଏବଂ ଆପଣଙ୍କ ପରିବାରକୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି,'' ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ରୋଜଗାର ମେଳା ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଭାରତର ଯୁବ ପ୍ରତିଭାଙ୍କ ସମ୍ପୂର୍ଣ୍ଣ ଉପଯୋଗକୁ ସରକାର ପ୍ରାଥମିକତା ଦେଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ । ବିଗତ ୧୦ ବର୍ଷ ମଧ୍ୟରେ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗରେ ସରକାରୀ ଚାକିରି ଦେବା ପାଇଁ ପ୍ରୟାସ ଚାଲିଛି। ଆଜି ୭୧ ହଜାରରୁ ଅଧିକ ଯୁବକ ଯୁବତୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଗତ ଦେଢ଼ ବର୍ଷ ମଧ୍ୟରେ ପାଖାପାଖି ୧୦ ଲକ୍ଷ ସ୍ଥାୟୀ ସରକାରୀ ଚାକିରି ପ୍ରଦାନ କରାଯାଇ ଏକ ଉଲ୍ଲେଖନୀୟ ରେକର୍ଡ ସୃଷ୍ଟି କରାଯାଇଛି ବୋଲି ଶ୍ରୀ ମୋଦୀ କହିଥିଲେ। ଏହି ଚାକିରିଗୁଡ଼ିକ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହିତ ଯୋଗାଇ ଦିଆଯାଉଛି ଏବଂ ନୂତନ ନିଯୁକ୍ତି ପାଇଥିବା କର୍ମଚାରୀମାନେ ନିଷ୍ଠା ଏବଂ ସମର୍ପଣର ସହ ଦେଶର ସେବା କରୁଛନ୍ତି । କୌଣସି ଦେଶର ବିକାଶ ଏହାର ଯୁବବର୍ଗଙ୍କ କଠିନ ପରିଶ୍ରମ, ସାମର୍ଥ୍ୟ ଓ ନେତୃତ୍ୱ ଉପରେ ନିର୍ଭର କରେ ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ । ଶ୍ରୀ ମୋଦୀ କହିଥିଲେ, ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବା ପାଇଁ ଭାରତ ସଂକଳ୍ପବଦ୍ଧ, କାରଣ ଦେଶର ନୀତି ଓ ନିଷ୍ପତ୍ତି ଏହାର ପ୍ରତିଭାବାନ ଯୁବକମାନଙ୍କୁ ସଶକ୍ତ କରିବା ଉପରେ ଗୁରୁତ୍ୱ ଦେଉଛି । ଗତ ଏକ ଦଶନ୍ଧି ମଧ୍ୟରେ ମେକ୍ ଇନ୍ ଇଣ୍ଡିଆ, ଆତ୍ମନିର୍ଭର ଭାରତ, ଷ୍ଟାର୍ଟଅପ୍ ଇଣ୍ଡିଆ, ଷ୍ଟାଣ୍ଡ-ଅପ୍ ଇଣ୍ଡିଆ ଏବଂ ଡିଜିଟାଲ୍ ଇଣ୍ଡିଆ ଭଳି ପଦକ୍ଷେପ ଯୁବବର୍ଗଙ୍କୁ ଆଗରେ ରଖିଛି ବୋଲି ସେ କହିଥିଲେ । ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ ଯେ ଭାରତ ବର୍ତ୍ତମାନ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥବ୍ୟବସ୍ଥା ଏବଂ ତୃତୀୟ ବୃହତ୍ତମ ଷ୍ଟାର୍ଟଅପ୍ ଇକୋସିଷ୍ଟମରେ ପରିଣତ ହୋଇଛି । ଆଜି ଭାରତୀୟ ଯୁବପିଢ଼ି ନୂଆ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ ହୋଇ ରହିଛନ୍ତି। ସେମାନେ ସବୁ କ୍ଷେତ୍ରରେ ଶ୍ରେଷ୍ଠ



ପ୍ରଦର୍ଶନ କରୁଛନ୍ତି। ଆଜି ଷ୍ଟାର୍ଟଅପ୍ ଆରମ୍ଭ କରୁଥିବା ଯୁବ ଉଦ୍ୟୋଗୀମାନେ ଏକ ଦୃଢ଼ ସମର୍ଥନ ବ୍ୟବସ୍ଥା ଦ୍ୱାରା ଉପକୃତ ହେଉଛନ୍ତି। ସେହିଭଳି କ୍ରୀଡ଼ାରେ କ୍ୟାରିୟର କରୁଥିବା ଯୁବଗୋଷ୍ଠୀଙ୍କ ବିଶ୍ୱାସ ରହିଛି ଯେ ସେମାନେ ବିଫଳ ହେବେ ନାହିଁ କାରଣ ସେମାନଙ୍କୁ ବର୍ତ୍ତମାନ ଆଧୁନିକ ପ୍ରଶିକ୍ଷଣ ସୁବିଧା ଏବଂ କ୍ରୀଡ଼ା ପ୍ରତିଯୋଗିତା ଦ୍ୱାରା ସମର୍ଥନ ମିଳୁଛି । ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଦେଶ ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ଦେଇ ଗତି କରୁଛି ଏବଂ ମୋବାଇଲ ଉତ୍ପାଦନ କ୍ଷେତ୍ରରେ ଦ୍ୱିତୀୟ ବୃହତ୍ତମ ରାଷ୍ଟ୍ର ପାଲଟିଛି । ଅକ୍ଷୟ ଶକ୍ତି, ଜୈବିକ କୃଷି, ମହାକାଶ, ପ୍ରତିରକ୍ଷା, ପର୍ଯ୍ୟଟନ ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଭାରତ ଅଗ୍ରଗତି କରୁଛି, ନୂତନ ସୁଯୋଗ ସୃଷ୍ଟି କରୁଛି ଏବଂ ପ୍ରତ୍ୟେକ କ୍ଷେତ୍ରରେ ନୂତନ ଉଚ୍ଚତାରେ ପହଞ୍ଚୁଛି । ଦେଶର ପ୍ରଗତି ଏବଂ ନୂତନ ଭାରତ ଗଠନ ପାଇଁ ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହନ ଯୋଗାଇ ଦେବିବା ଗୁରୁତ୍ୱପୂର୍ଣ୍ଣ ଏବଂ ଏହି ଦାୟିତ୍ୱ ଶିକ୍ଷା ବ୍ୟବସ୍ଥା ଉପରେ ରହିଛି ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ । ଜାତୀୟ ଶିକ୍ଷା ନୀତି (ଏନଇପି) ଭାରତକୁ ଏକ ଆଧୁନିକ ଶିକ୍ଷା ବ୍ୟବସ୍ଥା ଆଡକୁ ଆଗେଇ ନେଉଛି ଯାହା ଛାତ୍ରଛାତ୍ରୀଙ୍କୁ ନୂତନ ସୁଯୋଗ ପ୍ରଦାନ କରୁଛି । ଶ୍ରୀ ମୋଦୀ କହିଥିଲେ ଯେ ପୂର୍ବରୁ ଏକ ବ୍ୟବସ୍ଥାଗତ ପ୍ରତିବନ୍ଧକ ଥିଲା, କିନ୍ତୁ ବର୍ତ୍ତମାନ ଅଟଳ ଟିଙ୍କରିଂ ଲ୍ୟାବ୍ ଏବଂ ପିଏମ-ଶ୍ରୀ ବିଦ୍ୟାଳୟ ଭଳି ପଦକ୍ଷେପ ମାଧ୍ୟମରେ ଅଭିନବତାକୁ ପ୍ରୋତ୍ସାହିତ କରାଯାଉଛି । ମାତୃଭାଷାରେ ପାଠପଢ଼ା ଓ ପରୀକ୍ଷାକୁ ଅନୁମତି ଦେବା ସହ ୧୩ଟି ଭାଷାରେ ନିଯୁକ୍ତି ପରୀକ୍ଷା ଦେଇ ଗ୍ରାମୀଣ ଯୁବକ ଓ ଅବହେଳିତ ସମ୍ପ୍ରଦାୟର ଭାଷା ପ୍ରତିବନ୍ଧକକୁ ସରକାର ଦୂର କରିଛନ୍ତି। ଏହାବ୍ୟତୀତ ସୀମାବର୍ତ୍ତୀ ଅଞ୍ଚଳର ଯୁବକଙ୍କ ପାଇଁ କୋଟା ବୃଦ୍ଧି କରାଯିବା ସହ ସ୍ଥାୟୀ ସରକାରୀ ଚାକିରି ପାଇଁ ସ୍ୱତନ୍ତ୍ର ନିଯୁକ୍ତି ବ୍ୟବସ୍ଥା କରାଯାଇଛି। ଆଜି ୫୦,୦୦୦ରୁ ଅଧିକ ଯୁବକଯୁବତୀଙ୍କୁ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ପାଇଁ ନିଯୁକ୍ତି ପତ୍ର ମିଳିଛି, ଯାହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଆଜି ଚୌଧୁରୀ ଚରଣ ସିଂଜୀଙ୍କ ଜୟନ୍ତୀ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଚଳିତ ବର୍ଷ ସ୍ୱର୍ଗତ ଚୌଧୁରୀଙ୍କୁ ଭାରତ ରତ୍ନରେ ସମ୍ମାନିତ କରିବା ସରକାରଙ୍କ ପାଇଁ ଗୌରବର ବିଷୟ। ''ଆମକୁ ଖାଦ୍ୟ ଯୋଗାଉଥିବା କୃଷକମାନଙ୍କୁ ସମ୍ମାନ ଜଣାଇ ଆମେ ଏହି ଦିନକୁ କୃଷକ ଦିବସ ଭାବରେ ପାଳନ କରୁଛୁ । ଚୌଧୁରୀ ସାହେବ ବିଶ୍ୱାସ କରୁଥିଲେ ଯେ ଦେଶର ପ୍ରଗତି ଗ୍ରାମୀଣ ଭାରତର ଉନ୍ନତି ଉପରେ ନିର୍ଭର କରେ । ଆମ ସରକାରଙ୍କ ନୀତି ଗ୍ରାମାଞ୍ଚଳରେ, ବିଶେଷ କରି କୃଷି କ୍ଷେତ୍ରରେ ଯୁବବର୍ଗଙ୍କ ପାଇଁ ନୂତନ ନିଯୁକ୍ତି ଏବଂ ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିଛି,'' ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ବାୟୋଗ୍ୟାସ ପ୍ଲାଣ୍ଟ ସ୍ଥାପନ କରିଥିବା ଗୋବର-ଧନ ଯୋଜନା ଭଳି ପଦକ୍ଷେପ ଶକ୍ତି ଉତ୍ପାଦନ କରିବା ସହିତ ନିଯୁକ୍ତି ସୃଷ୍ଟି କରିଛି ବୋଲି ଶ୍ରୀ ମୋଦୀ ଜୋର ଦେଇ କହିଥିଲେ। ସେ କହିଥିଲେ, କୃଷି ବଜାରକୁ ସଂଯୋଗ କରୁଥିବା ଇ-ନାମ ଯୋଜନା ନୂତନ ନିଯୁକ୍ତି ସୁଯୋଗ ଖୋଲିଛି । ଇଥାନଲ ମିଶ୍ରଣ ବୃଦ୍ଧି କୃଷକମାନଙ୍କୁ ଉପକୃତ କରିଛି ଏବଂ ଚିନି କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି କରିଛି । ପାଖାପାଖି ୯,୦୦୦ କୃଷକ ଉତ୍ପାଦକ ସଂଗଠନ (ଏଫପିଓ) ପ୍ରତିଷ୍ଠା କିପରି ବଜାର ପ୍ରବେଶରେ ଉନ୍ନତି ଆଣିଛି ଏବଂ ଗ୍ରାମୀଣ ନିଯୁକ୍ତି ସୃଷ୍ଟି କରିଛି ସେ ବିଷୟରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ । ଏଥିସହିତ ହଜାର ହଜାର ଶସ୍ୟ ଭଣ୍ଡାର ଗୋଦାମ ନିର୍ମାଣ ପାଇଁ ସରକାର ଏକ ବ୍ୟାପକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି, ଯାହାକି ଉଲ୍ଲେଖନୀୟ ନିଯୁକ୍ତି ଏବଂ ଆତ୍ମନିଯୁକ୍ତି ସୁଯୋଗ ପ୍ରଦାନ କରିବ।




# ସଂପାଦକୀୟ

## ଆଗରେ ଚ୍ୟାଲେଞ୍ଜ

ଭାରତର ସର୍ବ ପୁରାତନ ରାଜନୈତିକ ସଂଗଠନ କଂଗ୍ରେସର ନୂତନ ସଭାପତି ରୂପେ ନିର୍ବାଚିତ ହୋଇଛନ୍ତି ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖଡ଼୍‌ଗେ। ଗଣତାନ୍ତ୍ରିକ ପଦ୍ଧତିରେ ଅନୁଷ୍ଠିତ ହୋଇଥିବା ଦଳର ସଭାପତି ନିର୍ବାଚନରେ ସେ ନିଜର ପ୍ରତିଦ୍ୱନ୍ଦୀ ଶଶୀ ଥରୁରଙ୍କୁ ୬ ହଜାର ୮୨୫ ଭୋଟ୍ ବ୍ୟବଧାନର ପରାସ୍ତ କରିଛନ୍ତି। ନୂତନ ସଭାପତି ରୂପେ ଖଡ଼୍‌ଗେଙ୍କ ନିର୍ବାଚନ ଜାତୀୟ ରାଜନୀତିରେ ଯଥେଷ୍ଟ ଗୁରୁତ୍ୱ ବହନ କରୁଛି। କାରଣ ଦୀର୍ଘ ୨୪ ବର୍ଷ ଧରି ଗାନ୍ଧୀ ପରିବାରର ହାତମୁଠାରେ ରହି ଆସିଥିବା କଂଗ୍ରେସ ସଭାପତି ପଦ ଜଣେ ଅଣଗାନ୍ଧୀ ପରିବାର ବ୍ୟକ୍ତି ବିଶେଷ କରି ଦଳିତ ନେତାଙ୍କୁ ମିଳି ପାରିଛି। ଦ୍ୱିତୀୟତଃ ଦୀର୍ଘ ୨୨ ବର୍ଷ ପରେ ଦଳୀୟ ସଭାପତି ପଦ ପାଇଁ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ କରାଯାଇଛି ଏବଂ ଦଳର ସଭ୍ୟମାନେ ନିଜର ଇଚ୍ଛାନୁଯାୟୀ ନୂତନ ସଭାପତିଙ୍କୁ ଚୟନ କରିଛନ୍ତି। ୨୦୧୯ ମସିହାର ନିର୍ବାଚନରେ କଂଗ୍ରେସ ଦଳର ଶୋଚନୀୟ ପରାଜୟ ପରେ ଯୁବନେତା ରାହୁଲ ଗାନ୍ଧୀ ସଭାପତି ପଦରୁ ଇସ୍ତଫା ଦେଇଥିଲେ ଏବଂ ସେହିଦିନ ଠାରୁ ଅନ୍ତରୀଣ ସଭାପତି ରୂପେ ସୋନିଆ କାର୍ଯ୍ୟ ତୁଲାଇଥିଲେ। ଏବେ ଦଳକୁ ଜଣେ ପୂର୍ଣ୍ଣକାଳୀନ ସଭାପତି ମିଳିଥିବାରୁ ସଂଗଠନ ଅଧିକ କ୍ରିୟାଶୀଳ ହେବ ବୋଲି ଆଶା କରାଯାଉଛି। ନୂତନ ସଭାପତି ଖଡ଼୍‌ଗେ ଜଣେ ଅଭିଜ୍ଞ ଓ ଅନୁଭବୀ ରାଜନେତା ରୂପେ ବେଶ୍ ସୁଖ୍ୟାତି ଅର୍ଜନ କରିଛନ୍ତି। ଅତୀତରେ ସେ ୯ ଥର କର୍ଣ୍ଣାଟକ ବିଧାନସଭାକୁ ନିର୍ବାଚିତ ହୋଇ ରାଜ୍ୟର ମନ୍ତ୍ରୀ ପଦ ଅଳଙ୍କୃତ କରିଥିବା ବେଳେ ୨୦୦୯ ମସିହା ପରେ ଲୋକସଭା ଓ ରାଜ୍ୟସଭାକୁ ନିର୍ବାଚିତ ହୋଇ କଂଗ୍ରେସ ସଂସଦୀୟ ଦଳର ନେତା ରହିଛନ୍ତି। କଂଗ୍ରେସ ସଭାପତି ପଦ ପାଇଁ ପ୍ରତିଦ୍ୱନ୍ଦିତା କରିବାକୁ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସମ୍ମାନ ଜଣାଇ ଖଡ଼୍‌ଗେ ରାଜ୍ୟସଭା ବିରୋଧୀ ଦଳର ନେତା ପଦରୁ ଇସ୍ତଫା ଦେଇଥିଲେ। ପ୍ରଖ୍ୟାତ ଦଳିତ ନେତା ଜଗଜ୍ଜୀବନ ରାମଙ୍କ ପରେ ମଲ୍ଲିକାର୍ଜୁନ କଂଗ୍ରେସ ସଭାପତି ହେବାରେ ଦ୍ୱିତୀୟ ଦଳିତ ନେତା। କଂଗ୍ରେସ ସଭାପତି ପଦ ଦୀର୍ଘ ବର୍ଷ ପରେ ଗାନ୍ଧୀ ପରିବାର ବାହାରକୁ ଆସିବା ଫଳରେ ପ୍ରତିଦ୍ୱନ୍ଦି ବିଜେପି. ଏଣିକି ଏହା ବିରୋଧରେ ପରିବାର ବାଦ୍ ରାଜନୀତି ଅଭିଯୋଗ କରିପାରିବ ନାହିଁ ଏବଂ ନୂତନ ସଭାପତି ନିଜର ସୁଦୀର୍ଘ ରାଜନୈତିକ ଅଭିଜ୍ଞତାକୁ ପୁଞ୍ଜି କରି ଦଳକୁ ସୁଦୃଢ଼ ଓ ଶକ୍ତିଶାଳୀ କରିବା ଦିଗରେ କାର୍ଯ୍ୟ କରିବେ ବୋଲି ଆଶା କରାଯାଉଛି। ଅନ୍ତରୀଣ ଅଧକ୍ଷାଙ୍କ ଠାରୁ ଆସନ୍ତା ୨୬ ତାରିଖ ଦିନ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଥିବା ଖଡ଼୍‌ଗେ ନିଜର ବିଜୟ ପରେ ପରେ ଯେଉଁ ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି, ତାହା ବିଶେଷ ଗୁରୁତ୍ୱ ବହନ କରୁଛି। 'ଆମକୁ ଦଳୀୟ କର୍ମୀଙ୍କ ଭଳି କାମ କରିବାକୁ ପଡ଼ିବ ଏବଂ ଦଳରେ କେହି ବଡ଼ କିମ୍ବା ସାନ ନୁହନ୍ତି' ବୋଲି ମତ ରଖି ସେ କଂଗ୍ରେସକୁ ଏକ ନୂତନ ବାର୍ତ୍ତା ଦେବାକୁ ଚାହିଁଛନ୍ତି। ଗାନ୍ଧୀ ପରିବାରର ଦାୟାଦ ତଥା ଯୁବ ଚେହେରା ରାହୁଲ ଗାନ୍ଧୀ ଏବେ 'ଭାରତ ଯୋଡ଼ୋ' ପଦଯାତ୍ରାରେ ସାମିଲ ହୋଇ ବିଭିନ୍ନ ରାଜ୍ୟ ଗସ୍ତ କରୁଛନ୍ତି। ଏଣିକି ତାଙ୍କର ଭୂମିକା ଓ ଦାୟିତ୍ୱ ଖଡ଼୍‌ଗେଜୀ ସ୍ଥିର କରିବେ ବୋଲି ମତ ରଖି ସେ ନିଜକୁ ଏକ ଶୃଙ୍ଖଳିତ କର୍ମୀର ପରିଚୟ ଦେବାକୁ ଉଦ୍ୟମ କରିଛନ୍ତି। ବର୍ତ୍ତମାନ ସ୍ଥିତିରେ କଂଗ୍ରେସର ମୁଖିଆ ଭାବରେ ଖଡ଼୍‌ଗେଙ୍କ ଆଗରେ ଅନେକ ଆହ୍ୱାନ ରହିଛି। ବିଶେଷ କରି ୨୦୨୪ ମସିହା ନିର୍ବାଚନ ପାଇଁ ଦଳର ରଣନୀତି ପ୍ରସ୍ତୁତ କରିବା ଓ ଦଳର ପୂର୍ବ ଗୌରବ ଫେରାଇ ଆଣିବା ସବୁଠାରୁ ବଡ଼ ପ୍ରଶ୍ନ ହୋଇଛି। ଏହି ଅଗ୍ନି ପରୀକ୍ଷାରେ ସେ କେତେ ସଫଳ ହେବେ, ତାହା ଭବିଷ୍ୟତ ହିଁ କହିବ।

# ସରକାରୀ ମେଡ଼ିକାଲ କଲେଜ ବି ପଛରେ

**ଡାକ୍ତର ସମ୍ରାଟ କର**

ଜଣେ ଭାରତୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ପାଇଁ ପର୍ତ୍ତୁଗାଲର ସ୍ୱାସ୍ଥ୍ୟମନ୍ତ୍ରୀ ମାର୍ଟା ଟେନିଡୋ ଇସ୍ତଫା ଦେଇଛନ୍ତି। କିନ୍ତୁ ଆମ ଦେଶରେ ବିଶେଷକରି ଓଡ଼ିଶାରେ କୌଣସି ମନ୍ତ୍ରୀ ବିବାଦ ଉଠିବା ପରେ ଇସ୍ତଫା ଦେବା ସ୍ୱପ୍ନ। ସରକାର ମେଡ଼ିକାଲ କଲେଜ ପ୍ରତିଷ୍ଠାକୁ ନେଇ ବହୁବାର ନିଜ ପିଠି ଥାପୁଡ଼ାଉଛନ୍ତି। ମେଡ଼ିକାଲ କଲେଜ ୩ ଥିଲା, ଆମେ ୧୦ କରିଦେଲୁଣି ବୋଲି ସରକାରୀ ଦଳ ପ୍ରଚାର କରୁଛନ୍ତି। କିନ୍ତୁ ଅନ୍ୟ ରାଜ୍ୟରେ ଏହି ସମୟ ଭିତରେ କେତେ ନୂଆ ମେଡ଼ିକାଲ କଲେଜ ହୋଇଛି, ତାହାର ତୁଳନାତ୍ମକ ଚିତ୍ର ତଥରେ ଶାସକ ଦଳ ଦେଖୁ। ପଡ଼ୋଶୀ ଛତିଶଗଡ଼ରେ ମେଡ଼ିକାଲ କଲେଜ ସଂଖ୍ୟା ୧୧୦ଟି। ଏଥିମଧ୍ୟରୁ ୨୮ଟି ହେଉଛି ସରକାରୀ ମେଡ଼ିକାଲ କଲେଜ। ଏଥିମଧ୍ୟରୁ ୧୯ଟିରେ ଉଚ୍ଚତର ଶିକ୍ଷାଦାନର ବ୍ୟବସ୍ଥା ଅଛି। ଓଡ଼ିଶାରେ ନବୀନ ସରକାର ଆସିବା ପରେ ଛତିଶଗଡ଼ର ସୃଷ୍ଟି। ଆନ୍ଧ୍ରପ୍ରଦେଶରେ ସରକାରୀ ମେଡ଼ିକାଲ କଲେଜ ସଂଖ୍ୟା ୧୨। ଝାରଖଣ୍ଡରେ ୮ଟି ମେଡ଼ିକାଲ କଲେଜ ଭିତରୁ ୭ଟି ହେଉଛି ସରକାରୀ। ତେଣୁ ଓଡ଼ିଶାରେ ମେଡ଼ିକାଲ କଲେଜ ପ୍ରତିଷ୍ଠାରେ ଏକ ବଡ଼ ପରିବର୍ତ୍ତନ ନବୀନ ସରକାରଙ୍କ ଯୋଗୁ ଘଟିଛି ବୋଲି ଯୁକ୍ତି ଗ୍ରହଣୀୟ ନୁହେଁ। ଏସବୁ କଲେଜ ପାଇଁ କେନ୍ଦ୍ରର ଅବଦାନ ବିରାଟ। ତଥାପି ରାଜ୍ୟ ସରକାର ନିଜେ କରୁଛନ୍ତି ବୋଲି କହିଚାଲିଛନ୍ତି। ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଓଡ଼ିଶା ବଳକା ଡାକ୍ତର ରାଜ୍ୟ ହେବ ବୋଲି କହିଥିଲେ। କିନ୍ତୁ ପ୍ରକୃତ ତଥ୍ୟ ସେ କେବେ ସାମ୍ନାକୁ ଆଣୁ ନାହାନ୍ତି। ଯେଉଁ ତାମିଲନାଡୁ ମଡ଼େଲରେ ଓଡ଼ିଶା ସରକାର ଚାଲିଛି, ସେହି ତାମିଲନାଡୁରେ ବର୍ଷକୁ ୧୦୭୨୫ ଡାକ୍ତର ବାହାରୁଛନ୍ତି। ଓଡ଼ିଶାରେ ଏହି ସଂଖ୍ୟା ୧୦୨୫। ତାମିଲନାଡୁରେ ୩୮ଟି ସରକାରୀ ମେଡ଼ିକାଲ କଲେଜ ସମେତ ମୋଟ ୭୦ଟି କଲେଜ ଅଛି। ଓଡ଼ିଶା ମେଡ଼ିକାଲ କଲେଜର ଚିତ୍ର ଅତ୍ୟନ୍ତ ବିକଳ। ଛାତ୍ରଙ୍କୁ ପଢ଼ାଇବା ପାଇଁ ଅଧ୍ୟାପକ ନାହାନ୍ତି। ସରକାରଙ୍କ ଫୋକସରେ କେବଳ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ। ଯେଉଁସବୁ ନୂଆ ମେଡ଼ିକାଲ କଲେଜ ଖୋଲିଛି, ତାହା ଆଞ୍ଚଳିକ ଆବଶ୍ୟକତାକୁ ମଧ୍ୟ ପୂରଣ କରିପାରୁନାହିଁ। ପଦ୍ମଶ୍ରୀ କମଳା ପୂଜାରୀଙ୍କୁ କୋରାପୁଟରୁ ଅଣାଯାଇଥିଲା କଟକ ବଡ଼ ଡାକ୍ତରଖାନାକୁ। କୋରାପୁଟ ସରକାରୀ ମେଡ଼ିକାଲ କଲେଜ କିମ୍ବା ବ୍ରହ୍ମପୁର ବଡ଼ ମେଡ଼ିକାଲ କଲେଜ ସାମାନ୍ୟ ରୋଗ ଚିକିତ୍ସା କରିବା ଅବସ୍ଥାରେ ନାହିଁ। ସେଥିପାଇଁ ତ ଦୁର୍ଦ୍ଦାନ୍ତ ଗ୍ୟାଙ୍ଗଷ୍ଟର ହାଇଦର ଅଲ୍ଲୀ ବୁର୍ଲା ମେଡ଼ିକାଲ କଲେଜ ଛାଡ଼ି ଚିକିତ୍ସା ପାଇଁ ଆସୁଥିଲା କଟକ ବଡ଼ ଡାକ୍ତରଖାନାକୁ। ତେଣୁ ଅବସ୍ଥା କିଭଳି ଶୋଚନୀୟ, ତାହା ସ୍ପଷ୍ଟ ହୋଇଯାଉଛି। ତାହା ହୋଇ ନଥିଲେ ବିଜୁ ଜନତା ଦଳ ନେତା ସୁଶାନ୍ତ ସିଂହ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ନ ହୋଇ ଆପୋଲୋ ହସ୍ପିଟାଲକୁ ଯାଇଥାନ୍ତେ। ଓଡ଼ିଶାରେ ସ୍ୱାସ୍ଥ୍ୟସେବା ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ସାରିଛି। ଜନସଂଖ୍ୟା ଅନୁପାତରେ ଡାକ୍ତର ସଂଖ୍ୟା ଯଥେଷ୍ଟ କମ। ଆଦିବାସୀ ବହୁଳ ଜିଲ୍ଲାରେ ଡାକ୍ତରଖାନା ଅଛି, କିନ୍ତୁ ଡାକ୍ତର ନାହାନ୍ତି। ସବୁଆଡ଼େ ଡାକ୍ତର ସଂକଟ। ଲୋକଙ୍କ ହାତରେ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ରହିଲେ ଲାଭ କ'ଣ? ସେମାନଙ୍କୁ ଘରୋଇ ହସ୍ପିଟାଲକୁ ଆସିବାକୁ ପଡୁଛି। ଏଥିପାଇଁ ସେମାନେ ଅଧିକ ଖର୍ଚ୍ଚାନ୍ତ ମଧ୍ୟ ହେଉଛନ୍ତି। ଯଦି ଘରୋଇ ହସ୍ପିଟାଲ ନଥାନ୍ତା, ତେବେ ପରିସ୍ଥିତି କେତେ ଜଟିଳ ହୋଇପଡ଼ି ସାରନ୍ତାଣି ତାହା ବୁଝାପଡ଼ି ଯାଉଛି। ମୁଖ୍ୟମନ୍ତ୍ରୀ ଗତ ୨୨ ବର୍ଷ ଭିତରେ ରାଜ୍ୟରେ ବଡ଼ଧରଣର ପରିବର୍ତ୍ତନ ଆଣିପାରିଛନ୍ତି ବୋଲି ତାଙ୍କୁ ଏକ ସଂସ୍ଥା ସମ୍ମାନଜନକ କ୍ୟାପିଟାଲ ଫାଉଣ୍ଡେସନ ପୁରସ୍କାର ଦେବାକୁ ଯାଉଛି। ଯଦି ୨୨ ବର୍ଷ ଭିତରେ ସ୍ୱାସ୍ଥ୍ୟ ସେବାରେ କିଛି ବି ଆଖି ଦୃଷ୍ଟିଆ ପରିବର୍ତ୍ତନ ଆଣିପାରିଲେ ନାହିଁ ସରକାର, ଡାକ୍ତର ସଂକଟରୁ ରାଜ୍ୟ ଉବୁରି ପାରିଲା ନାହିଁ, ତେବେ ପରିବର୍ତ୍ତନର ସ୍ୱରୂପ କ'ଣ ବୁଝିବା କଷ୍ଟକର। ଓଡ଼ିଶାରେ ସ୍ୱାସ୍ଥ୍ୟଭିତ୍ତିଭୂମିକୁ ଦୃଢ଼ କରିବା ଦରକାର ଏବଂ ବଡ଼ କଥା ହେଉଛି ସ୍ୱାସ୍ଥ୍ୟ ହେଉଛି ସମସ୍ତଙ୍କର ମୁଖ୍ୟ ଓ ଗୁରୁତ୍ୱପୂର୍ଣ୍ଣ ପ୍ରାଥମିକ ଆବଶ୍ୟକତା। ତେଣୁ ସରକାର ଓଡ଼ିଶାରେ ନୂଆ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ବା ଡାକ୍ତରଖାନା ଖୋଲନ୍ତୁ। ଏ କ୍ଷେତ୍ରରେ ଦାତବ୍ୟ ସଙ୍ଗଠନ ଓ ବଦାନ୍ୟ ବ୍ୟକ୍ତିବିଶେଷ ତଥା ଏନଆରଆଇ ମାନେ ଖୋଲା ହାତରେ ସହଯୋଗ ମଧ୍ୟ ବଢ଼ାଇବା ଜରୁରୀ।

# ଆମ ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଓ ତାର ଆକଳନ

**ହିଂମାଶୁ ଶେଖର ଆଚାର୍ଯ୍ୟ**

ଗତ ୨୦ ତାରିଖ ବେଳକୁ ବଙ୍ଗୋପ ସାଗରରେ ସୃଷ୍ଟି ହେବ ଲଘୁଚାପ କ୍ଷେତ୍ର। ଏନେଇ ପାଣିପାଗ ବିଭାଗ ତରଫରୁ ସୂଚନା ଦିଆଯାଇଛି। ସୂଚନା ମୁତାବକ ଆସନ୍ତା ୧୮ ତାରିଖ ସୁଦ୍ଧା ଉତ୍ତର ଆଣ୍ଡାମାନ ସାଗରରେ ସୃଷ୍ଟି ହେବ ଘୂର୍ଣ୍ଣି ବଳୟ। ତେବେ ଏହାର ପ୍ରଭାବ ଓଡ଼ିଶା ଉପରେ କିପରି ରହିବ ସେ ନେଇ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ। ଅନ୍ୟପଟେ ଦୁଇ ଦିନ ମଧ୍ୟରେ ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ଅଞ୍ଚଳରୁ ମୌସୁମୀ ପଳାଇବା ପୂର୍ବାନୁମାନ କରାଯାଇଥିବା ବେଳେ ଚଳିତ ମାସ ପହିଲାରେ ଏପର୍ଯ୍ୟନ୍ତ ରାଜ୍ୟରେ ୧୧୩.୯ ମିଲି ମିଟର ବର୍ଷା ରେକର୍ଡ କରାଯାଇଛି। ବେଳେ ବେଳେ ପାଣିପାଗ ବିଭାଗର ଆକଳନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଯାହା ଫଳରେ ଲୋକମାନେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ପାଣିପାଗ ବିଭାଗର ସଠିକ୍ ଆକଳନ ଲୋକମାନଙ୍କୁ ଆଗରୁ ସତର୍କ ଓ ସଚେତନ ରହିବା ପାଇଁ ସହାୟକ ହୁଅନ୍ତା। କିନ୍ତୁ କେତେକ କ୍ଷେତ୍ରରେ ଏହି ଆକଳନରେ ବ୍ୟତିକ୍ରମ ଘଟୁଥିବା ପରିଲକ୍ଷିତ ହେଉଛି।

ଏକ ତଥ୍ୟ ମୁତାବକ ୧୯୫୫ ମସିହା ଠାରୁ ଓଡ଼ିଶାରେ ବିଭିନ୍ନ ସମୟରେ ବନ୍ୟା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଧନଜୀବନ ମଧ୍ୟ ହାନି ହୋଇଛି। ଆମ ରାଜ୍ୟରେ ସଂଗଠିତ ବନ୍ୟା ୧୯୫୫, ୧୯୭୦, ୧୯୭୯, ୧୯୮୨, ୨୦୧୧, ୨୦୧୯ର କ୍ଷୟକ୍ଷତି ଓ ଦୟନୀୟ ଅବସ୍ଥା ଆମେ ସମସ୍ତେ ଅଙ୍ଗେ ନିଭେଇଛୁ। ସେହିପରି ୧୮୯୧ରୁ ୧୯୦୦ ମସିହା ମଧ୍ୟରେ ୨୦ଟି ବାତ୍ୟା ସୃଷ୍ଟି ହୋଇଥିବା ବେଳେ ପରବର୍ତ୍ତୀ ଦଶନ୍ଧିରେ ଏହି ବାତ୍ୟା ସଂଖ୍ୟା ୯ ଥିଲା। ୧୯୧୧ରୁ ୧୯୨୦ ମଧ୍ୟରେ ୧୨ଟି, ୧୯୪୧ରୁ ୧୯୫୦ ମଧ୍ୟରେ ୧୦ଟି ବାତ୍ୟ ସାମ୍ନା କରିଛି ଓଡ଼ିଶା। ଏ ପ୍ରସଙ୍ଗରେ ସାମୁଦ୍ରିକ ବିଜ୍ଞାନୀ ପ୍ରଫେସର ପ୍ରତାପ କୁମାର ମହାନ୍ତି କହିଛନ୍ତି ଯେ, ୧୯୯୯ ମହାବାତ୍ୟା ପରେ ୧୦ ବର୍ଷ ଧରି ରାଜ୍ୟ ଆଦୌ ବାତ୍ୟା ସାମ୍ନା କରିନଥିଲା। ଅଥଚ ୨୦୧୧ରୁ ୨୦୨୦ ମଧ୍ୟରେ ୩ଟି ବଡ ବାତ୍ୟା ସହ ୭ଟି ବାତ୍ୟା ଓଡ଼ିଶା ଉପକୂଳ ଦେଇ ଯାଇଛି। ନିକଟରେ 'ୟସ'କୁ ମିଶାଇଲେ ଏହି ସଂଖ୍ୟା ୪ ହେବ। ଆଉ ଏକ ରିପୋର୍ଟରୁ ଜଣାପଡିଛି ଭାରତବର୍ଷର ୯୬ଟି ଜିଲ୍ଲା ବାତ୍ୟା ପ୍ରବଣ। ତନ୍ମଧ୍ୟରୁ ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, ବାଲେଶ୍ୱର, ଭଦ୍ରକଓ ଆନ୍ଧ୍ରର ମଛଲିପଟନ ଆଦି ବାତ୍ୟା ଦୃଷ୍ଟିରୁ ଅତି ସମ୍ବେଦନଶୀଳ ବୋଲି କୁହାଯଉଛି। ଗବେଷଣାରୁ ଜଣାପଡିଛି ମୌସୁମୀ ପରବର୍ତ୍ତୀ ସମୟରେ ଅଧିକ ବାତ୍ୟା ଆସୁଛି। ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଯଦିଓ ରାଜ୍ୟ ସରକାର ଅନେକାଂଶରେ ସକ୍ଷମ ହୋଇଛନ୍ତି ତଥାପି ଏହାର ପ୍ରଭାବ ଅଧିକ ଘାତକ ହେଉଛି।

ଏକ ତଥ୍ୟ ମୁତାବକ ୧୮୯୧ରୁ ୧୯୦୦ ମସିହା ମଧ୍ୟରେ ୨୦ଟି ବାତ୍ୟା ସୃଷ୍ଟି ହୋଇଥିବା ବେଳେ ପରବର୍ତ୍ତୀ ଦଶନ୍ଧିରେ ଏହି ବାତ୍ୟା ସଂଖ୍ୟା ୯ ଥିଲା। ୧୯୧୧ରୁ ୧୯୨୦ ମଧ୍ୟରେ ୧୨ଟି, ୧୯୪୧ରୁ ୧୯୫୦ ମଧ୍ୟରେ ୧୦ଟି ବାତ୍ୟା ସାମ୍ନା କରିଛି ଓଡ଼ିଶା। ଏ ପ୍ରସଙ୍ଗରେ ସାମୁଦ୍ରିକ ବିଜ୍ଞାନୀ ପ୍ରଫେସର ପ୍ରତାପ କୁମାର ମହାନ୍ତି କହିଛନ୍ତି ଯେ, ୧୯୯୯ ମହାବାତ୍ୟା ପରେ ୧୦ ବର୍ଷ ଧରି ରାଜ୍ୟ ଆଦୌ ବାତ୍ୟା ସାମ୍ନା କରିନଥିଲା। ଅଥଚ ୨୦୧୧ରୁ ୨୦୨୦ ମଧ୍ୟରେ ୩ଟି ବଡ ବାତ୍ୟା ସହ ୭ଟି ବାତ୍ୟା ଓଡ଼ିଶା ଉପକୂଳ ଦେଇ ଯାଇଛି। ନିକଟରେ 'ୟସ'କୁ ମିଶାଇଲେ ଏହି ସଂଖ୍ୟା ୪ ହେବ। ଆଉ ଏକ ରିପୋର୍ଟରୁ ଜଣାପଡ଼ିଛି ଭାରତବର୍ଷର ୯୬ଟି ଜିଲ୍ଲା ବାତ୍ୟା ପ୍ରବଣ। ତନ୍ମଧ୍ୟରୁ ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା, ବାଲେଶ୍ୱର, ଭଦ୍ରକଓ ଆନ୍ଧ୍ରର ମଛଲିପଟନ ଆଦି ବାତ୍ୟା ଦୃଷ୍ଟିରୁ ଅତି ସମ୍ବେଦନଶୀଳ ବୋଲି କୁହାଯଉଛି। ଗବେଷଣାରୁ ଜଣାପଡ଼ିଛି ମୌସୁମୀ ପରବର୍ତ୍ତୀ ସମୟରେ ଅଧିକ ବାତ୍ୟା ଆସୁଛି। ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଯଦିଓ ରାଜ୍ୟ ସରକାର ଅନେକାଂଶରେ ସକ୍ଷମ ହୋଇଛନ୍ତି ତଥାପି ଏହାର ପ୍ରଭାବ ଅଧିକ ଘାତକ ହେଉଛି।

ଭାରତ ଇତିହାସରେ ସବୁଠାରୁ ପ୍ରଳୟଙ୍କରୀ ବାତ୍ୟା ଆସିଥିଲା ୧୯୯୯ ମସିହାରେ। ଆଣ୍ଡାମାନ ସାଗରରେ ୨୫ ଅକ୍ଟୋବରରେ ସୃଷ୍ଟି ହୋଇ ଏହା ଧୀରେ ଧୀରେ ଶକ୍ତିଶାଳୀ ହୋଇ ମହାବାତ୍ୟା ରୂପ ନେଇଥିଲା। ଜଗତସିଂହପୁର ଜିଲ୍ଲାରେ ଅକ୍ଟୋବର ୨୯ ତାରିଖରେ ଏହା ସ୍ଥଳଭାଗ ଅତିକ୍ରମ କରିଥିଲା। ବାତ୍ୟା ସ୍ଥଳଭାଗରେ ମାଡ଼ ସମୟରେ ଘଣ୍ଟା ପ୍ରତି ୨୬୦ କି.ମି ବେଗରେ ପବନ ବହିଥିଲା। ଫଳରେ ଜଗତସିଂହପୁର ଜିଲ୍ଲା ସମେତ ଉପକୂଳିଆ ଜିଲ୍ଲାଗୁଡ଼ିକ ଛାରଖାର ହୋଇଯାଇଥିଲା। ବାତ୍ୟା ମାଡ଼ ହେବା ପରେ ସମୁଦ୍ରରେ ୧୫ରୁ ୨୦ ଫୁଟ ଉଚ୍ଚର ଜୁଆର ଉଠିବା ସହିତ ପ୍ରାୟ ୩୫ କି.ମି ପର୍ଯ୍ୟନ୍ତ ସମୁଦ୍ର ପାଣି ମାଡ଼ି ଆସିଥିଲା। ଏହି ବାତ୍ୟାରେ ସରକାରୀ ଭାବେ ରାଜ୍ୟରେ ପ୍ରାୟ ୧୦ ହଜାର ଲୋକ ପ୍ରାଣ ହରାଇଥିବା ବେଳେ ୧ କୋଟି ୨୫ ଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ। ୧୮ଲକ୍ଷରୁ ଅଧିକ ଘର ମାଟିରେ ମିଶିଥିଲା। ଅଦ୍ୟାବଧି ଏହାକୁ ଭାରତର ସବୁଠାରୁ ବଡ ବାତ୍ୟା ଭାବେ ବେବେଚନା କରାଯାଉଛି।

ଜଳବାୟୁ ପରିବର୍ତ୍ତନ ଆମ ପାଇଁ ବିପଦକୁ ଡାକି ଆଣୁଛି। ଏନେଇ ସାମୁଦ୍ରିକ ବିଜ୍ଞାନୀମାନେ ଅଙ୍କକଷା ଆରମ୍ଭ କରିଛନ୍ତି। ଏହି ଜଳ ବାୟୁ ପରିବର୍ତ୍ତନ ପ୍ରଭାବରେ ସମୁଦ୍ର ପୂର୍ବାପେକ୍ଷା ଅଧିକ ଉତ୍ତପ୍ତ ରହୁଛି। ଫଳରେ ପ୍ରତିବର୍ଷ ହାରାହାରି ଗୋଟିଏ ବଡ ବାତ୍ୟା ରାଜ୍ୟର ମେରୁଦଣ୍ଡ ଉପରେ ପ୍ରଚଣ୍ଡ ଆଘାତ ଦେଉଛି। ସୂଚନାଯୋଗ୍ୟ ଯେ, ଗତ ୩ବର୍ଷ ମଧ୍ୟରେ ପାଖା ପାଖି ଦେଢଲକ୍ଷ ଘର ମାଟିରେ ମିଶିଛି। ୭ଲକ୍ଷ ହେକ୍ଟର ଜମିର ଫସଲ ଉଜୁଡିଛି। ୪ହଜାରରୁ ଊର୍ଦ୍ଧ୍ୱ ଗୋସମ୍ପଦ ନଷ୍ଟ ହୋଇଛନ୍ତି। ଏଥିରୁ ଜଣା ପଡୁଛି ଯେ, ଓଡ଼ିଶା ଏବେ ବାତ୍ୟା ଦୃଷ୍ଟିରୁ ଅତି ସମ୍ବେଦନଶୀଳ ରାଜ୍ୟ ହୋଇପଡ଼ିଛି। ଯଦିଓ ୧୮୯୧ରୁ ୨୦୨୧ମସିହା ମଧ୍ୟରେ ବାତ୍ୟା ସଂଖ୍ୟା ଧୀରେଧୀରେ କମିବାରେ ଲାଗଛି ତଥାପି ଆସୁଥିବା ବାତ୍ୟାର ପ୍ରକୋପ ପୂର୍ବ ତୁଳନାରେ ଅଧିକ ରହୁଛି।

ଏବେ ଲଘୁଚାପ ଆସିଲେ ଲୋକଙ୍କ ମନରେ ବାତ୍ୟା ଓ ବନ୍ୟା ଭୟ ଲୋକଙ୍କୁ ଘାରୁଛି। ତାପାୟନ ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଏବେ ଆମ ପାଇଁ ଚିନ୍ତାର କାରଣ ହୋଇଛି। କାରଣ ଖୋଜି ବସିଲେ ପ୍ରକୃତି ବିଶ୍ୱମାନବ ସମାଜକୁ ଦେଇଛି ଜଳ, ବାୟୁ, ମୃର୍ତ୍ତିକା, ଶିଳ୍ପ ଅଭିବୃଦ୍ଧି, ସଡ଼କ ନିର୍ମାଣ, ଲୋକଙ୍କ ଚାହିଦା ମେଣ୍ଟାଇବା ପାଇଁ ବସତି ନିର୍ମାଣ ପ୍ରଭୃତି ହେତୁ ବ୍ୟାପକ ଜଙ୍ଗଲ କଟା ଚାଲିଛି। ଫଳରେ ବାୟୁମଣ୍ଡଳରୁ ଅମ୍ଳଜାନ କମି ବିଷାକ୍ତ ଅଙ୍ଗାରକାମ୍ଳ ଗ୍ୟାସ୍ ବୃଦ୍ଧି ପାଇ ବିଶ୍ୱ ତାପମାତ୍ରା ବଢ଼ିବାରେ ଲାଗିଛି। ଖାଲି ସେତିକି ନୁହେଁ କଳକାରକାନାରୁ ନିର୍ଗତ ଗ୍ୟାସ୍ ଏବଂ ଅନ୍ୟାନ୍ୟ ରାସାୟନିକ ପ୍ରକ୍ରିୟା ଓ ପ୍ରତିକ୍ରିୟାରୁ ବାୟୁ, ଜଳ, ମୃତ୍ତିକା ମଧ୍ୟ ପ୍ରଦୂଷିତ ହେଉଛି। ଅଜ୍ଞାନ ବାଳକ ସିନା ଜାଣି ନଥିଲା, ହେଲେ ଏବର ବିଜ୍ଞାନୀ ପୁଅମାନେ ଭଲଭାବେ ଜାଣିଛନ୍ତି ଯେ ପ୍ରକୃତିମାତା ସୁକୁମାର ଭାବେ ଗଢ଼ା। ବୈଜ୍ଞାନିକଙ୍କ ମତରେ ତାପ ଓ ଶୀତଳତା ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ପାଇଁ ବୃକ୍ଷରାଜି ଓ ବନାନୀ ଏକାନ୍ତ ଆବଶ୍ୟକ। ୧୯୯୯ ମସିହା ମହାବାତ୍ୟା ଠାରୁ ଆରମ୍ଭ କରି ଶକ୍ତିଶାଳୀ ଫାଇଲିନ୍ ଓ ହୁଡ୍‌ହୁଡ୍ ଭଳି ଶକ୍ତିଶାଳୀ ବାତ୍ୟା ଏବଂ ୧୯୫୮ ଠାରୁ ୨୦୦୩ ଭିତରେ ଓଡ଼ିଶାରେ ଦେଖାଦେଇଛି ୧୬ଟି ବନ୍ୟା। ଏସବୁର ମୁକାବିଲା ପାଇଁ ସବୁ ସ୍ତରରେ ବଳିଷ୍ଠ ପଦକ୍ଷେପ ନେବାର ସମୟ ଆସିଛି।



# ଅଯୋଗ୍ୟ ପଦାଧିକାରୀଙ୍କୁ ବିତାଡିତ କରାଯିବା ଆବଶ୍ୟକ

ଦେଶ ତଥା ରାଜ୍ୟ ଗୁଡିକର ପ୍ରଶାସନିକ କ୍ଷେତ୍ରରେ ନିୟୋଜିତ ଲକ୍ଷ ଲକ୍ଷ ସରକାରୀ ପଦାଧିକାରୀ / ଚାକିରିଆଙ୍କୁ ସର୍ବସାଧାରଣ ଅର୍ଥରୁ ଯଥେଷ୍ଟ ମାତ୍ରାରେ ଦରମା ଦିଆଯାଇଥାଏ କେବଳ ସେମାନଙ୍କ ଦାୟିତ୍ୱବୋଧତା କାରଣରୁ ଯେ ସେମାନେ ପ୍ରତ୍ୟେକ ସୋପାନର କାର୍ଯ୍ୟ ଗୁଡିକ ସାମ୍ବିଧାନିକ ଆଇନ ତଥା ସରକାରୀ ଚାକିରୀ ନିୟମାବଳୀକୁ ଆଧାର କରି ନିଜର ଦାଇତ୍ୱ ତୁଲାଇବେ। ଆଇନ କାନୁନ ନଜାଣି କିମ୍ବା ସବୁ ଜାଣିଶୁଣି ବେଆଇନ କାର୍ଯ୍ୟ କରି ସରକାରୀ ତହବିଲରୁ କୋଟି କୋଟି ଟଙ୍କା କ୍ଷତି କରିବା ଅର୍ଥାତ ସେ ଜଣେ ପଦାଧିକାରୀ ପଦବାଚ୍ୟ ନହେବା ଆବଶ୍ୟକ। ସେହିଭଳି କ୍ଷେତ୍ରରେ ସେମାନଙ୍କୁ ସରକାରୀ ଅଧିକାରୀ ପଦରୁ ବହିଷ୍କାର କରି ବିତାଡିତ କରାଯିବା ଅନିବାର୍ଯ୍ୟ ଆବଶ୍ୟକ। ଅନେକ କ୍ଷେତ୍ରରେ ଦେଖିବାକୁ ମିଳୁଛି ଯେ ସରକାରୀ ପଦାଧିକାରୀ ମାନେ କେତେବେଳେ ଅଜ୍ଞାନତା, ଆଇନ କାନୁନ ବିଷୟରେ ଅନଭିଜ୍ଞତା, ବ୍ୟକ୍ତିଗତ ଆଗ୍ରହ, ଆର୍ଥିକ ଲାଞ୍ଚ ଆଶା କରି ନପାଇବା, ବ୍ୟକ୍ତିଗତ ଆକ୍ରୋଶ ହେଉ କିମ୍ବା ଆତ୍ମ ଅହଙ୍କାର ଜନିତ ଅଧସ୍ତନ କର୍ମଚାରୀ କିମ୍ବା ଜନସାଧାରଣଙ୍କୁ ବ୍ୟାପକ କ୍ଷତି ପହଂଚାଇଥାନ୍ତି। ଭାରତୀୟ ସାମ୍ବିଧାନିକ କ୍ଷମତାର ଅପବ୍ୟବହାର କରି ସେମାନେ ନିଜ ଇଚ୍ଛା ମୁତାବକ ଅନେକ ଅକର୍ତ୍ତବ୍ୟତଥା ବେଖାତିରି ଭାବେ ଅନୈତିକ କାର୍ଯ୍ୟ କରିଥାନ୍ତି ଯାହା ଦ୍ୱାରା ସାଧାରଣ ଲୋକେ ଆଶାତୀତ କ୍ଷତିରେ ପଡୁଛନ୍ତି। ଏମିତିକି ଅନେକ ସମୟରେ ସରକାରୀ ତହବିଲ୍‌ରୁ କୋଟି କୋଟି ଟଙ୍କା କ୍ଷତି ହେଉଛି ସେହିଭଳି ପଦାଧିକାରୀଙ୍କ ମନମାନୀ କାର୍ଯ୍ୟ କଳାପ କାରଣରୁ। ସେମାନଙ୍କ ଦାଇତ୍ୱ ଭୁଲି ଯାଇ ଆଇନର ସୀମାରେଖା ପାର କରି କରୁଥିବା ସ୍ୱେଚ୍ଛାଚାରୀ କାର୍ଯ୍ୟ ହେତୁ ବ୍ୟାପକ କ୍ଷତି ହେଉଥିବା ବେଳେ ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା କାରଣରୁ ଏହିଭଳି ଅସଂଖ୍ୟ ଘଟଣାର ଉଦୟମାନ ହେଉଛି ପ୍ରାୟତଃ ଅନେକ ସମୟରେ। ନିକଟ ଅତୀତରେ ତା. ୨୨.୧୨.୨୪ରେ ଦୈନିକ ଖବର କାଗଜ ସମାଜରେ ପ୍ରକାଶିତ ମୟୁରଭେଡ଼ି.ଇ.ଓଙ୍କ କାର୍ଯ୍ୟର ନମୁନା ଦେଖିଲେ ଜାଣିହେବ ଯେ ଏମିତି ଆହୁରି ଅନେକ ଉଦାହରଣ ମିଳିବ ଆଜି ସମୟରେ ରାଜ୍ୟବ୍ୟାପୀ ବିଭିନ୍ନ ବିଭାଗରେ।

କିଛି ଉଦାହରଣ ନେଇ ଦେଖିଲେ ଜାଣିହେବ ଯେ ଜଣେ ପଦାଧିକାରୀ ତାଙ୍କ ଅଧସ୍ତନ କର୍ମଚାରୀଙ୍କ ଠାରୁ ବ୍ୟକ୍ତିଗତ ସ୍ୱାର୍ଥ କିମ୍ବା ଲା□ ଆଶା କରି ନପାଇବା ପରେ ଯଥେଷ୍ଟ ପ୍ରମାଣ ନଥାଇ ମଧ୍ୟ ବିଭିନ୍ନ ଆଳରେ ତାଙ୍କୁ ନିଲମ୍ବନ କରୁଛନ୍ତି। ବେଳେ ବେଳେ ଚାକିରିରୁ ବହିଷ୍କାର ମଧ୍ୟ କରିଦେଉଛନ୍ତି ! ପରବର୍ତ୍ତୀ ସମୟରେ ସମ୍ପୃକ୍ତ ନିରୀହ ଚାକିରିଆ ଜଣକ ମାନ୍ୟବର ନ୍ୟାୟାଳୟଙ୍କ ଆଶ୍ରୟ ନେଇ ବହୁ ବର୍ଷ ପରେ ଚାକିରୀରେ ପୁନଃ ପ୍ରବିଷ୍ଟ ହେବା ସହିତ ସେହି ସମୟ ଗୁଡିକର ସମସ୍ତ ଦରମା ପାଉଛନ୍ତି କାର୍ଯ୍ୟ ନକରି। ଏହା ସରକାରୀ ଅର୍ଥରୁ ଦିଆଯାଉଥିବା ବେଳେ ସମ୍ପୃକ୍ତ ପୀଡିତ / ପୀଡ଼ିତାଙ୍କ ମାନସିକ ଯନ୍ତ୍ରଣା ତଥା ସାମାଜିକ କ୍ଷତି ପୁରଣ କରାଯାଇ ଥାଏ ସମ୍ପୃକ୍ତ ଅଧିକାରୀଙ୍କ ଠାରୁ ଯିଏ କ୍ଷମତାର ଅପବ୍ୟବହାର କରି କରିଥାନ୍ତି ସେହି ବେନିୟମ କାର୍ଯ୍ୟ। ଦେଖିବାକୁ ମିଳୁଛି ଯେ ଜଣେ ଉଚ୍ଚ ସ୍ତରୀୟ ଅଧିକାରୀ ନିଜର ଆଗ୍ରହକୁ ଚରିତାର୍ଥ କରିବା ପାଇଁ ସାମ୍ବିଧାନିକ ଆଇନର ଅପବ୍ୟବହାର କରିବେ ଆଉ ସରକାର ସମ୍ପୃକ୍ତ ପୀଡିତ / ପୀଡ଼ିତାଙ୍କ ଠାରୁ କୌଣସି କାର୍ଯ୍ୟ ହାସଲ ନକରି ନ୍ୟାୟାଳୟରେ ଫଇସଲା ନହେବା ପର୍ଯ୍ୟ' ଘରେ ବସାଇ ମାନ୍ୟବର ନ୍ୟାୟମୂର୍ତ୍ତିଙ୍କ ନିର୍ଦ୍ଦେଶ ଆସିବା ପରେ ତାଙ୍କୁ ବର୍ଷ ବର୍ଷର ଦରମା ଦେବେ ! କାହିଁକି ?

ଏଠାରେ ଉଲ୍ଲେଖ ଯୋଗ୍ୟ ବିଷୟ ଏହାକି ଯେ ଯେହେତୁ ପଦାଧିକାରୀ ମାନେ ଉଚ୍ଚ ଶିକ୍ଷିତ ଓ ଜ୍ଞାନ ସମ୍ପନ୍ନ ହୋଇଥିବା କାରଣରୁ ସେମାନଙ୍କୁ ଉଚ୍ଚ ସ୍ଥାନିତ କରାଯାଉ ଅଛି ଏବଂ ତଦନୁଯାୟୀ ସେମାନଙ୍କ ଦରମା ମଧ୍ୟ ଉଚ୍ଚ ଆକାରରେ ପ୍ରଦାନ କରାଯାଉ ଅଛି ତେଣୁ ଯେକୌଣସି ବ୍ୟତିକ୍ରମ ପାଇଁ ସେମାନେ ହିଁ ସମ୍ପୂର୍ଣ୍ଣ ଦାୟୀ ରହିବା ସହିତ ସମସ୍ତ ଆର୍ଥିକ ଦେୟ, ଦରମା ତଥା କ୍ଷତି ପୁରଣ କେବଳ ସେମାନଙ୍କ ଠାରୁ ହିଁ ଆଦାୟ କରାଯିବା ବିଧେୟ। ପୁନର୍ବାର ସେମାନଙ୍କ ଏତାଦୃଶ କାର୍ଯ୍ୟକଳାପ ହେତୁ ନିରୀହ ଲୋକଙ୍କ କ୍ଷତି ସହିତ ସରକାରୀ କଳର ବ୍ୟାପକ କ୍ଷତି / ଅସୁବିଧା / ଅପମାନ ତଥା ଗଣତନ୍ତ୍ରର ଅମର୍ଯ୍ୟାଦା ହେଉଥିବା କାରଣରୁ ସେମାନଙ୍କୁ କଠୋର ଶାସ୍ତି ଦେବା ସହିତ ଚାକିରିରୁ ବହିଷ୍କାର କରାଯିବା ମଧ୍ୟ ବିଧେୟ ! କାରଣ ସେମାନେ ସ୍ୱର୍ଗରୁ ଅନୁମୋଦନ କରି ଆଣି ନାହାନ୍ତି ଯେ ସେମାନେ ଯାହା କଲେ ମଧ୍ୟ ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ! ଏବଂ ସେମାନଙ୍କ କାର୍ଯ୍ୟକଳାପ / ନିଷ୍ପତ୍ତି ହିଁ ଶେଷ ! ଅଦ୍ୟାବଧି ସେମାନଙ୍କ ପାଇଁ ରହିଥିବା ଦଣ୍ଡ ବିଧାନ ଆଇନ ଗୁଡିକ ବ୍ରିଟିଶ୍‌ର କୋହଳ ନୀତି ଆଧାରିତ ହୋଇଥିବା କାରଣରୁ ପ୍ରାୟତଃ କାହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରୁ ନାହିଁ। ତେଣୁ ସରକାର ଏଥି ପ୍ରତି ସଚେତନ ହୋଇ ପ୍ରକୃତ ଗଣତାନ୍ତ୍ରିକ ପଦ୍ଧତିରେ ସର୍ବଜନ ସମାନ ନୀତିରେ ସେମାନଙ୍କ ପାଇଁ ମଧ୍ୟ କଠୋର ଆଇନ ଆଣିବା ଦିଗରେ ଉପଯୁକ୍ତ ପଦକ୍ଷେପ ନେବା ଏକା' ଆବଶ୍ୟକ।

ଚାକୀରିଆଙ୍କ କ୍ଷେତ୍ରରେ ସରକାରୀ ତହବିଲରୁ କ୍ଷତି ହେଉଥିବା ବେଳେ ଅନ୍ୟ ପକ୍ଷରେ ଦେଖିବାକୁ ଗଲେ କେତେକ ପଦାଧିକାରୀଙ୍କ ଯୋଗୁ ସାଧାରଣ ଲୋକେ ମଧ୍ୟ ବ୍ୟାପକ କ୍ଷତି / ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଣେ ସାଧାରଣ ଲୋକକୁ ସରକାରୀ ପଦାଧିକାରୀ ବ୍ରିଟିଶ୍‌ର ବଡ଼ଲାଟ ସଦୃଶ୍ୟ ନିଜ ପାଦ ତଳର ଚାକର ଭଳି ଆଚରଣ କରିବା ସହିତ ସେମାନଙ୍କୁ ବ୍ୟାପକ ଅସୁବିଧା ତଥା କ୍ଷତିରେ ପକାଉଥିବା ଉଦାହରଣ କିଛି କମ୍ ଦେଖିବାକୁ ମିଳୁନାହିଁ ଆମ ସମାଜରେ। ଉଦାହରଣ ସ୍ୱରୂପ ଜଣେ ଲୋକ ତାର ଜମି ଚିହ୍ନଟ କଲେ ବିକ୍ରି କରି ଝିଅ ବାହାଘର କରିବ କିମ୍ବା ପାରିବାରିକ ଜରୁରୀ କାଳୀନ ସାଙ୍ଘାତିକ ରୋଗ ଚିକିତ୍ସା କରିବା ହେଉ କି ଅନ୍ୟାନ୍ୟ କୌଣସି ଅସୁବିଧାର ମୁକାବିଲା କରିବା ପାଇଁ ବ୍ୟବହାର କରିବା ଉଦ୍ଦେଶ୍ୟରେ ବ୍ୟାକୁଳତା ପ୍ରଦର୍ଶନ କରୁଥିବ ! ଠିକଣା ସମୟରେ ସମ୍ପୃକ୍ତ ରାଜସ୍ୱ ବିଭାଗୀୟ ପଦାଧିକାରୀ ମାନେ ତା'ର ତଣ୍ଡି ଧରିଥାନ୍ତି ! କେତେବେଳେ ବ୍ୟାପକ ଲା□ ଦାବିକରି ହେଉ କିମ୍ବା ଆଉ କେତେବେଳେ ସମ୍ପୃକ୍ତ ଜମିକୁ ଜାଲିଆତି କରି ମାଫିଆଙ୍କ ହାତରେ ଟେକିଦେଇ କାନ୍ଦିଲି କିଲିବିଲି କରୁଛନ୍ତି ନିରୀହ ଜନତାଙ୍କୁ। ଅନେକ ସମୟରେ ସମ୍ପୃକ୍ତ ପୀଡିତ /ପୀଡିତା ନ୍ୟାୟାଳୟର ଆଶ୍ରୟ ନେଇ ନିଜର ଅଧିକାର ସାବ୍ୟସ୍ତ କରିବା ବେଳକୁ ସେହି ଲୋକଟି ଆଉ ଜୀବନରେ ବଞ୍ଚି ନଥାଏ। ତା'ର ଉତ୍ତରାଧିକାରୀ ଙ୍କୁ ମଧ୍ୟ ସମୁଚିତ ନ୍ୟାୟ ମିଳିବାର କୌଣସି ନିର୍ଦ୍ଦିଷ୍ଟ ଠିକଣା ମିଳୁନାହିଁ। ଏଭଳି କ୍ଷେତ୍ରରେ ଜଣେ ନିରୀହ ସାଧାରଣ ଜନତାକୁ ତାର ନ୍ୟାୟ ଅପେକ୍ଷା କ୍ଷତିର ଭାର ଅଧିକ ହେଉଥିବା ବେଳେ ତାହା କାହାଠାରୁ ଭରଣା କରାଯାଉ ନଥିବା ଦେଖିବାକୁ ମିଳୁଛି। ହେଲେ ଏହି ପଦସ୍ଥ ଅଧିକାରୀଙ୍କ ମନମାନୀ ସ୍ୱେଚ୍ଛାଚାରୀ କାର୍ଯ୍ୟ କଳାପ ହେତୁ ନିରୀହ ଜନତା ଯେ ବ୍ୟାପକ କ୍ଷତିର ଶିକାର ହେଉଛନ୍ତି କେବଳ ସେମାନଙ୍କ ଉପରେ ସେହିଭଳି କୌଣସି ଆଖିଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ହେଉନଥିବା କାରଣରୁ। ଏହାପ୍ରତି ସରକାର ସଚେତନ ହୋଇ କଡାକଡି ଭାବେ ନିୟମ ଲାଗୁ ନକଲେ ଯେ ଏହା ଗଣତନ୍ତ୍ର ପ୍ରତି ଏକ ଉପହାସ ବ୍ୟତୀତ ଆଉ କିଛି କୁହାଯାଇ ପାରିବ ନାହିଁ।

ସେହିଭଳି ଚିକିତ୍ସା କ୍ଷେତ୍ରରେ ଡାକ୍ତରଙ୍କ ମନମାନୀ ହେଉ କିମ୍ବା କାରିଗରୀ କୌଶଳ ଜନିତ ବିଭିନ୍ନ ସରକାରୀ ନିର୍ମାଣ କାର୍ଯ୍ୟରେ କେତେବେଳେ ଅଜ୍ଞାନତା ବଶତଃ ତ ଆଉ କେତେବେଳେ ଭ୍ରଷ୍ଟାଚାର ଜନିତ କ୍ଷତି ସହିବାକୁ ପଡୁଛି ସରକାର ତଥା ଜନସାଧାରଣଙ୍କୁ ଯାହା ସମସ୍ତେ ଜାଣନ୍ତି। କହିବାକୁ ଗଲେ ଆମ ଦେଶରେ ପ୍ରାୟତଃ ଦାୟିତ୍ୱବାନ ପଦାଧିକାରୀଙ୍କ ଉପରେ ସେହିଭଳି କୌଣସି ଆଖିଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନର ଅଭାବ କାରଣରୁ ସମସ୍ତେ ଏକ ରକମ ବେଖାତିରି କରି ଚଳାଉଛନ୍ତି ନିଜର ସାମ୍ରାଜ୍ୟ ଯିଏ ଯେଉଁଠାରେ ଅବସ୍ଥାପିତ ହୋଇଛନ୍ତି ସରକାରୀ କାର୍ଯ୍ୟାଳୟରେ। ସରକାର ଏଦିଗରେ ସ୍ୱତନ୍ତ୍ର ନିୟମ କଡାକଡି ଭାବେ ଲାଗୁ କରିବା ସହିତ ଯେ କୌଣସି କ୍ଷେତ୍ରରେ ସମସ୍ତ କ୍ଷତି ସମ୍ପୃକ୍ତ ପଦାଧିକାରୀଙ୍କ ଠାରୁ ଆଦାୟ କରିବା ସହିତ ସେମାନଙ୍କୁ ଚାକିରିରୁ ବହିଷ୍କାର କରାଯିବା ଭଳି କଠୋର ନିୟମ ଲାଗୁ ନକଲେ ଯେ ଏହାର ସମାଧାନ ହେବା ଅସମ୍ଭବ ! କାରଣ ପ୍ରାୟତଃ ପଦାଧିକାରୀ ମାନେ ଏକ ମିଳିତ ଗୋଷ୍ଠୀ ଭାବେ କାର୍ଯ୍ୟ କରି ଜଣେ ଅନ୍ୟକୁ ସୁରକ୍ଷିତ ରଖିବା ପାଇଁ ପ୍ରୟାସ କରି ଚଳାଉଛନ୍ତି ସେମାନଙ୍କ ଗୁପ୍ତ ରାଜତନ୍ତ୍ର ଯାହାଦ୍ୱାରା କେତେବେଳେ ସରକାରୀ ତହବିଲ ତ ଆଉ କେତେବେଳ ନିରୀହ ସାଧାରଣ ଲୋକଙ୍କ ବ୍ୟାପକ କ୍ଷତି ହେଉଥିବା ଦେଖିବାକୁ ମିଳୁଛି। ସରକାରୀ କାର୍ଯ୍ୟାଳୟ ଗୁଡିକରେ ଦୁର୍ନୀତି ବା ଲା□ କାରବାର ଗୁଡିକ ପ୍ରାୟତଃ ସମ୍ପୃକ୍ତ ଅଧିକାରୀଙ୍କ ଗୋଚର ତଥା ଆଗ୍ରହରେ କାର୍ଯ୍ୟାଳୟ ସହାୟକ ହୁଅନ୍ତୁ କିମ୍ବା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ମାଧ୍ୟମରେ କରାଯାଇ ଥାଏ। ଯଦି କୌଣସି ସମୟରେ ଭିଜିଲାନ୍ସ କିମ୍ବା ଅନ୍ୟାନ୍ୟ କୌଣସି ଚଢ଼ାଉ ହୁଏ ତାହେଲେ ସମ୍ପୃକ୍ତ ତୃତୀୟ କିମ୍ବା ଚତୁର୍ଥ ଶ୍ରେଣୀ କର୍ମଚାରୀ ହିଁ ଅଭିଯୁକ୍ତ ସାବ୍ୟସ୍ତ ହୁଅନ୍ତି ଏବଂ ସମସ୍ତ ଦଣ୍ଡବିଧାନ ସେମାନଙ୍କ ଉପରେ ହୋଇଥାଏ। ଏହା କିନ୍ତୁ ଗଣତାନ୍ତ୍ରିକ ବ୍ୟବସ୍ଥିତ ନୁହେଁ ! କାରଣ ଯେହେତୁ ସମ୍ପୃକ୍ତ ତୃତୀୟ କିମ୍ବା ଚତୁର୍ଥ ଶ୍ରେଣୀ କର୍ମଚାରୀ ଜଣେ ନିରୀହ ବ୍ୟକ୍ତି ଏବଂ ସମ୍ପୃକ୍ତ ଅଧିକାରୀ ସେମାନଙ୍କ ଉପରେ ଚାପ ପକାଇ ସେହି କାର୍ଯ୍ୟରେ ତାଙ୍କୁ ନିୟୋଜିତ କରୁଛନ୍ତି ତେଣୁ କୌଣସି କାର୍ଯ୍ୟାଳୟରେ ଯଦି ଦୁର୍ନୀତିର ଗନ୍ଧ ବାହାରେ ତାହେଲେ ସମ୍ପୃକ୍ତ ଅଧିକାରୀ ହିଁ ୧୦୦ ପ୍ରତିଶତ ଦୋଷୀ ସାବ୍ୟସ୍ତ ହେବା ଏକାନ୍ତ ଆବଶ୍ୟକ। ତାଙ୍କୁ ସେହି କାର୍ଯ୍ୟାଳୟର ସମସ୍ତ ଦାଇତ୍ୱ ଦିଆଯାଇ ଥିବା ହେତୁ ସେହି କାର୍ଯ୍ୟାଳୟର ସମସ୍ତ ଭଲ ମନ୍ଦ ପାଇଁ କେବଳ ସମ୍ପୃକ୍ତ ଅଧିକାରୀ ହିଁ ଦାୟୀ ରହିବେ ବୋଲି ଘୋଷଣା କରାଗଲେ ଖୁବ୍ କମ୍ ସମୟରେ ଦୁର୍ନୀତି ଦୂର କରାଯାଇ ପାରିବ। ଏଥି ପ୍ରତି ସରକାର ସଚେତନ ହୋଇ ଠିକଣା ନିୟମ ଜାରି କଲେ ଯେ ଆମ ଦେଶ ଅନେକାଂଶରେ ଦୁର୍ନୀତି ମୁକ୍ତ ହୋଇ ପାରିବ ସେଇଥିରେ କୌଣସି ସନ୍ଦେହ ନାହିଁ। ଯଥା ଶୀଘ୍ର ପଦାଧିକାରୀ ମାନଙ୍କ ପାଇଁ ସର୍ବ ସମାନ ଗଣତାନ୍ତ୍ରିକ ପଦ୍ଧତିରେ କଡା ନିୟମ ଜାରି କରାଯିବା ସହିତ ସେମାନଙ୍କ କାର୍ଯ୍ୟ କଳାପ ଗୁଡିକ ଉପରେ କଡା ନଜର ରଖି ଅବିଳମ୍ବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ଭଳି ନିୟମ କରାଗଲେ ସମାଜର ମଙ୍ଗଳ ସାଧିତ ହୋଇ ପାରିବ। ଅନ୍ତତଃ ପକ୍ଷେ ଦ୍ୱିତୀୟ ଶ୍ରେଣୀ ଏବଂ ତାହାଠାରୁ ଉର୍ଦ୍ଧରେ ରହିଥିବା ସମସ୍ତ ସରକାରୀ ଅଧିକାରୀଙ୍କ କ୍ଷେତ୍ରରେ ଏହି ନିୟମ ଲାଗୁ କରାଯିବା ବିଧେୟ। କାରଣ ସେମାନେ ଗୋଟିଏ ଗୋଟିଏ କାର୍ଯ୍ୟାଳୟର ଅଧିକାରୀ ଭାବେ ନିଯୁକ୍ତ ହୋଇଥାନ୍ତି ଯାହାଙ୍କ ସମସ୍ତ ଦାଇତ୍ୱ ରହିଥାଏ ସରକାରୀ ଆଇନ କାନୁନକୁ ନିୟନ୍ତ୍ରଣ କରିବା ପାଇଁ। ସେମାନଙ୍କ କାର୍ଯ୍ୟ କଳାପ ଗୁଡିକ ଉପରେ ଠିକଣା ଅଙ୍କୁଶ ଚାରଣ କରାନଗଲେ ବ୍ରିଟିଶ ଶାସନ ସମୟରେ ଅଧିକାରୀଙ୍କ କ୍ଷମତା ରାଜ ଚଳାଇ ଲୋକଙ୍କୁ କ୍ରିତଦାସ ଭଳି ରଖିଥିବା ଜୁଲୁମରାଜ ଯେ କେବେହେଲେ ସମାପ୍ତ ହେବ ନାହିଁ ଯାହା ଅଦ୍ୟାବଧି ଆମ ଦେଶରେ ପ୍ରଚଳିତ ରହିଛି ସେଇଥିରେ କୌଣସି ସନ୍ଦେହ ନାହିଁ !

ଧନ୍ୟବାଦ.

ପଙ୍କଜ କୁମାର ପାଣିଗ୍ରାହୀ।
ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗାମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭.



# ‘ଚର୍ଚ୍ଚାର କୌଣସି ଅନ୍ତ ନାହିଁ’

ବଲିଉଡ୍ ଅଭିନେତ୍ରୀ କିଆରା ଆଡଭାନୀ ଏବଂ ଅଭିନେତା ସିଦ୍ଧାର୍ଥ ମଲହୋତ୍ରା ଫିଲ୍ମ ‘ଶେର୍ସା’ରେ ଏକାଠି କାମ କରିଥିଲେ। ଫିଲ୍ମର ସୁଟିଂ ସମୟରେ ଉଭୟ ପ୍ରେମ କରୁଥିବା ଚର୍ଚ୍ଚା ହେଉଥିଲା। ଫିଲ୍ମର ସୁଟିଂ ସମାପ୍ତ ହେବା ପରେ ସେମାନଙ୍କୁ ଅନେକ ଥର ଏକାଠି ଦେଖାଯାଇଥିଲା। ଅବଶ୍ୟ, କିଛି ସମୟ ପୂର୍ବରୁ ସେମାନଙ୍କ ବ୍ରେକଅପ୍ ଖବର ଫ୍ୟାନ୍ସଙ୍କ ହୃଦୟ ଭାଙ୍ଗି ଦେଇଥିଲା। ଏବେ ଏହାକୁ ନେଇ ଅଭିନେତ୍ରୀ ମୁହଁ ଖୋଲିଛନ୍ତି। ଏକ ଇଣ୍ଟରଭ୍ୟୁରେ କିଆରା କହିଛନ୍ତି, ମୁଁ ଏହା ସହିତ ସମ୍ପୂର୍ଣ୍ଣ ସୁରକ୍ଷିତ ଅନୁଭବ କରେ ନାହିଁ। ବିଶେଷ କରି ଯେବେ ଏହା ମୋ ଏବଂ ମୋ ପରିବାର ବିଷୟରେ ହୋଇଥାଏ। ଖୁସିର କଥା, ମୋର ପ୍ରଫେସନାଲ ଲାଇଫରେ, ମୁଁ ଏହି ଗୁଜବର ସାମ୍ନା କରି ନାହିଁ, ଯାହା ହୁଏତ ମୋତେ କିମ୍ବା ମୋ ପରିବାରକୁ ପ୍ରଭାବିତ କରିପାରେ । ଯେତେବେଳେ ଦୁଇଜଣ ବ୍ୟକ୍ତି ପର୍ସନାଲ୍ ଲାଇଫରେ ଜଡିତ ହୁଅନ୍ତି, ମୁଁ ଆଶ୍ଚର୍ଯ୍ୟ ହୋଇଯାଏ ଏବଂ ଭାବେ, ଏହି ସବୁ (ଗୁଜବ) କେଉଁଠୁ ଆସୁଛି। କେବଳ ଏତିକି ନୁହେଁ, କିଆରା ମଧ୍ୟ ସିଦ୍ଧାର୍ଥ ମାଲହୋତ୍ରାଙ୍କ ସହ ତାଙ୍କ ବ୍ରେକଅପ୍ ଉପରେ କମେଣ୍ଟ ଦେଇ କହିଛନ୍ତି, “ଯଦି ଏହି ଗୁଜବଗୁଡ଼ିକ ଭଲ ହୋଇଯାଏ, ତେବେ ସ୍ୱାଭାବିକ ଭାବେ ପରିବାର ଏହାକୁ ପ୍ରଶଂସା କରନ୍ତି ନାହିଁ। ମୋତେ କଷ୍ଟ ଦେଉଥିବା କଥା ହେଉଛି, ଯେତେବେଳେ ତୁମେ କାମ କର, ଦିନର ଶେଷରେ ତୁମର କାମ ଅନ୍ୟ ଜିନିଷ ନୁହେଁ ସ୍ପୋକଲାଇଟରେ ଆସିବା ଉଚିତ। କିନ୍ତୁ ଆପଣ ଏହା ବିଷୟରେ କିଛି କରିପାରିବେ ନାହିଁ। ମୁଁ ଅନୁମାନ କରୁଛି, ମୋତେ ନିଜ ଉପରେ ଏକ ମୋଟା ଚର୍ମ ବଢାଇବାକୁ ପଡିବ ଏବଂ ଆଖି ବନ୍ଦ କରିବାକୁ ପଡିବ, କାରଣ ଏହାର କୌଣସି ଅନ୍ତ ନାହିଁ। ମୁଁ ଜାଣିବାକୁ ଚାହେଁ, ଏହି ଚିଲି ମସାଲାର ଉତ୍ସ କିଏ।

# ଜୋତା ବିକୁଛନ୍ତି ପାକିସ୍ତାନ ଅମ୍ପାୟାର ଅସଦ୍ ରୌଫ୍



୧୭୦ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚରେ ଅମ୍ପାରିଂ ସହ ୪୯ ଟେଷ୍ଟ, ୯୮ ଏକ ଦିବସୀୟ ଆଉ ୨୩ ଟି-୨୦ ମ୍ୟାଚ୍‌ରେ ଅମ୍ପାୟାରିଂ କରିଛନ୍ତି।। ଆଇସିସି ଏମ୍ପାୟାର୍ସ ଏଲିଟ୍ ପ୍ୟାନେଲରେ ସେ ଜଣେ ସଦସ୍ୟ । ୨୦୦୦ରୁ ୨୦୧୩ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ କ୍ରିକେଟରେ ଅମ୍ପାରିଂ କରିଥିବା ପାକିସ୍ତାନୀ ଅମ୍ପାୟାର ଅସଦ୍ ରୌଫ୍ ଏବେ ଦୋକାନରେ ବସି ଜୋତା ବିକୁଛନ୍ତି । ଦେଖନ୍ତୁ ଏହି ଚେହେରାକୁ, ଟିଭି ପରଦାରେ କ୍ରିକେଟ୍ ଫିଲ୍ଡରେ ନିଶ୍ଚୟ ତାଙ୍କୁ ଦେଖିଥିବେ । ହେଲେ କେବେ ଭାବି ନଥିବେ ତାଙ୍କୁ ଏମିତି ଦୋକାନରେ ଜୋତା ବିକ୍ରି କରୁଥିବା ଅବସ୍ଥାରେ ଦେଖିବାକୁ । ବିଶ୍ୱାସ ଲାଗୁନଥିଲେ ମଧ୍ୟ ଏହା ସତ । ପରିସ୍ଥିତି ତାଙ୍କୁ ଏଭଳି କରିବାକୁ ବାଧ୍ୟ କରିଛି । ଲାହୋରର ଲାଣ୍ଡା ବଜାରରେ ଏକ ଦୋକାନ ଖୋଲିଛନ୍ତି ଅସଦ୍ ରୌଫ । ୬୬ ବର୍ଷିୟ ଅସଦ୍ ୨୦୧୩ ମସିହାରୁ କ୍ରିକେଟ୍ ଜଗତରୁ ସମ୍ପୂର୍ଣ୍ଣ ଦୂରେଇ ଯାଇଛନ୍ତି । ୨୦୧୩ରେ ଅସଦଙ୍କ ବିରୋଧରେ ସ୍ପଟ୍ ଫିକ୍ସିଂ ଅଭିଯୋଗ ଆସିଥିଲା । ଆଇପିଏଲ୍ ରେ ଅମ୍ପାୟାରିଂ କରୁଥିବା ବେଳେ ଅସଦ୍ ବୁକିଙ୍କଠାରୁ ମୋଟା ରକମର ଗିଫ୍ଟ ନେଇଥିବାର ଅଭିଯୋଗ ହୋଇଥିଲା । ଏହି ଅଭିଯୋଗର ତଦନ୍ତ କରିଥିଲା ଡିସିପ୍ଲିନାରି କମିଟି । ୨୦୧୬ରେ କମିଟି ରିପୋର୍ଟରେ ଅସଦ୍ ଦୋଷୀ ସାବ୍ୟସ୍ତ ହେବା ପରେ ବିସିସିଆଇ ତାଙ୍କୁ ୫ ବର୍ଷ ପାଇଁ ବ୍ୟାନ୍ କରିଥିଲା । ୨୦୧୨ରେ ଅସଦଙ୍କ ବିରୋଧରେ ଯୌନ ଶୋଷଣ ଓ ପ୍ରତାରଣା ଅଭିଯୋଗ ଆସିଥିଲା । ବିବାହ କରିବାର ପ୍ରତିଶ୍ରୁତି ଦେଇ ଅସଦ ଶାରୀରିକ ସମ୍ପର୍କ ରଖିଥିଲେ, ଏବଂ ପରେ ପ୍ରତାରଣା କରିଥିଲେ ବୋଲି ମୁମ୍ବାଇର ଜଣେ ମଡେଲ୍ ଅଭିଯୋଗ କରିଥିଲେ । ତେବେ ମ୍ୟାଚ୍ ଫିକ୍ସିଂ ଏବଂ ଯୌନ ଶୋଷଣ ଅଭିଯୋଗକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିଛନ୍ତି ଅସଦ୍ । କେବଳ ରୋଗିଣା ପୁଅକୁ ଅଧିକ ସମୟ ଦେବା ପାଇଁ ସେ କ୍ରିକେଟ୍ ଜଗତଠାରୁ ଦୂରେଇ ଯାଇଛନ୍ତି ବୋଲି ଅସଦ୍ ରୌଫ୍ କହିଛନ୍ତି ।

# ଝିଅ ବାହାଘରରେ ଯୌତୁକ ଦିଆଯାଏ ସାପ

ଏମିତିରେ ତ ଭାରତରେ ଯୌତୁକ ନେବା ଏକ ଦଣ୍ଡନୀୟ ଅପରାଧ ଅଟେ। ତଥାପି କେଉଁଠି ନା କେଉଁଠି ଯୌତୁକଜନିତ ଅପରାଧ ସ୍ପଷ୍ଟ କରୁଛି ଯେ,ଏବେ ବି ସମାଜରେ ଯୌତୁକକୁ ପ୍ରଶୟ ଦେଇଛନ୍ତି ଲୋକେ। ସାଧାରଣତଃ ଯୌତୁକରେ ଝିଅର ବାପା କିଛି ଟଙ୍କା ବା ଦାମୀ ଉପହାର ଝିଅର ଶାଶୂଘରକୁ ଦିଅନ୍ତି, କିନ୍ତୁ ଆପଣ ଶୁଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ଭାରତରେ ଏମିତି କିଛି ଅଞ୍ଚଳ ରହିଛି, ଯେଉଁଠି ଝିଅ ବାହାଘରରେ ଯୌତୁକରେ ଦିଆଯାଏ ସାପ, ତା ପୁଣି ବିଷାକ୍ତ ସାପ। ଏହି କଥା ଶୁଣିବା ପରେ ଅବଶ୍ୟ ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗୁଥାଇପାରେ କିନ୍ତୁ ଏହ ସତ। ଏବଂ ଏହାକୁ ଏକ ପରମ୍ପରା ବୋଲି ମାନନ୍ତି ଲୋକମାନେ। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ମଧ୍ୟପ୍ରଦେଶର ଗୌରିଆ ଜନଜାତିର ଲୋକଙ୍କ ମଧ୍ୟରେ ଏହି ଅଦ୍ଭୁତ ପରମ୍ପରା ଶତାବ୍ଦୀ ଧରି ଚାଲିଆସୁଛି। ଗୌରିଆ ଜନଜାତିର ଲୋକମାନେ ନିଜ ଝିଅକୁ ବିବାହ କରିବା ପରେ ଜ୍ୱାଇଁକୁ ୨୧ ଟି ବିଷାକ୍ତ ସାପ ଯୌତୁକରେ ଦିଅନ୍ତି। ଏହି ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ଏକ ବିଶ୍ୱାସ ଅଛି ଯେ ଗୋଟିଏ ଝିଅର ବିବାହରେ ସାପ ଦେବା ଦ୍ୱାରା ସ୍ୱାମୀ-ସ୍ତ୍ରୀ ମଧ୍ୟରେ ସମ୍ପର୍କକୁ ମଜବୁତ କରିଥାଏ। ସେହି ସମୟରେ, ଯଦି ଆପଣ ଏହା ନକରନ୍ତି ଅର୍ଥାତ୍ ଯଦି ଯୌତୁକରେ ବିଷାକ୍ତ ସାପ ନଦିଅନ୍ତି, ତେବେ ବର-କନ୍ୟାଙ୍କ ମଧ୍ୟରେ ଭାଙ୍ଗିଯାଏ। ସ୍ଥାନୀୟ ଲୋକ କୁହନ୍ତି ଯେ ଝିଅର ବିବାହ ସ୍ଥିର ହେବା ପରେ ସମ୍ପ୍ରଦାୟରେ ଝିଅର ପିତା ଯୌତୁକ ଦେବା ପାଇଁ ସାପ ଧରିବା ଆରମ୍ଭ କରନ୍ତି। ଆପଣ ମଧ୍ୟ ଗୌରିଆ ଜନଜାତିର ଲୋକଙ୍କ ଘରେ ବିଷାକ୍ତ ସାପ ସହିତ ଖେଳୁଥିବା ପିଲାମାନଙ୍କୁ ଦେଖିବାକୁ ପାଇବେ। ସୂଚନା ଥାଉକି, ଗୌରିଆ ସମ୍ପ୍ରଦାୟର ଲୋକମାନଙ୍କର ମୁଖ୍ୟ ବୃତ୍ତି ହେଉଛି ସାପ ପୋଷିବା ସହିତ ଖେଳ ପ୍ରଦର୍ଶନ କରି ପରିବାର ପ୍ରତିପୋଷଣ କରିବା। କୁହାଯାଏ ଯେ ଯଦି ସାପଟି ସେମାନଙ୍କ ବାକ୍ସରେ ମରିଯାଏ, ତେବେ ସମଗ୍ର ପରିବାରକୁ କେଶ ଉପାଡ଼ିବାକୁ ପଡ଼ିବ। ଏହା ସହିତ, ଏହି ସମ୍ପ୍ରଦାୟର ସମସ୍ତ ଲୋକଙ୍କୁ ଏକ ଭୋଜି ଦେବାକୁ ପଡ଼ିବ। ତେବେ ଏ ଘଟଣା ଏବେ ନୁହେଁ କାହିଁ କେଉଁ ଦିନରୁ ଏହି ପରମ୍ପରା ମଧ୍ୟପ୍ରଦେଶର ଗୌରିଆ ଦମ୍ପ୍ରଦାୟରେ ଚାଲି ଆସିଛି।



# ଫେସ୍‌ବୁକ୍‌ରେ ୧.୮ କୋଟି ଟଙ୍କାର ଚାକିରି ଅଫର



କୋଲକାତାର ଯାଦବପୁର ୟୁନିଭରସିଟିର ଜଣେ ଛାତ୍ର ଫେସ୍‌ବୁକ୍‌ରେ ବାର୍ଷିକ ପ୍ୟାକେଜ୍ ୧.୮ କୋଟି ଟଙ୍କାର ଚାକିରି ଅଫର ପାଇ ଏବେ ଚର୍ଚ୍ଚା ପାଲଟିଛନ୍ତି। ଫେସ୍‌ବୁକ୍ ପୂର୍ବରୁ ତାଙ୍କୁ ଗୁଗୁଲ୍ ଓ ଆମାଜନ୍‌ରୁ ଚାକିରି ଅଫର ମିଳିଥିଲେ ବି ସେ ତାହାକୁ ଗ୍ରହଣ ନକରି ଫେସ୍‌ବୁକ୍‌ରେ ଚାକିରି କରିବାର ନିଷ୍ପତ୍ତି ନେଇଥିଲେ। ୟୁନିଭରସିଟିରେ ଚଳିତବର୍ଷ ଯେତେ ଜଣ ଛାତ୍ର ପଢୁଥିଲେ ସମସ୍ତଙ୍କଠାରୁ ଅଧିକ ଦରମାରେ ଚାକିରି ଅଫର ପାଇଛନ୍ତି ଏହି ଯୁବକ। ଏହି ଯୁବକଙ୍କ ନାମ ବିଶାଖ ମୋଣ୍ଡଲ୍। ତାଙ୍କୁ ଗୁଗୁଲ୍ ଓ ଆମାଜନ୍‌ରୁ ଚାକିରି ଅଫର ମିଳିଥିଲେ ବି ଅଧିକ ଦରମା ହେତୁ ସେ ଫେସ୍‌ବୁକ୍‌କୁ ଚୟନ କରିଥିବା ଜାଣିବାକୁ ମିଳିଛି। ସେ ଆସନ୍ତା ସେପ୍ଟେମ୍ବର ମାସରୁ ବିଧିବଦ୍ଧ ଭାବେ ଫେସ୍‌ବୁକ୍‌ରେ ଜଣେ କର୍ମଚାରୀ ଭାବେ ଯୋଗ ଦେବେ। ବିଶାଖ ହେଉଛନ୍ତି ୟୁନିଭରସିଟିର କମ୍ପ୍ୟୁଟର ସାଇନ୍ସ ଆଣ୍ଡ୍ ଇଞ୍ଜିନିୟରିଂର ଚତୁର୍ଥ ବର୍ଷର ଛାତ୍ର। ବିଶାଖ ଲଣ୍ଡନରେ ଚାକିରି କରିବେ। ଆସନ୍ତା ସେପ୍ଟେମ୍ବରରେ ସେ ଲଣ୍ଡନ ଯିବେ ବୋଲି ସ୍ଥିର ହୋଇଛି। ସେ ସାକ୍ଷାତ୍‌କାର ଦେଇ କହିଛନ୍ତି, ‘ମଙ୍ଗଳବାର ରାତିରେ ମୋତେ ଏହି ଚାକିରି ଅଫର ମିଳିଛି। ୨ ବର୍ଷ ହେଲା କରୋନା ପାଇଁ ଲାଗୁ ହୋଇଥିବା ଲକ୍‌ଡାଉନ୍ ସମୟରେ ମୁଁ ବିଭିନ୍ନ ସଂସ୍ଥାରେ ଇଣ୍ଟର୍ଣ୍ଣ ଭାବେ କାମ କରିଛି। ତାହାହିଁ ମୋତେ ଇଣ୍ଟରଭିୟୁ ପାସ୍ କରିବାକୁ ସାହାଯ୍ୟ କଲା।’ ତାଙ୍କ ମାଆ ଜଣେ ଅଙ୍ଗନବାଡ଼ୀ କର୍ମୀ ହୋଇଥିବା ବେଳେ ସେ କହିଛନ୍ତି କି, ବିଶାଖ ପିଲାଟି ଦିନରୁ ହିଁ ପାଠ ପଢ଼ାରେ ଖୁବ୍ ଭଲ।

# ମୃତ ବ୍ୟକ୍ତିଙ୍କ ସ୍ୱରରେ କଥା ହେବ ଆଲେକ୍ସା



ଟେକ୍ନୋଲୋଜି ଦିନକୁ ଦିନ ଉତ୍ତମ ହେଉଛି। ଗୁଗଲ ଭଏସ୍ ଆସିଷ୍ଟାଣ୍ଟ ଏବଂ ଆଲେକ୍ସା ଏହାର ଜ୍ୱଳନ୍ତ ଉଦାହରଣ। ଅନେକ ବର୍ଷ ପୂର୍ବରୁ ଫିଲ୍ମରେ ଏହିଭଳି ଏହାର ଉଲ୍ଲେଖ ରହିଛି। ସେବେ ଲୋକମାନେ ଚିନ୍ତା କରୁଥିଲେ କି ରିୟଲ ଲାଇଫରେ ଏମିତି ଟେକ୍ନୋଲୋଜି କଣ ସତରେ ଆସିବ ? କିନ୍ତୁ ଏହିଭଳି ଟେକ୍ନୋଲୋଜି ଏବେ ଆମେ ଦୈନନ୍ଦିନ ଜୀବନରେ ବ୍ୟବହାର କରୁଛନ୍ତି। ଏମିତି ଏକ ବିକଶିତ ଫିଚର ଆମାଜନ ଆଲେକ୍ସାରେ ଦେଖିବାକୁ ମିଳିବ। ରିପୋର୍ଟ ଅନୁସାରେ କମ୍ପାନୀ ଏକ ନୂଆ ଫିଚର ଉପରେ କାମ କରୁଛି। ଏହି ଫିଚର ସାହାଯ୍ୟରେ ଆଲେକ୍ସା କୌଣସି ମୃତ ବ୍ୟକ୍ତିଙ୍କ ସ୍ୱରରେ ଆପଣଙ୍କ ସହ କଥାବାର୍ତ୍ତା ହେବ। ଯାହାର କୌଣସି ନିଜ ଲୋକ ତାଙ୍କୁ ଛାଡି ଆରପାରିକୁ ଚାଲିଯାଇଛନ୍ତି ସେମାନେ ସେହି ଦୁଃଖ ଜାଣିଛନ୍ତି। ସେମାନଙ୍କ କଥା ସବୁବେଳେ ମନେ ପଡେ। ଆଉ ସେହି ସ୍ୱର ଶୁଣିବାକୁ ମିଳେନି । କିନ୍ତୁ ଏହି ଦୁଃଖ ଏବେ ଦୂର କରିବ ଆଲେକ୍ସା। ଏନେଇ ସୂଚନା ଦେଇଛନ୍ତି କମ୍ପାନୀର ସିନିୟର ଭାଇସ ପ୍ରେସିଡେଣ୍ଟ ରୋହିତ ପ୍ରସାଦ। ରୋହିତ କହିଛନ୍ତି କି ଲୋକଙ୍କ ସ୍ମୃତିକୁ ବଜାୟ ରଖିବା ପାଇଁ ସେ ଏହି ଫିଚର ଉପରେ କାମ କରୁଛନ୍ତି। ଏହା ଲୋକଙ୍କୁ ହରାଇବାର ଦୁଃଖ କମ୍ କରିବ। ସେ ଏହାର ଏକ ଡେମୋ ମଧ୍ୟ ଦେଖାଇଛନ୍ତି। ରୋହିତ ଏକ ଭିଡିଓ ପ୍ଲେ କରିଛନ୍ତି ଯେଉଁଥିରେ ଆଲେକ୍ସା ମଣିଷ ଭଳି କଥା କହୁଛି । ତେବେ ଏହି ଫିଚର କେବେ ରିଲିଜ ହେବ ସେନେଇ କିଛି ସୂଚନା ମିଳିନି। ତେବେ ଏଥିରେ ସିକ୍ୟୋରିଟି ସୁବିଧା ମଧ୍ୟ ରହିବ। ଅର୍ଥାତ୍ କୌଣସି ସେଲିବ୍ରିଟିଙ୍କ ସ୍ୱର ବ୍ୟବହାର କରିବା ପାଇଁ ତାଙ୍କ ଅନୁମତି ଦରକାର

# ଅନ୍‌ଲାଇନ୍ ବ୍ଲଗିଂ କରି କୋଟିପତି



ବିହାରର ଛାପ୍ରା ଜିଲ୍ଲାର ବନସୋହି ଗ୍ରାମର ଜଣେ ଯୁବକଙ୍କ କହିବାନୁଯାୟୀ ସେ ଅନ୍‌ଲାଇନ୍ ବ୍ଲଗିଂ କରି କୋଟିପତି ବନି ପାରିଛନ୍ତି। ଯୁବକ ଜଣକ ହେଉଛନ୍ତି ବିକାଶ କୁମାର। ନିକଟରେ ଏକ ସାକ୍ଷାତ୍‌କାରରେ ବିକାଶ କହିଛନ୍ତି ଯେ ସେ ଏକ ବ୍ଲଗିଂ ୱେବ୍‌ସାଇଟ୍ ତିଆରି କରି ତାହାକୁ ବିକ୍ରି କରିବା ପରେ କୋଟିପତି ହୋଇପାରିଛନ୍ତି। ତାଙ୍କ କହିବା କଥା ହେଉଛି ୨୫ ବର୍ଷ ବୟସ ହେବା ପୂର୍ବରୁ ହିଁ ସେ ଜଣେ କୋଟିପତି ବନି ପାରିଛନ୍ତି। ଏବେ ବି ସେ କିଛି ବ୍ଲଗ୍ ଉପରେ କାମ କରୁଛନ୍ତି। ଏହାଛଡ଼ା ସେ ଆପ୍ ଡେଭ୍‌ଲପ୍ ବି କରୁଛନ୍ତି। ବିଟେକ୍ କରିବା ପରେ ଆଜି ପର୍ଯ୍ୟନ୍ତ ସେ କୌଣସି ପ୍ରକାରର ଚାକିରି କରିନାହାନ୍ତି। ହେଲେ ବି ଖୁବ୍ କମ୍ ବୟସ ମଧ୍ୟରେ ସେ ଜଣେ କୋଟିପତି ବନି ନିଜ ଦକ୍ଷତାର ପରିଚୟ ଦେଇ ସାରିଛନ୍ତି। ସେ ଆଗକୁ ଚାକିରି କରିବେ ବୋଲି ତାଙ୍କ ସାକ୍ଷାତ୍‌କାରରେ କହିଛନ୍ତି। ତାଙ୍କ ପରିବାରର ଆର୍ଥିକ ସ୍ଥିତି ସେତେ ଭଲ ନଥିଲା। ମାତ୍ର ତାଙ୍କ ବ୍ଲଗିଂ କରିବା ଦକ୍ଷତା ତାଙ୍କ ଅବସ୍ଥାକୁ ସୁଧାରିବାରେ ସହାୟକ ହୋଇଛି। ସେ ଏବେ ତାଙ୍କ ଗାଁରେ ଏକ ସୁନ୍ଦର ଘରଟିଏ ବି କରି ସାରିଛନ୍ତି। ବିଟେକ୍ ତୃତୀୟ ସେମିଷ୍ଟାରରୁ ହିଁ ସେ ଆର୍ଟିକିଲ୍ ଲେଖି ଟଙ୍କା ରୋଜଗାର କରିବା ଆରମ୍ଭ କରି ଦେଇଥିଲେ। ଯେଉଁଥିରେ ତାଙ୍କ ହାତ ଖର୍ଚ୍ଚ ଉଠି ଯାଉଥିଲା। ସେ ପାଠ ପଢ଼ିବା ପାଇଁ ଋଣ କରିଥିଲେ। ପାଠ ପଢ଼ିବା ବେଳେ ଋଣ ଚିନ୍ତା ସବୁବେଳେ ତାଙ୍କ ମୁଣ୍ଡରେ ରହୁଥିଲା। ମାତ୍ର ତାଙ୍କର ଏହି ଅନ୍‌ଲାଇନ୍ କାର୍ଯ୍ୟ ସେ ସବୁ ଚିନ୍ତାକୁ ଦୂର କରିଦେଲା।

## ରାଜନଗର ଧାନ ମଣ୍ଡି ଉଦଘାଟନ କଲେ ବିଧାୟକ

ପାଟଣା **୨୪/୧୨ (ନି.ପ୍ର):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ରାଜନଗର ଲ୍ୟାମ୍ପ୍ସ ରେ ଆଜି ଧାନମଣ୍ଡି ଉଦଘାଟିତ ହୋଇଛି। ଏହି ଧାନ ମଣ୍ଡିକୁ ପାଟଣା ବିଧାୟକ ଅଖିଳ ନାଏକ ଓ ପାଟଣା ତହସିଲଦାର ଲୀଳାବତୀ ନାୟକ ମିଳିତ ଭାବେ ଫିତା କାଟି ଶୁଭ ଉଦଘାଟନ କରି ଥିବା ବେଳେ ଲ୍ୟାମ୍ପ୍ସ ସଭାପତି ପ୍ରଫୁଲ୍ଲ ନାୟକ, ପରିଚାଳନା ନିର୍ଦ୍ଦେଶକ ସନ୍ତୋଷ ମିଶ୍ର, ରାଜନଗର ସରପଞ୍ଚ ସୁଧାଂଶୁ ନାୟକ ଯୋଗ ଦାନ କରି ଆଜି ସୋମବାର ରେ ଶୁଭ ଉଦଘାଟନ କରି ଥିଲେ। ଆରମ୍ଭ ରୁ ବିଧାୟକ ଚାଷୀ ମାନଙ୍କୁ ଶାନ୍ତି ଶୃଙ୍ଖଳା ସହିତ ରହି ଧାନ ଦେବାକୁ ପରାମର୍ଶ ଦେଇଥିଲେ। ଏଠାରେ ଆଜି ଉପସ୍ଥିତ ଶ୍ରମିକ ମାନେ ତାଙ୍କର ଏବର୍ଷ ମଣ୍ଡି ସମସ୍ୟା ବିଷୟରେ ଅବଗତ କରାଇଥିଲେ । ପୂର୍ବ ରୁ ସେମାନେ ୧୩ ଟଙ୍କା କୁଇଣ୍ଟାଲ ପିଛା ପାରିଶ୍ରମିକ ପାଉଥିବା ବେଳେ ଏବର୍ଷ ୧୦ ଟଙ୍କା ପାଇବେ ବୋଲି ଅଭିଯୋଗ କରିଛନ୍ତି । ସେମାନେ ଗୋଟେ କୁଇଣ୍ଟାଲ ଧାନ କୁ ୪ ଥର ବୋହିଲା ପରେ ୧୦ ଟଙ୍କା ପାଇବା କୁ ନେଇ ଅସନ୍ତୋଷ ପ୍ରକାଶ କରି ସରକାର ଙ୍କୁ ତାଙ୍କ ମଜୁରୀ ଠିକ ଭାବେ ଦେବା ପାଇଁ ବିଧାୟକ ଙ୍କୁ ନିବେଦନ କରିଛନ୍ତି ।

## ଜାତୀୟ କୃଷକ ଦିବସ ଅବସରରେ ପାଟଣା ରେ ଖୋଲିଲା ଧାନମଣ୍ଡି ଶୁଭାରମ୍ଭ କଲେ ବିଧାୟକ

ପାଟଣା **୨୪/୧୨ (ନି.ପ୍ର):** ଜାତୀୟ କୃଷକ ଦିବସ ଅ୍ବସରରେ ପାଟଣା ଲ୍ୟାମ୍ପ୍ସ ପକ୍ଷରୁ ଧାନ ମଣ୍ଡିର ଶୁଭାରମ୍ଭ କରାଯାଇଛି ।ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ସମ୍ମାନୀତ ଅତିଥି ଭାବେ ପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସ କୁମାର ଦଣ୍ଡପାଟ, ବ୍ଲକ ଯୋଗାଣ ଅଧିକାରୀଣୀ ସୁନିତା ମାରାଣ୍ଡି,ପାଟଣା ଲ୍ୟାମ୍ପ୍ସ ର ପରିଚାଳକ ହରମୋହନ ମହାନ୍ତ, ପାଟଣା ଲ୍ୟାମ୍ପ୍ସ ର ସଭାପତି ରାମଚନ୍ଦ୍ର ନାୟକ, ଉପସଭାପତି କନକ ଲତା ନାଏକ,ଲ୍ୟାମ୍ପ୍ସ ପରିଚାଳନା ପରିଷଦ ର ସଦସ୍ୟ ତଥା ମୁଷାଖୋରୀ ସରପଞ୍ଚ ଭାମାମଣି ଦାସ, ଆର ଏମ ସି ରୁ ଲିପୁନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମ ରେ ଚାଷୀ ଅର୍ଜୁନ ମହାନ୍ତ, ଯୋଗେଶ୍ୱର ମହାନ୍ତ, ରବିନ୍ଦ୍ର ମହାନ୍ତ, ଜଗବନ୍ଧୁ ମହାନ୍ତ, ମନ୍ମଥ ରାଣା,ତ୍ରିଲୋଚନ ମହାନ୍ତ, ମୋହନ ଚରଣ ମହାନ୍ତ, ଅଭିମନ୍ୟୁ ମହାନ୍ତ, ଦୟାନିଧି ମହାନ୍ତ, ହରିଶ ଚନ୍ଦ୍ର ମହାନ୍ତ, ପ୍ରମୁଖ ଉପସ୍ଥିତ ଥିଲେ ।ଆଜି ଧାନ ମଣ୍ଡି ଶୁଭାରମ୍ଭ ରେ ଚାଷୀ ଜଗବନ୍ଧୁ ମହାନ୍ତ, ପ୍ରହ୍ଲାଦ ଚନ୍ଦ୍ର ସାହୁ,ଅର୍ଜୁନ ଚରଣ ମହାନ୍ତ, ରବି ମହାନ୍ତ, ନକୁଳ ଚନ୍ଦ୍ର ବାରିକ,ଙ୍କ ଠାରୁ ପାଖାପାଖି ୯୬ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା ।ଏହି କାର୍ଯ୍ୟକ୍ରମ ରେ ବୈତରଣୀ ରାଇସ ମିଲର ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

## ବୋଡ଼େନ ଠାରେ ଜିଲ୍ଲା ପାଳ ଅଭିଯୋଗ ଶୁଣାଣି

ନୂଆପଡ଼ା **୨୪/୧୨ (ନି.ପ୍ର):** ନୂଆପଡ଼ା ଜିଲ୍ଲାପାଳ ଅଭିଯୋଗ ଶୁଣାଣୀ ଶିବିର ବୋଡ଼େନ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଶିବିରରେ ମୋଟ ୯୧ ଟି ଅଭିଯୋଗର ଶୁଣାଣି ପ୍ରଶାସନ କରିଛନ୍ତି। ଏଥିରୁ ୭୫ ଟି ବ୍ୟକ୍ତିଗତ ଓ ୧୬ ଟି ଗୋଷ୍ଠୀଗତ ଅଭିଯୋଗ ଥିଲା। ଏହି ଶିବିର ରେ ଜିଲ୍ଲାପାଳ ମଧୁସୂଦନ ଦାଶ ଯୋଗ ଦେଇ ବିଶେଷ କରି ପାନୀୟ ଜଳ, ଆବାସ ଯୋଜନା ରେ ଘର, ମନରେଗା ଯୋଜନାରେ କାମ ପାରିଶ୍ରମିକ ଭଳି ଅନେକ ଅଭିଯୋଗ ଗ୍ରହଣ ହୋଇ ଅତିଶିଘ୍ର ସମାଧାନ ନେଇ ଅଧିକାରୀ ମାନେ ପ୍ରକାଶ କରିଛନ୍ତି। ଏହି ଅବସରରେ ଅଭିଯୋଗ ଶିବିର ପରିସରରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ର ଆୟୋଜନ ହୋଇଥିଲା ଯେଉଁଠାରେ ବିଶେଷଜ୍ଞ ଡାକ୍ତର ପ୍ରମୁଖ ଚିକିତ୍ସା ଯୋଗାଇ ଦେଇଥିଲେ। ସେହିପରି ସ୍ଥାନୀୟ ଚିକିତ୍ସାଳୟ ରେ ଗୋଟିଏ ରକ୍ତଦାନ ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଶିବିର ରେ ଜିଲ୍ଲା ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ,ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ବ୍ଲକ ଅଧକ୍ଷା ପ୍ରେମ ଶୀଳା ନାଗ,ବୋଡ଼େନ ଗୋଷ୍ଠି ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ରଣା,ସମସ୍ତ ଜିଲ୍ଲା ତଥା ବ୍ଲକ ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

# ଲୋକଲୋଚନରେ ରହିବା ପାଇଁ ବିଜେଡି ବ୍ୟର୍ଥ ପ୍ରୟାସ ଜାରୀ ରଖିଛି : ବଳଭଦ୍ର ମାଝୀ



ଭୁବନେଶ୍ୱର,**୨୪/୧୨ (ନି.ପ୍ର):** ଭୋଟ ପରିଚାଳନା ଗୋଟିଏ ନୀତି ନିୟମ ଅନୁସାରେ ହୁଏ। ଏହାର ବିସ୍ତୃତ ବିବରଣୀ ପୁସ୍ତିକା ଅନୁସାରେ ନିର୍ବାଚନ ପୂର୍ବରୁ ନିର୍ବାଚନ ଆୟୋଗ ଜାରି କରିଥାନ୍ତି। ବିଜେଡି ସମେତ ଅନ୍ୟାନ୍ୟ ରାଜନୈତିକ ଦଳଗୁଡିକ ମଧ୍ୟ ଏହି ପୁସ୍ତିକା ପାଇଛନ୍ତି। ଏହି ନିୟମ ବାହାରେ ଯଦି କିଛି ନିର୍ବାଚନ ପରିଚାଳନା ହୋଇଥାଏ ତାହାହେଲେ ଅନିୟମିତତା ହୋଇଛି ବୋଲି ଅଭିଯୋଗ ଆଣିପାରିବେ। ବିନା ତଥ୍ୟ ଆଧାରରେ ଅଭିଯୋଗ କରିବା ବିଜେଡିର ଚିରାଚରିତ ଅଭ୍ୟାସ ଏବଂ ଆଜି ମଧ୍ୟ ସେହିଭଳି ଅଭିଯୋଗ କରିଛି । ଏଭଳି ଅଭିଯୋଗ ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ସାଂସଦ ଶ୍ରୀ ବଳଭଦ୍ର ମାଝୀ କହିଛନ୍ତି । ଗତ ସାଧାରଣ ନିର୍ବାଚନରେ କୌଣସି ଅନିୟମିତତା ହେବାର ସ୍ପଷ୍ଟ ପ୍ରମାଣ ବିଜେଡି ପାଖରେ ନାହିଁ । ଭୋଟ ଦେବା ସମୟ ସଂଧ୍ୟା ୬ଘଟିକା ଯାଏ ଥିଲା ଏବଂ ସମ୍ବେଦନଶୀଳ ବୁଥମାନଙ୍କରେ ୫ଘଟିକା ପର୍ଯ୍ୟନ୍ତ ଥିଲା। ଏହି ସମୟସୀମା ବାହାରେ କୌଣସି ବୁଥରେ ଭୋଟ ହୋଇନାହିଁ, ଯାହାର ସାକ୍ଷୀ ଭାବେ ବିଜେଡିର ଏଜେଂଟମାନେ ମଧ୍ୟ ସେଠାରେ ଉପସ୍ଥିତ ଥିଲେ ବୋଲି ସାଂସଦ ଶ୍ରୀ ମାଝୀ କହିଛନ୍ତି। ନିର୍ବାଚନ ସରିବାର ୬ମାସ ପରେ ବିଜେଡି ଆଜି ଅଭିଯୋଗ କରିବା କେବଳ ମାତ୍ର ପ୍ରଳାପ ସଦୃଶ । ନିର୍ବାଚନରେ ହାରିଯିବା ଏବଂ କ୍ଷମତାରୁ ହଟିଯିବା ଦୁଃଖକୁ ବିଜେଡି ଦଳ ସହ୍ୟ କରିପାରୁନାହାନ୍ତି । କେବଳ ଲୋକଲୋଚନରେ ରହିବା ପାଇଁ ତାଙ୍କର ବ୍ୟର୍ଥ ପ୍ରୟାସ ଜାରୀ ରଖିଛନ୍ତି । ଅନ୍ୟର ସମୟ ଅଯଥାରେ ନଷ୍ଟ ନକରି ବିଜେଡି ନେତୃବୃନ୍ଦ ନିଜ ହାରିବାର ଆତ୍ମସମୀକ୍ଷା କରିବା ଆବଶ୍ୟକ ବୋଲି ସାଂସଦ ଶ୍ରୀ ମାଝୀ କହିଛନ୍ତି।

## ବ୍ଲକ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଓ ସୁଶାସନ ସପ୍ତାହ ପାଳନ



ନବରଙ୍ଗପୁର **୨୪/୧୨ (ନି.ପ୍ର):** ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ନବରଙ୍ଗପୁର ଜିଲାପାଳ ଡା. ଶୁଭଙ୍କର ମହାପାତ୍ର ଙ୍କ ଦ୍ୱାରା ୩୩ ଟି ଅଭିଯୋଗ ର ଶୁଣାଣି କରି ତାର ସମାଧାନ ନିମନ୍ତେ ଜିଲାର ଯେଉଁ ବିଭାଗର ଅଭିଯୋଗ ସେହି ବିଭାଗର ଅଧିକାରୀ ମାନଙ୍କୁ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ୩୩ ଟି ଅଭିଯୋଗ ମଧ୍ୟରୁ ୨୪ ଟି ଅଭିଯୋଗ ବ୍ୟକ୍ତିଗତ, ୯ ଟି ଅଭିଯୋଗ ଗୋଷ୍ଠୀଗତ ହୋଇ ଥିବା ବେଳେ ଡାବୁଗାଁ ବ୍ଲକ ସଦର ମହକୁମାରେ ଡାବୁଗାଁ ଠାରୁ ମାନିଗାଁ ପର୍ଯ୍ୟନ୍ତ ଓ ଡାବୁଗାଁ – ବୋରିଗାଁ ପୂର୍ତ୍ତ ବିଭାଗ ରାସ୍ତା ର ପ୍ରଶସ୍ତି କରଣ କାର୍ଯ୍ୟ ଶୀଘ୍ର ଶେଷ କରିବା, ବୋରିପଦର ଗ୍ରାମର ରାସ୍ତା ଓ ପୋଲ ନିର୍ମାଣ, ରାବଣାଗୁଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଗୃହ ନିର୍ମାଣ ଆଦି ଅଭିଯୋଗ ହୋଇଥିଲା । ଶେଷରେ ୨ ଜଣଙ୍କୁ ହୁଇଲଚେୟାର, ୮ ଜଣ ହିତାଧିକାରୀଙ୍କୁ ଭତ୍ତା ଜିଲାପାଳ ଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଏଥିରେ ନବରଙ୍ଗପୁର ଆରକ୍ଷୀ ଅଧିକ୍ଷକ ମିହିର କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ ପଣ୍ଡା, ଜିଲା ମୁଖ୍ୟ କୃଷି ଅଧିକାରୀ ପି. ଭି ରମଣ ରାଓ, ଜିଲା ମତ୍ସ୍ୟ ଅଧିକାରୀ ବିଷ୍ଣୁ ଚରଣ କିଶାନ, ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ରାଧେଶ୍ୟାମ ଲାଇକ, ଜିଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର, ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରତୀକ କୁମାର ରାଉତ, ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ, ଡାବୁଗାଁ ବିଡିଓ ଶରତ ମାଝି, ତହସିଲଦାର ହରିଓମ ଭୋଇ, ସିଡିପିଓ ମିନତୀ ଦାଶ, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ହରେକୃଷ୍ଣ ରାଉତ, ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ପବିତ୍ର କୁମାର ସାହୁ, ସହକାରୀ କୃଷି ଅଧିକାରୀ ସୌମେନ୍ଦ୍ର ବିଶ୍ୱାସ, ସହକାରୀ ଉଦ୍ୟାନ ଅଧିକାରୀ ରବିଶଙ୍କର ପଣ୍ଡା, ମୃତ୍ତିକା ସଂରକ୍ଷଣ ରେଞ୍ଜର ଗୌତମ ସେଠୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ଜିଲା ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଶେଷରେ ଜିଲାପାଳ ଡାବୁଗାଁ ବ୍ଲକ କେଲିଆ ଶୈବ ପୀଠ ପରିଦର୍ଶନ କରିଥିଲେ । ଏହାସହ ସୁଶାସନ ସପ୍ତାହ ପାଳନ ଅବସରରେ ଡାବୁଗାଁ ବ୍ଲକ ସଫଳ କାର୍ଯ୍ୟକ୍ରମ ଗୁଡିକ ଭିଡିଓ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା ।

## ବିଶିଷ୍ଟ ସମାଜ ସେବୀ ଙ୍କ ପରଲୋକ

ଜୟପାଟଣା **୨୪/୧୨ (ନି.ପ୍ର):** ଜୟପାଟଣା ବ୍ଲକ ର ବିଶିଷ୍ଟ ସମାଜ ସେବୀ ତଥା ଜଗନ୍ନାଥ ଷ୍ଟୁଡିଓ ମାଲିକ ପ୍ରଦୀପ କୁମାର ପଟ୍ଟନାୟକ (ବୁଡାଭାଇ)ଙ୍କ ଗତକାଲି ରାତିରେ ପରଲୋକ ହୋଇଯାଇଛି। ଭୁବନେଶ୍ୱର ସ୍ଥିତ କଳିଙ୍ଗ ହସ୍ପିଟାଲରେ ଚିକିତ୍ସାଧିନ ଥିବା ସମୟରେ ମଲ୍ଟି ଅର୍ଗାନ ଫେଲ୍ୟୁଅର ଯୋଗୁଁ ତାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଶ୍ରୀ ପଟ୍ଟନାୟକ ଜଣେ ଅମାୟିକ ସରଳ ବ୍ୟକ୍ତିତ୍ୱ ର ଅଧିକାରୀ ହୋଇଥିବା ବେଳେ ଅଞ୍ଚଳରେ ଲୋକଙ୍କ ସାହାଯ୍ୟ କାରୀ ଭାବରେ ସୁ ପରିଚିତ ଥିଲେ। ଛାତ୍ର ଜୀବନରେ ଛତ୍ରପୁର କଲେଜ ର ଛାତ୍ରନେତା ଭାବରେ ମଧ୍ୟ ଖ୍ୟାତି ଅର୍ଜନ କରିଥିଲେ। ବୁଡାଭାଇ ଙ୍କ ଆକସ୍ମିକ ବିୟୋଗ ରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।ଶୋକ ପ୍ରକାଶ କରି ଜୟପାଟଣା ସହରର ଦୋକାନ ବଜାର, ବ୍ୟବସାୟୀକ ପ୍ରତିଷ୍ଠାନ ବନ୍ଦ କରିଛନ୍ତି ବଣିକ ସଂଘ। ବରିଷ୍ଠ ନେତା ପ୍ରମୋଦ ପଟ୍ଟନାୟକ,ଓଡିଶା ଅଲିମ୍ପିକ ଏସୋସିଏସନ ସଭାପତି ଜଗମୋହନ ପଟ୍ଟନାୟକ ସୁଧୀର ପାଢୀ, ପୂର୍ବତନ ଅଧ୍ୟାପକ ସୁଶାନ୍ତ ଲେଙ୍କା, ଚିତ୍ରଗୁପ୍ତ କଲ୍ୟାଣ ସମିତି ସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକ ଏବଂ ସଭ୍ୟ ସଭ୍ୟା, ସାମ୍ବାଦିକ ଶେଷଦେବ ବେହେରା, ସୁଦର୍ଶନ ମୁଣ୍ଡ, ସାମ୍ବାଦିକ ପ୍ରଶାନ୍ତ କୁମାର ପଣ୍ଡା ସତ୍ୟ ନାରାୟଣ ଅଗ୍ରୱାଲ, ପୂର୍ଣ୍ଣ ଚନ୍ଦ୍ର ପଣ୍ଡା, ରବିନ୍ଦ୍ର ଖମାରି, ବ୍ରଜ ନାଏକ, ସୁକାନ୍ତ ପଣ୍ଡା, ମାହେଶ୍ୱରୀ ବେହେରା,ପ୍ରଦ୍ୟୁମ୍ନ ପଟ୍ଟନାୟକ, ପ୍ରଜା ରଞ୍ଜନ ପଣ୍ଡା ଅର୍ଜୁନ ପଟ୍ଟନାୟକ, ରୁଦ୍ର ପ୍ରସାଦ ପାଣିଗ୍ରାହୀ,ଅମରେଶ କୁମାର ସିଂ, ସଚିନ୍ଦ୍ର ପ୍ରସାଦ ଦାସ, ସୁଶିଲ ପଟ୍ଟନାୟକ, ଦିଲୀପ କୁମାର ବେହେରା, ସାମନ୍ତ ପାଟଯୋଶୀ,ବାଙ୍କ ବିହାରୀ ଖମାରି,ଲଳିତ ନାଏକ, ସରପଞ୍ଚ କୈଳାସ ସାହୁ, ସମିତି ସଭ୍ୟ ଅନନ୍ତ ପଟ୍ଟନାୟକ, ଙ୍କ ସମେତ କଳାହାଣ୍ଡି ଜିଲ୍ଲାର କୋଣ ଅନୁକୋଣ ରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଶୋକ ପ୍ରକାଶ କରିଛନ୍ତି।

## ଜୟପାଟଣା ରେ ଫୁଟବଲ ଟୁର୍ନାମେଣ୍ଟ ଫାଇନାଲ

ଜୟପାଟଣା **୨୪/୧୨ (ନି.ପ୍ର):** ମୋର୍ଣିଂ କ୍ଲବ ଜୟପାଟଣା ଆନୁକୁଲ୍ୟରେ ସ୍ଥାନୀୟ ଉମାଶଙ୍କର ହାଇସ୍କୁଲ ଖେଳପଡ଼ିଆ ରେ ଆୟୋଜିତ ମାଡୋକ୍ରି ଫୁଟବଲ୍ turnamenta ଫାଇନାଲଖେଲ ରେ ମୁଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ନରେନ୍ଦ୍ର ମିଞ୍ଜି ସବ ଇନ୍ସପେକ୍ଟର ଅବକାରୀ ବିଭାଗ,ମୁଖ୍ୟ ବକ୍ତା ଶ୍ରୀଯୁକ୍ତ ପ୍ରକାଶ ଦୁରିଆ ପୂର୍ବତନ କ୍ରୀଡା ବିତ ତଥା ସମାଜସେବୀ, ସମ୍ମାନିତ ଅତିଥି ଶ୍ରୀଯୁକ୍ତ ଜଗମୋହନ ପଟ୍ଟନାୟକ, ସାମ୍ବାଦିକତଥା ଯୋଗଦେଇଥିବା ବେଳେ,ଶ୍ରୀଯୁକ୍ତ ବିକାଶ ସାହୁ ମଞ୍ଚ ପରିଚାଳନା କରିଥିଲେ !ଶ୍ରୀଯୁକ୍ତ ମନୋଜ ରାଉତ ଖେଳର ଧାରା ବିବରଣୀ ସହ ଧନ୍ୟବାଦ୍ ଅର୍ପଣ କରିଥିଲେ !ଫାଇନାଲ ଖେଳରେ ବାନେର ଫୁଟବଲ୍ ଦଳ ୩-୦ ଗୋଲରେ ସୌଲବନ୍ଦ୍ କୁ ହରାଇ ଚମ୍ପିୟାନ ହୋଇଥିଲା !ଶ୍ରୀ ବଳଭଦ୍ର ପାତ୍ର,ଚକ୍ରଧର ଲେକ୍ରା ଟିମୁ କୈବର୍ତ୍ତ ,ଖେଳ ପରିଚାଳନା କରିଥିଲେ ! ଶ୍ରୀ କୃଷ୍ଣ ରାଉତ, ମାଗୁଣି ନିଆଲ,ଆଲୋକ କୈବର୍ତ୍ତ, ପିଣ୍ଟୁ କୈବର୍ତ୍ତ,ଆଶିଷ କୈବର୍ତ୍ତ,ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ବ୍ରହ୍ମପୁର **୨୪/୧୨ (ନି.ପ୍ର):** ବ୍ରହ୍ମପୁର ସ୍ଥିତ ସ୍ୱତନ୍ତ୍ର ପୋକସୋ ଜଜ୍ ପ୍ରଣତି ପଟ୍ଟନାୟକ ଜଣେ ବଳାତ୍କାରିଙ୍କୁ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ସେ ହେଲା ପାଟପୁର ଥାନା ଅନ୍ତର୍ଗତ ଗଙ୍ଗାପୁର ଗ୍ରାମର ଅନିଲ କୁମାର ସାହୁ(୨୭)। ଜେଲ ଦଣ୍ଡ ସହ ଅଭିଯୁକ୍ତଙ୍କୁ ୯ ହଜାର ଟଙ୍କା ଜୋରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି । ମାମଲାର ବିବରଣୀ ରୁ ପ୍ରକାଶ ଯେ ଯେ, ଆସ୍କା ଥାନା ଅଞ୍ଚଳର ଜନୈକା ୧୬ ବର୍ଷର ନାବାଳିକାଙ୍କ ସହ ଜଣେ ଯୁବକ ପ୍ରେମ କରିବା ଆରମ୍ଭ କରିଥିଲା। ବିବାହ କରିବାକୁ ପ୍ରତିଶୃତି ଦେଇଥିଲା। ଯୁବକ ଜଣଙ୍କ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ୨୦୨୧ ମସିହାରେ ଉକ୍ତ ଯୁବକ ଅନିଲ କୁମାର ସାହୁ ନାବାଳିକାଙ୍କୁ ଏକ ଗାଡିରେ ଅପହରଣ କରି ହାଇଦ୍ରାବାଦ ନେଇ ଏକ ଆପାର୍ଟମେଣ୍ଟରେ ରଖିଥିଲେ। ଅନିଲ ଉକ୍ତ ନାବାଳିକାଙ୍କୁ ସେଠାରେ ଏକ ମନ୍ଦିରରେ ବିବାହ କରି କିଛିମାସ ରଖିଥିଲେ। ନାବାଳିକା ଜଣଙ୍କ ଦୁଇମାସର ଗର୍ଭବତୀ ହେବା ଜାଣିବା ପରେ ସେଠାରୁ କୌଶଳକ୍ରମେ ଅନିଲ ତାଙ୍କୁ ଗାଡିରେ ଆଣି ଛାଡି ଦେଇ ଚାଲିଯାଇଥିଲେ। ପରେ ପିଡ଼ିତା ଜଣଙ୍କ ନିଜ ବାପାଙ୍କ ସହ ଗାଁ'କୁ ଫେରି ଆସ୍କା ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୧୦୩/୨୧ ରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି ଅନିଲ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛିମାସ ପରେ ସେମାନେ ଜାମିନ ପାଇଥିଲେ। ସୋମବାର ରାୟ ପ୍ରକାଶ ବେଳେ ଉକ୍ତ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଅଟର ( ପିପି) ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ ।

## ଆଦର୍ଶ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ

ନୂଆପଡ଼ା **୨୪/୧୨ (ନି.ପ୍ର):** ନୂଆପଡା ଜିଲ୍ଲା କେଶରାଜପୁର ଆଦର୍ଶ ବିଦ୍ୟାଳୟ ରେ ପଞ୍ଚମ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ବାର୍ଷିକ ଉତ୍ସବ ବିଦ୍ୟାଳୟ ର ଅଧକ୍ଷ ଚିତ୍ତରଞ୍ଜନ ମଟାରୀ ନେତୃତ୍ୱ ବିଦ୍ୟାଳୟ ର ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଆୟୋଜିତ ଉତ୍ସବ ରେ ନୂଆପଡା ଆଦର୍ଶ ବିଦ୍ୟାଳୟ ର ନୋଡାଲ ଅଧକ୍ଷ ଜିତେନ୍ଦ୍ର କୁମାର ପ୍ରଧାନ ମୁଖ୍ୟ ବକ୍ତା ଭାବରେ କଣ୍ଟାବାଞ୍ଜି କେ ଭି କଲେଜ ର ଓଡ଼ିଆ ଅଧ୍ୟାପକ ସଞ୍ଜୟ କୁମାର ମିଶ୍ର ବୋଡ଼େନ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ନେପାଳ ଚନ୍ଦ୍ର ଦେ, ସୁନାପୁର ପଞ୍ଚାୟତ ସରପଞ୍ଚ ମୁକ୍ତାମଣି ରାଉତ, ସମିତି ସଭ୍ୟା ମୀନାରାଣୀ ସାହୁ ସମ୍ମାନିତ ଅତିଥି ଭାବରେ ମଞ୍ଚାସିନ ହୋଇଥିଲେ। ବିଦ୍ୟାଳୟ ର ଶିକ୍ଷୟତ୍ରୀ ଅନିମା ବାରିକ ଅତିଥି ମାନଙ୍କ ପାଇଁ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଯଦୁମଣି ବାରିକ, ଆକାଶ ମୁଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଛାତ୍ର ଛାତ୍ରୀମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ର କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ତୋଷ କୁମାର ଦାସ, ସାର୍ଥକ ସାରଥି ସିଂ, ସାଗର ମହାନ୍ତି, ଲିଲି ପଟେଲ, ଜିତେନ୍ଦ୍ର ନାଥ ଗହୀର, ଦେବସ୍ମିତା ହାସଦା, ଲକ୍ଷ୍ମଣ ବରିହା, ମନୋଜ ବେହେରା, ସତ୍ୟ ପ୍ରକାଶ ଦଣ୍ଡସେନା, ତପେଶ୍ୱର ମେହେର,ଲଳିତ ତାଣ୍ଡି,ଅଲିଭ ଭୋଇ, ରାମଚନ୍ଦ୍ର ମାଝୀ ପ୍ରମୁଖ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟତ୍ରୀ ମାନେ ସହଯୋଗ କରିଥିଲେ। ସେହିପରି -୨୦୨୩-୨୪ ବର୍ଷ ର ମାଟ୍ରିକ ଟପ୍ପର ଶୋଭାଗିନୀ ନାଗ ଏବଂ ଯୁକ୍ତ ଦୁଇ ଟପ୍ପର ମାନସ ବାଗ ଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଶେଷରେ ନରୋତ୍ତମ ବାଗ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଜାମଦା ଆଞ୍ଚଳିକ ମହାବିଦ୍ୟାଳୟ(ଡିଗ୍ରୀ) ତାଳଗାଁ ପକ୍ଷରୁ ବୃହତ ସ୍ୱାସ୍ଥ୍ୟ ଶିବିର



ମୟୂରଭଞ୍ଜ **୨୪/୧୨ (ନି.ପ୍ର):** ମୟୂରଭଞ୍ଜ ଜିଲ୍ଲା ଜାମଦା ଆଞ୍ଚଳିକ ମହାବିଦ୍ୟାଳୟ (ଡିଗ୍ରୀ)ତାଳଗାଁ ପକ୍ଷରୁ ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା ପ୍ରତିଷ୍ଠାନ ରଙ୍ଗାମାଟିଆ,ରାସଗୋବିନ୍ଦପୁର ସହାୟତାରେ ମୋତିଆବିନ୍ଦୁ ଚିହ୍ନଟ ଶିବିର,ଜାମଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସହାୟତାରେ ମାଗଣା ସ୍ୱାସ୍ଥ୍ୟ ଶିବିର ଓ ରେଡ଼୍ କ୍ରସ୍-ଏନ୍ଏସ୍ଏସ୍-ସମ୍ବାଦ ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମହାବିଦ୍ୟାଳୟର ଅଧକ୍ଷ ଅଶୋକ ସୁରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି ।ରକ୍ତଦାନ ଶିବିରରେ ମୋଟ ୬୫ଜଣ ରକ୍ତଦାନ କରିଥିଲେ ।ମାଗଣା ସ୍ୱାସ୍ଥ୍ୟ ଶିବିରରେ ମୋଟ ୧୫୦ ଜଣ ରୋଗୀଙ୍କୁ ଚିକିତ୍ସା କରାଯାଇଥିଲା ଏବଂ ମୋତିଆ ବିନ୍ଦୁ ଚିହ୍ନଟ ଶିବିରରେ ମୋଟ ୧୯ ଜଣଙ୍କୁ ଚିହ୍ନଟ କରାଯାଇଥିଲା ।ଏହି ଅବସରରେ ମହାବିଦ୍ୟାଳୟରେ ଏକ ସଭାର ଆୟୋଜନ ହୋଇଥିଲା ।କଲେଜ୍ ର ପ୍ରିନ୍ସପାଲଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ସଂକଳ୍ପବଦ୍ଧ ହୋଇ ଯେ କୌଣସି କାର୍ଯ୍ୟରେ ମନ ନିବେଶ କଲେ ତାହା ଫଳପ୍ରଦ ହୋଇଥାଏ ବୋଲି ବକ୍ତବ୍ୟ ମାଧ୍ୟମରେ ଦର୍ଶାଇଥିଲେ ।କଲେଜ ପରିଚାଳନା କମିଟୀର ସଭାପତି ଅତିଥୀ ମାନଙ୍କର ପରିଚୟ ପ୍ରଦାନ କରିଥିଲା ବେଳେ ମୁଖ୍ୟବକ୍ତା କବି ଲଳିତ କୁମାର ମହାନ୍ତ ରକ୍ତଦାନ ସଂପର୍କରେ ବହୁମୂଲ୍ୟ କଥା ଛାତ୍ରଛାତ୍ରୀମାନଙ୍କୁ ଜଣାଇଥିଲେ ।ବୃହତ ସ୍ୱାସ୍ଥ୍ୟ ଶିବିରକୁ ସୁଚାରୁ ରୂପେ ଓଡ଼ିଆ ଅଧ୍ୟାପକ ଭଗବାନ ଚନ୍ଦ୍ର ପାଳ ପରିଚାଳନା କରିଥିଲେ ।ବିଶେଷ ଅତିଥୀ ଭାବରେ ଜାମଦା ଡାକ୍ତରଖାନାର ଡଃ ଦୀପକ ରଂଜନ ଜେନା,ରାଇରଙ୍ଗପୁର ର ସମ୍ବାଦ ସାମ୍ବାଦିକ ତୁଷାର ବାବୁ,ସମାଜସେବୀ ଭାଇଭଉଣୀମାନେ ଉପସ୍ଥିତ ରହିଥିଲେ ।ମୁଖ୍ୟଅତିଥୀ ରାଇରଙ୍ଗପୁର ବିଧାୟକ ରକ୍ତଦାତାଙ୍କୁ ସମ୍ବାଦ ଓ ରେଡ଼୍ କ୍ରସ,ଏନ୍ଏସ୍ଏସ୍ ପକ୍ଷରୁ ଆସିଥିବା ମାନପତ୍ର ଓ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ ।ବୃହତ ସ୍ୱାସ୍ଥ୍ୟ ଶିବିରକୁ ସଫଳ କରିବାରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ ସହଯୋଗ ପ୍ରଶଂସନୀୟ ଥିଲା ।

## ବୋଡ଼େନ ବ୍ଲକ୍ ଖଇରା ଗ୍ରାମ ପଞ୍ଚାୟତ ରେ ପ୍ରବାସୀ ଶ୍ରମିକ ନିରାକରଣ ନେଇ ସଚେତନ ସଭା

ନୂଆପଡ଼ା **୨୪/୧୨ (ନି.ପ୍ର):** ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ୍ ଖଇରା ଗ୍ରାମ ପଞ୍ଚାୟତ ରେ ପ୍ରବାସୀ ଶ୍ରମିକ ନିରାକରଣ ନେଇ ସଚେତନ ସଭା ଅନୁଷ୍ଠିତ ହୋଇଯାଇଅଛି ।ଏହି ସଭାରେ ଜିଲ୍ଲାପାଳ ମଧୁସୂଦନ ଦାସ ଯୋଗ ଦେଇ ନିଜ ଗ୍ରାମ, ନିଜ ପଞ୍ଚାୟତ ରେ ଲକ୍ଷ ପତି ବନିବା ସୁଯୋଗ ରହିଥିବା ବେଳେ ଏହାର ସୁବିଧା ନେବା ପାଇଁ ଶ୍ରମିକ ମାନଙ୍କୁ ଆହ୍ୱାନ କରିଛନ୍ତି। ନିଜ ପରିବାର ରେ ୩୦୦ ଦିନ କାର୍ଯ୍ୟ କରି ନିର୍ମାଣ ଶ୍ରମିକ ସହାୟତା ମଧ୍ୟ ଲାଭ ନେଇ ପାରିବେ ବୋଲି ପ୍ରକାଶ କରିଛନ୍ତି। ଏହି ଅବସରରେ ଜଙ୍ଗଲ ଜମି ପଟ୍ଟା ମଧ୍ୟ ପ୍ରଦାନ କରିଛନ୍ତି। ସଭାରେ ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଜିଲ୍ଲା ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଅତିରିକ୍ତ ଏସପି ଇନ୍ଦ୍ରମଣି ବେହେରା, ବିଡ଼ିଓ ସୁଶାନ୍ତ ରଣା, ତହସିଲଦାର ସରିତା ଗୁପ୍ତା, ବ୍ଲକ ତଥା ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

# ସରସ୍ୱତୀ ଶିଶୁ ମନ୍ଦିର ବିଦ୍ୟାମନ୍ଦିର ର ଚତୁର୍ବିଂଶ ବାର୍ଷିକ ଉତ୍ସବ-୨୦୨୪/୨୫

ନିମାପଡା **୨୪/୧୨ (ନି.ପ୍ର):** ପୁରୀ ଜିଲ୍ଲା ଗୋପ ବ୍ଲକ ଯୋଗେଶ୍ୱରପୁର ସରସ୍ୱତୀ ଶିଶୁ ମନ୍ଦିର ର ଚତୁର୍ବିଂଶ ବାର୍ଷିକ ଉତ୍ସବ ୨୦୨୪/୨୫ ବିଦ୍ୟା ମନ୍ଦିର ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି ।ଏହି ବାର୍ଷିକ ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ ମଙ୍ଗଳା ମହାବିଦ୍ୟାଳୟ ର ଅବସରପ୍ରାପ୍ତ ଅଧକ୍ଷ ତଥା ଗାଳ୍ପିକ ଓ କଥାକାର ଡକ୍ଟର ଅଶୋକ କୁମାର ତ୍ରିପାଠୀ ,ମୁଖ୍ୟ ବକ୍ତା ଭାବେ ଶିକ୍ଷା ବିକାଶ ସମିତି ଓଡିଶା ର ଯୁଗ୍ମ ସମ୍ପାଦକ ଉମେଶ ଚନ୍ଦ୍ର ଦାଶ , ସମ୍ମାନିତ ଅତିଥି ରାଜ୍ୟପାଳ ପୁରସ୍କୃତ ପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପରିଡା ,ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ଅନୁଷ୍ଠାନ ର ସଭାପତି ପ୍ରସନ୍ନ କୁମାର ସ୍ୱାଇଁ କାକଟପୁର ସଙ୍କୁଳ ପ୍ରମୁଖ ସୁରେନ୍ଦ୍ରନାଥ ମାଣିକ ଯୋଗଦେଇ ଭାରତ ମାତା ଓ ସରସ୍ୱତୀ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱୋଳନ କରି ସଭା କାର୍ଯ୍ୟ ଆରଂମ୍ଭ କରିଥିଲେ ।ଏହି ଉତ୍ସବ ସଭାରେ ଅନୁଷ୍ଠାନ ର ସମ୍ପାଦକ ମାନସ କୁମାର ସାହୁ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ଭିମସେନ ରାୟ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଅନୁଷ୍ଠାନ ର ଶିକ୍ଷା ଶୈଳୀ ସହିତ ରାଷ୍ଟ୍ରୀୟ ମାର୍ଗ ଓ ଡିଜିଟାଲ ଜ୍ଞାନ କୌଶଳ ଶିକ୍ଷା କୁ ମଞ୍ଚାସିନ ଅତିଥି ମାନେ ବକ୍ତବ୍ୟ ରେ ଉଚ୍ଚ ପ୍ରଶଂସା କରିଥିଲେ । ପରେ ଅତିଥି ମାନଙ୍କ ଦ୍ୱାରା ବିଦ୍ୟୁତ ପରିଷଦ ସଭ୍ୟ ପ୍ରାଣବନ୍ଧୁ ଦଳାଇ ସହିତ ଅନୁଷ୍ଠାନ ର ଗୁରୁଜୀ ଗୁରୁମା ଙ୍କୁ ସମ୍ମାନିତ କରାଯାଇଥିବା ବେଳେ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସଭା ଶେଷରେ ଅନୁଷ୍ଠାନ ର କୋଷାଧକ୍ଷ ବିମଳ କାନ୍ତ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବାର୍ଷିକ ଉତ୍ସବ ଅବସରରେ ଅନୁଷ୍ଠାନ ର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ,ସଙ୍ଗୀତ ପରିବେଷଣ କରାଯାଇଥିଲା । ଅନୁଷ୍ଠାନ ର ଗୁରୁଜୀ ,ଗୁରୁମା ଓ କର୍ମଚାରୀ ମାନେ ସହଯୋଗ କରିଥିବା ବେଳେ ସମସ୍ତ ଛାତ୍ର ଛାତ୍ରୀ ଓ ଅଭିଭାବକ ମାନେ ଯୋଗଦେଇଥିଲେ ।

# ଭୀମକୁଣ୍ଡ ରେ ଏବେ ପର୍ଯ୍ୟଟନ ଋତୁ , ଭୋଜି ଭାତ ସହ ନାଚ ଗୀତ ର ଆସର ଜମୁଛି

ପାଟଣା **୨୪/୧୨ (ନି.ପ୍ର):** ମୟୁରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ସୀମା ଦେଇ ବହି ଯାଇଥିବା ବୈତରଣୀ ର ଭୀମକୁଣ୍ଡ ମନୋହର ଦୃଶ୍ୟ ରେ ପର୍ଯ୍ୟଟକ ମାନେ ଆତ୍ମବିଭୋର ହୋଇ ପ୍ରକୃତି ର ସୁନ୍ଦରତା କୁ ମନ ଭରି ଉପଭୋଗ କରୁଛନ୍ତି ।ଭୀମକୁଣ୍ଡର ପ୍ରସ୍ତର ଶଯ୍ୟାରେ ଶୁଭ୍ର ରଙ୍ଗର ବିସ୍ତୀର୍ଣ୍ଣ ଜଳରାଶି ଓ ବିଶାଳ ଜଳକୁଣ୍ଡ ସର୍ବଦା ପର୍ଯ୍ୟଟକ ଙ୍କୁ ଆକୃଷ୍ଟ କରିଥାଏ। କେନ୍ଦୁଝର ତଥା ଓଡ଼ିଶାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡ ପ୍ରକୃତିପ୍ରେମୀ ଙ୍କ ମନ ସବୁ ସମୟରେ ଜିଣି ଆସିଛି। ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ସୀମାରେ ସବୁଜବନାନୀ ଘେରା ପୁଣ୍ୟତୋୟା ବୈତରଣୀ ଶଯ୍ୟା ରେ ଏହି ମନୋରମ ସ୍ଥାନ ଅବସ୍ଥିତ ।କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଡୁମୁରିଆ ଗ୍ରାମ ପଞ୍ଚାୟତର ଘାଟବାଲିଯୋଡି ଗ୍ରାମରେ ଏହା ଥିବାବେଳେ ମୟୁରଭଞ୍ଜ ଜିଲା ର ସୀମାରେ ବୋରିଂ ଗ୍ରାମ ରେ ଏହା ରହିଛି। ପର୍ଯ୍ୟଟନ ଋତୁରେ ଓଡ଼ିଶାର ବିଭିର୍ଣ୍ଣ ଜିଲ୍ଲା ତଥା ଅନ୍ୟ ରାଜ୍ୟ ମାନଙ୍କରୁ ପର୍ଯ୍ୟଟକ ମାନେ ଏଠାକୁ ଛୁଟି ଆସି ପ୍ରାକୃତିକ ସୌନ୍ଦର୍ଯ୍ୟ କୁ ବେଶ ମନ ଭରି ଉପଭୋଗ କରିଥାନ୍ତି। ନଦୀ ଶଯ୍ୟାରେ ଜଳପ୍ରପାତ ଓ ତାହାର ଘୁ ଘୁ ନାଦ ବିଶାଳ କୁଣ୍ଡ ସବୁଜବନାନୀ ବନଫୁଲର ଶୋଭା ଦର୍ଶକଙ୍କ ମନରେ ରୋମାଂଚ ଭରିଦିଏ । କୁଣ୍ଡେଶ୍ୱର ,ତିର୍ଥେଶ୍ୱର ଓ ଭୀମେଶ୍ୱର ଶିବ ମନ୍ଦିର ସହ ଏଠାକାର ବିଶ୍ରାମ ସ୍ଥଳୀ ଓ ନଦୀଶଯ୍ୟା ର ୱାଚ ଟାୱାର ଏହାର ଆକର୍ଷଣ କୁ ଦ୍ୱିଗୁଣିତ କରୁଛି। ମହାଭାରତ ଯୁଗର ଘଟଣା ବହୁଳ କିମ୍ବଦନ୍ତୀ ସହ ଏହି ସ୍ଥାନର ସମ୍ପର୍କ ଅଛି ବୋଲି ଭୀମକୁଣ୍ଡ ନାମ ରୁ ଅନୁମାନ କରାଯାଏ ।ଇତିହାସ କହେ ମହାଭାରତ ସମୟରେ ପଞ୍ଚୁ ପାଣ୍ଡବ ମାନେ ଏହି ଠାରେ ଅଜ୍ଞାତ ବାସ କରିଥିଲେ । ବୈତରଣୀ ର ଜଳରାଶି ସେ ସମୟରେ କ୍ଷୀଣ ଜଳଧାରା ଥିଲା । ଭୀମ ସେଠାରେ ଗାଧୋଉଥିବା ସମୟରେ ଭୀମଙ୍କ ବିଶାଳ ଦେହରେ ଜଳଧାରା ବାଡେଇ ହୋଇ ସେଠାରେ ନିମ୍ନଗାମୀ ହୋଇ ବିଶାଳ ଗଣ୍ଡ ସୃଷ୍ଟି ହୋଇଥିଲା । ସେବେଠାରୁ ସେଇ ଗଣ୍ଡର ନାମ ଭୀମଙ୍କ ନାମରେ ନାମିତ ହୋଇ ଭୀମକୁଣ୍ଡ ହୋଇଛି। ମକର ସମୟ ରେ ଏଠାରେ ବୁଡ଼ ପକାଇବାକୁ ଲକ୍ଷାଧିକ ଶ୍ରଦ୍ଧାଳୁ ଆସିଥିବା ବେଳେ ପର୍ଯ୍ୟଟନ ଋତୁ ରେ ହଜାର ହଜାର ଦର୍ଶକ ପ୍ରତେକ ଦିନ ବଣଭୋଜି ଓ ବୁଲାବୁଲି କରି ଯାଇଥାନ୍ତି। ବର୍ଷର ଅକ୍ଟୋବର



ମାସ ଠାରୁ ମାର୍ଚ୍ଚ ମାସ ର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଏଠାକୁ ପର୍ଯ୍ୟଟକ ଙ୍କ ସୁଅ ଛୁଟିବା ସହ ସ୍ଥାନଟି ବେଶ ଚଳଚଞ୍ଚଳ ହୋଇପଡେ ଏହି ଭୀମକୁଣ୍ଡ ।ଭୀମକୁଣ୍ଡ ର ଉନ୍ନତି ପାଇଁ ପର୍ଯ୍ୟଟନ ବିଭାଗ ତରଫରୁ ନିଆ ଯାଇଛି ଅନେକ ପଦକ୍ଷେପ । ପର୍ଯ୍ୟଟକ ମାନଙ୍କ ପାଇଁ ପିଣ୍ଡି ୱାଚ ଟାୱାର ଓ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି ।ପ୍ରକୃତିର ବିଭିଧତା ଓ ଭୀମକାନ୍ତ ଦୃଶ୍ୟ ଥରେ ନୟନରେ ଦେଖିବା ଉଚିତ ବୋଲି ପର୍ଯ୍ୟଟକ ମାନେ ମତାମତ ରଖିଥାନ୍ତି। ଭୀମକୁଣ୍ଡ କୁ ଆସିବାକୁ ହେଲେ ଉଭୟ ସଡକ ପଥ ଏବଂ ରେଳ ପଥର ସୁବିଧା ଅଛି। ରେଳପଥରେ ଭୁବନେଶ୍ୱର ରୁ ଆସି ସିତାବିଞ୍ଜି କିମ୍ବା କେନ୍ଦୁଝର ଷ୍ଟେସନ ରୁ ସଡକ ପଥ ରେ ଆସି ପାଟଣା ମୁଖ୍ୟାଳୟ ଦେଇ ଭୀମକୁଣ୍ଡ କୁ ଯାଇ ପାରିବେ। ସଡକ ପଥରେ ଭୁବନେଶ୍ୱର ରୁ ପାଣିକୋଇଲି ଆନନ୍ଦପୁର ଠାକୁରମୁଣ୍ଡା ଦେଇ ଭୀମକୁଣ୍ଡ କିମ୍ବା ଆନନ୍ଦପୁର - ଘଟଗାଁ - ଢେଙ୍କିକୋଟ ହୋଇ ଆସିପାରିବେ ।

# ଓଡ଼ିଆ ଖାଦ୍ୟର ଅନୁସନ୍ଧାନ

ଭୁବନେଶ୍ୱର,୨୪/୧୨: ଅଲ୍ ଥିଙ୍ଗ୍ସ ଓଡ଼ିଶା ପକ୍ଷରୁ ସେଫ୍ ଓଡ଼ିଶା ଫର୍ ହାର୍ ର ମୁଖ୍ୟ କାର୍ଯ୍ୟାଳୟରେ 'ଓଡ଼ିଶା ମନସ୍କ'ର ପଞ୍ଚମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। 'ବିୟଣ୍ଡ ଦି ପ୍ଲେଟ୍ : ଓଡ଼ିଆ ଖାଦ୍ୟର ସାଂସ୍କୃତିକ, ସାମାଜିକ-ଅର୍ଥନୈତିକ ଦିଗ ଅନୁସନ୍ଧାନ' ଶୀର୍ଷକ ଏହି କାର୍ଯ୍ୟକ୍ରମରେ ପରିଚୟ, ସାଂସ୍କୃତିକ ଗୌରବ ଓ ସାମାଜିକ-ଅର୍ଥନୈତିକ ଅଭିବ୍ୟକ୍ତିର ପ୍ରତୀକ ଭାବରେ ଖାଦ୍ୟର ଭୂମିକା ଉପରେ ଆଲୋକପାତ କରାଯାଇଥିଲା। ଏହି ଆଲୋଚନାରେ ଖାଦ୍ୟ ଅଧିକାର କର୍ମୀ ସମୀତ ପଣ୍ଡାଙ୍କ ବକ୍ତବ୍ୟ ରହିଥିବା ବେଳେ ଖାଦ୍ୟ ସମାଲୋଚିକା, ଗବେଷିକା ଓ ଲେଖିକା ରିତୁ ପଟ୍ଟନାୟକ, ଖାଦ୍ୟ ଗବେଷିକା ତଥା ଲେଖିକା ଶ୍ୱେତା ବିଶ୍ୱାଳ, ଆଦିବାସୀ ଖାଦ୍ୟ ପରାମର୍ଶଦାତା ତଥା ମାଷ୍ଟରସେଫ୍ ଇଣ୍ଡିଆ ସିଜନ ୮ ପ୍ରତିଯୋଗୀ ମଧୁସ୍ମିତା ସୋରେନ ପ୍ରମୁଖ ଯୋଗ ଦେଇଥିଲେ । ଖାଦ୍ୟ କିପରି ବ୍ୟକ୍ତିଗତ ଏବଂ ସାମୂହିକ ପରିଚୟ ସୃଷ୍ଟି କରିଥାଏ ତାହା ଏହି ପ୍ୟାନେଲ ଅନୁଧ୍ୟାନ କରାଯାଇଥିଲା । ୨୫୦ରୁ ଅଧିକ ପାରମ୍ପରିକ ଓଡ଼ିଆ ଖାଦ୍ୟର ଦସ୍ତାବିଜ ସମ୍ବଳିତ ପୁସ୍ତକ ରଚନା କରିଥିବା ରିତୁ ପଟ୍ଟନାୟକ ଖାଦ୍ୟ ଓ ଓଡ଼ିଆ ସମାଜ ଓ ସଂସ୍କୃତିର ପରସ୍ପର ସମ୍ପର୍କ ଉପରେ ଆଲୋକପାତ କରି ସେ ନିଜ ବ୍ୟକ୍ତିଗତ ଜୀବନର କାହାଣୀ ସହିତ ବର୍ଣ୍ଣନା କରି କହିଥିଲେ ଯେ, "ଏକ ସମ୍ପ୍ରଦାୟ, ଏକ ଭୂଗୋଳର ପରିଚୟ ହେଉଛି ଖାଦ୍ୟ ଏବଂ ସେଠାରେ ଉପଲବ୍ଧ ସାଂସ୍କୃତିକ ଗୁଣ ଏବଂ ପ୍ରାକୃତିକ ସମ୍ପଦ ବିଷୟରେ ଅନେକ କିଛି କହିଥାଏ" । ଆଦିବାସୀ ସମ୍ପ୍ରଦାୟରୁ ଆସିଥିବା ମଧୁସ୍ମିତା ସୋରେନ ତାଙ୍କ ନିଜ ମୂଳ ବିଷୟରେ ଉତ୍ସାହର ସହ କହିଥିଲେ ଯେ, ଭେଦଭାବର ଅନୁଭୂତି କିପରି ତାଙ୍କୁ ସାନ୍ତାଳି ଖାଦ୍ୟ ପ୍ରଦର୍ଶନ କରିବାକୁ ପ୍ରୋତ୍ସାହିତ କରିଥିଲା । ସେ ଦୃଢ଼ୋକ୍ତି ପ୍ରକାଶ କରି କହିଥିଲେ ଯେ, "ଖାଦ୍ୟ ମୋତେ ମୋ ମୂଳ ସହିତ ଯୋଡିଥାଏ ଏବଂ ଆଦିବାସୀ ଖାଦ୍ୟକୁ ପ୍ରୋତ୍ସାହନ ଦେବା କେବଳ ସ୍ୱାଦ ବିଷୟରେ ନୁହେଁ ବରଂ ଏହା ବିଷୟରେ ଥିବା ଅବଧାରଣାକୁ ଭାଙ୍ଗିବା । 'ବିୟଣ୍ଡ ଡାଲାମା'ର ଲେଖିକା ଶ୍ୱେତା ବିଶ୍ୱାଳ ଓଡ଼ିଆ ଖାଦ୍ୟରେ ଆଞ୍ଚଳିକ ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱାରୋପ କରି ଡାଲମାଙ୍କୁ ପ୍ରାୟତଃ ଓଡ଼ିଆ ଖାଦ୍ୟର ଚେହେରା ଭାବରେ ଦେଖାଯାଏ, କିନ୍ତୁ ପଶ୍ଚିମ ଓଡ଼ିଶା ସମେତ ଆମ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳର ବିବିଧ ଏବଂ ସମୃଦ୍ଧ ଖାଦ୍ୟ ସଂସ୍କୃତି ସମାନ ମାନ୍ୟତା ପାଇବାକୁ ଯୋଗ୍ୟ ବୋଲି କହିଥିଲେ । ଖାଦ୍ୟ ଅଧିକାର କର୍ମୀ ସମୀତ ପଣ୍ଡା ଖାଦ୍ୟର ସାମାଜିକ-ରାଜନୈତିକ ଦିଗ ପ୍ରତି ଦୃଷ୍ଟି ଆକର୍ଷଣ କରି ପୋଷଣକୁ ବ୍ୟବସ୍ଥାଗତ ଅସମାନତା ସହ ଯୋଡ଼ିଥିଲେ। ଓଡ଼ିଶାରେ ୫୦% ରୁ ଅଧିକ ମହିଳା ରକ୍ତହୀନତାରେ ପୀଡ଼ିତ ଥିବା ବେଳେ ସେଠାରେ ପୁଷ୍ଟିହୀନତାର ଭୟାବହ ବାସ୍ତବତାକୁ ସେ ଉଲ୍ଲେଖ କରିଥିଲେ। "ଖାଦ୍ୟ ପ୍ରଚୁର ମାତ୍ରାରୁ ଉତ୍ପାଦନ ହେଉଥିଲେ ମଧ୍ୟ ଖାଦ୍ୟ ଅନେକଙ୍କ ପାଇଁ ଜୀବିକା ଏବଂ ବଞ୍ଚିବାର ବିଷୟ ହୋଇ ରହିଛି । ସୁଗମତା ଏବଂ ପୋଷଣ ସୁନିଶ୍ଚିତ କରିବା ଏକ ସୁସ୍ଥ




ସମାଜ ଗଠନ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି । ଭାରତର ଜନସଂଖ୍ୟାର ଏକ ବୃହତ ଅଂଶ ପାଇଁ ଖାଦ୍ୟ ଅଧିକାର ସୁନିଶ୍ଚିତ କରିବାର ପଦକ୍ଷେପ ହେଉଛି ସାର୍ବଜନୀନ ବଣ୍ଟନ ବ୍ୟବସ୍ଥା (ପିଡିଏସ୍) ଏବଂ ମଧ୍ୟାହ୍ନ ଭୋଜନ (ଏମଡିଏମ) ଭଳି କଲ୍ୟାଣକାରୀ ବ୍ୟବସ୍ଥା । ଏହା କରାଯାଇନଥିଲେ ଅନେକ ଭୋକ ଉପାସରେ ମୃତ୍ୟୁ ବରଣ କରିଥାନ୍ତେ। ଆଧୁନିକ ଖାଦ୍ୟ ଧାରା ଯୋଗୁଁ ଧୀରେ ଧୀରେ ବିଲୁପ୍ତ ହେଉଥିବା ପାରମ୍ପରିକ ଓଡ଼ିଆ ଖାଦ୍ୟଗୁଡ଼ିକୁ ସଂରକ୍ଷିତ ରଖିବାର ଆବଶ୍ୟକତା ଉପରେ ରିତୁ ପଟ୍ଟନାୟକ କ୍ଷୋଭ ପ୍ରକାଶ କରି କହିଥିଲେ ପ୍ରାମାଣିକତା ବଜାୟ ରଖିବା ଜରୁରୀ ଏବଂ ଆମ ଖାଦ୍ୟ କେବଳ ସ୍ୱାଦ ପାଇଁ ନୁହେଁ ବରଂ ଏହା ଇତିହାସ, କାହାଣୀ ଏବଂ ପରିଚୟ ବିଷୟରେ ମଧ୍ୟ ରହିଛି । ସନ୍ତୁଳିତ ପୋଷକ ତତ୍ତ୍ୱର ଅଭାବ ଅଧିକାଂଶ ଲୋକଙ୍କ ପାଇଁ ଉପଲବ୍ଧ ଓଡିଆ ଥାଳିକୁ ଅସ୍ୱାସ୍ଥ୍ୟକର କରିଥାଏ ବୋଲି ସମୀତ ପଣ୍ଡା ଆଲୋକପାତ କରିଥିଲେ। ସମସ୍ତଙ୍କ ପାଇଁ ଖାଦ୍ୟ ଅଧିକାର ସୁନିଶ୍ଚିତ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରେ ବ୍ୟାପକ ପରିଶ୍ରମ କରିଥିବା ଏହି କର୍ମକର୍ତ୍ତା ଯୁକ୍ତି ବାଢ଼ିଛନ୍ତି ଯେ, "କାର୍ବୋହାଇଡ୍ରେଟ୍ ର ପ୍ରଚୁରତା ଏବଂ ପ୍ରୋଟିନ ଓ ଚର୍ବି ଜାତିୟ ଖାଦ୍ୟର ଅଭାବ ଅନେକଙ୍କ ପାଇଁ ସ୍ୱାସ୍ଥ୍ୟ ଗତ ସମସ୍ୟା ସୃଷ୍ଟି କରିଥାଏ । ଅସୁସ୍ଥ ନାଗରିକ ଏକ ସୁସ୍ଥ ସମାଜ ଗଠନ କରିପାରିବେ ନାହିଁ ଏବଂ ରାଜ୍ୟର ସମୃଦ୍ଧିରେ ଯୋଗଦାନ କରିପାରିବେ ନାହିଁ। ପ୍ୟାନେଲରେ ଯୋଗ ଦେଇଥିବା ଅତିଥିଗଣ ବ୍ରାଣ୍ଡିଂ ଓ ମାର୍କେଟିଂ ପାଇଁ ସଠିକ୍ ରଣନୀତି ଅବଲମ୍ବନ କରି ଓଡ଼ିଆ ଖାଦ୍ୟକୁ ଅଧିକ ଆକାଂକ୍ଷୀ କରିବାର ଉପାୟ ଖୋଜିବା ସହ ବ୍ୟାପକ ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ଉପଯୁକ୍ତ ମିଶ୍ରଣ ବା ଖାଦ୍ୟ ଯୋଡି ଚୟନ କରି ଏହାର ସ୍ୱାସ୍ଥ୍ୟକର ଦିଗକୁ ଅନୁସନ୍ଧାନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଉପଯୁକ୍ତ ପୋଷକ ତତ୍ତ୍ୱ କୁ ସୁନିଶ୍ଚିତ କରିବା ପାଇଁ ଖାଦ୍ୟର ଚୟନମୂଳକ ଯୋଡ଼ି ଉପରେ ଗୁରୁତ୍ୱ ଦେଇ ଉତ୍ତମ ବ୍ରାଣ୍ଡିଂ ଏବଂ ମାର୍କେଟିଂ ର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ଶ୍ୱେତା ବିଶ୍ୱାଳ କହିଥିଲେ ଯେ, ଓଡ଼ିଆ ଖାଦ୍ୟକୁ ସ୍ୱାସ୍ଥ୍ୟକର, ସୁସ୍ଥ ଓ ଅନନ୍ୟ ଭାବେ ସ୍ଥାନିତ କରାଯାଇପାରିବ। ଉଭୟ ପୁଷ୍ଟିସାଧନ ଓ ସାଂସ୍କୃତିକ ଦୃଷ୍ଟିରୁ ଆକର୍ଷିତ ହେଉଥିବା ଖାଦ୍ୟର ସଠିକ୍ ମିଶ୍ରଣକୁ ଚିହ୍ନଟ କରିବା ଦରକାର ବୋଲି ସେ ପରାମର୍ଶ ଦେଇଛନ୍ତି। ବିଭିନ୍ନ କାର୍ଯ୍ୟକ୍ରମ ଓ ପର୍ବପର୍ବାଣୀରେ ଆଦିବାସୀ ଖାଦ୍ୟକୁ ପ୍ରୋତ୍ସାହିତ କରିଥିବା ମଧୁସ୍ମିତା ସୋରେନଙ୍କ ଅନୁଭୂତିକୁ ପ୍ରବଳ ପ୍ରତିକ୍ରିୟା ମିଳିଥିଲା। ଯେମିତି ଆମେ ଅନ୍ୟ ଅଞ୍ଚଳର ଖାଦ୍ୟ ଗ୍ରହଣ କରିଥାଉ, ଠିକ୍ ସେମିତି ଆମ ଖାଦ୍ୟକୁ ଓଡ଼ିଶା ବାହାରକୁ ନେବାକୁ ପଡ଼ିବ। ସଚେତନତା ଏବଂ ପ୍ରାମାଣିକତା ଗୁରୁତ୍ୱପୂର୍ଣ୍ଣ ଏବଂ ଏକ ଆଦିବାସୀ ଖାଦ୍ୟ ରେଷ୍ଟୁରାଣ୍ଟ ପାଇଁ ନିଜର ଦୃଷ୍ଟିକୋଣକୁ ସେ ପ୍ରକାଶ କରିଥିଲେ ।

## ବେଲଗୁଣ୍ଠା ପ୍ରେସକ୍ଲବ ସଦସ୍ୟଙ୍କ ମାତୃ ବିୟୋଗ



ବେଲଗୁଣ୍ଠା ୨୪/୧୨ (ନି.ପ୍ର):ବେଲଗୁଣ୍ଠା ପ୍ରେସକ୍ଲବ ସଦସ୍ୟ ସନ୍ତୋଷ କୁମାର ଡାକୁଆଙ୍କ ମାତା ଲକ୍ଷ୍ମୀ ଡାକୁଆ ରବିବାର ସକାଳ ସାତ ଘଣ୍ଟ ପାଞ୍ଚ ମିନିଟ ସମୟରେ ଇହଲୀଳା ସମ୍ବରଣ କରିଛନ୍ତି। ସେ ଦୀର୍ଘ ଦିନ ଧରି ପକ୍ଷାଘାତରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ଥିଲେ ଓ ମୃତ୍ୟୁ ବେଳକୁ ତାଙ୍କୁ ୭୮ ବୟସ ହୋଇଥିଲା। ସ୍ୱର୍ଗତ ଲକ୍ଷ୍ମୀ ଡାକୁଆଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଦୁଇ ପୁଅ ସନ୍ତୋଷ କୁମାର ଡାକୁଆ ଓ ସୁଶାନ୍ତ କୁମାର ଡାକୁଆ, ତିନି ନାତି ଜିତେନ୍ଦ୍ର ଡାକୁଆ, ଶ୍ରୀତମ କୁମାର ଡାକୁଆ , ଗୁରୁଦେବ ଡାକୁଆ, ନାତୁଣୀ ଅଲିସା ଡାକୁଆ,ଦୁଇ ପୁତୁରା ଅଶୋକ କୁମାର ବେହେରା, ଅରୁଣ ବେହେରା ଏବଂ ପରିବାରର ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ। ଲକ୍ଷ୍ମୀ ଡାକୁଆ ଜଣେ ପରଉପକାରୀ ଧର୍ମପରାୟଣା ମହିଳା ଭାବେ ଅଂଚଳରେ ବେଶ ଜଣା ଶୁଣା ଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏଇ ଖବର ପାଇବା ପରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦ୍ଗତି କାମନା କରିଛନ୍ତି। ଲକ୍ଷ୍ମୀ ଡାକୁଆଙ୍କ ଶବକୁ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ ପୁଅ ସନ୍ତୋଷ ମୁଖାଗ୍ନି ଦେଇଥିଲେ।

## ଜି ଆଇ ଇ ଟି ବିଶ୍ୱ ବିଦ୍ୟାଳୟ ରେ ସୃଜନ ୩ - ଓ ପକ୍ଷରୁ ମାରାଥନ

ଗୁଣୁପୁର ୨୪/୧୨ (ନି.ପ୍ର): ଜି ଆଇ ଇ ଟି ବିଶ୍ୱବିଦ୍ୟାଳୟ ରେ ଦୁଇ ଦିନ ଧରି ଚାଲୁ ରହିଛି ସୃଜନ ୩ - ଓ ବା ଟେକ୍ନୋ ସାଂସ୍କୃତିକ ଉତ୍ସବ । ଉତ୍ସବ ର ପ୍ରଥମ ଦିବସରେ ହେବାକୁ ଥିବା ମାରାଥନ ଦୌଡ଼ ପ୍ରତିଯୋଗିତା ଲଘୁଚାପ ବର୍ଷା ଯୋଗୁଁ ସ୍ଥଗିତ ରଖାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଆଜି ସକାଳ ୭ ଘଟିକା ରେ ଅନୁଷ୍ଠିତ କରାଯାଇଥିଲା । ଭେଙ୍କେଟେଶ୍ୱର ମନ୍ଦିର ନିକଟରୁ ମାରାଥନ ଦୌଡ଼ ଆରମ୍ଭ ହୋଇ ଜି ଆଇ ଇ ଟି ବିଶ୍ୱବିଦ୍ୟାଳୟ ନିକଟରେ ସରିଥିଲା । ଏଥିରେ କଲେଜର ବହୁ ଛାତ୍ର ଛାତ୍ରୀ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ । ଅନୁଷ୍ଠାନର ଉପସଭାପତି ଡଃ ଚନ୍ଦ୍ରଧ୍ୱଜ ପଣ୍ଡା ଆଜି ଶେଷ ଦିନରେ ସୁନାମଧନ୍ୟ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆଙ୍କ ସଙ୍ଗୀତ ପରିବେଷଣ କାର୍ଯ୍ୟକ୍ରମ ଥିବାରୁ ବହୁ ମାତ୍ରାରେ ଜନସାଧାରଣ ଯୋଗଦାନ ଦେବାକୁ ଅନୁରୋଧ କରିଥିଲେ ।



## ଗଣିତ ଦିବସ ପାଳନ କରି ହାଟ ବସାଇଲେ ଜାମଦା ଶିଶୁ ମନ୍ଦିରର ବିଦ୍ୟାର୍ଥୀ

ମୟୂରଭଞ୍ଜ ୨୪/୧୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ଅନ୍ତର୍ଗତ ଜାମଦା ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଧାନାଚାର୍ଯ୍ୟା ସୁଶ୍ରୀ ସସ୍ମିତା ଟୁଡୁଙ୍କ ଅଧ୍ୟକ୍ଷତାରେ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଅଛି।ଏଥିରେ ମୋଟ ୨୦୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଏଥିରେ ପ୍ରକଳ୍ପ ପ୍ରଦର୍ଶନୀ, ପ୍ରଶ୍ନମଞ୍ଚ, ଗଣିତ ଖେଳ ଓ ଓଲଟା ,ରଙ୍ଗୋଲି,ପତ୍ରବାଚନ,ଗଣିତର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି। ଶିଶୁ ମନ୍ଦିରର ଗଣିତ ଗୁରୁଜୀ ଓ ଗୁରୁମାମାନେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନ୍ୟ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ରହି ସହଯୋଗ କରିଥିଲେ।ଏହି ଅବସରରେ ପ୍ରଧାନ ଆଚାର୍ଯ୍ୟା ସୁଶ୍ରୀ ସସ୍ମିତା ଟୁଡୁ ମହାନ ଗଣିତଜ୍ଞ ଏସ୍. ରାମାନୁଜନଙ୍କ ଜୟନ୍ତୀ ଅବସରରେ ଜାତୀୟ ଗଣିତ ଦିବସ ପାଳନ ହୁଏ।ଗଣିତ ପ୍ରତି ତାଙ୍କ ଅବଦାନକୁ ସ୍ମରଣୀୟ କରିବା ପାଇଁ ଭାରତ ସରକାର ୨୬ ଫେବୃଆରୀ ୨୦୧୨ରେ ରାମାନୁଜନଙ୍କ ଜନ୍ମଦିନକୁ ଜାତୀୟ ଗଣିତ ଦିବସ ରୂପେ ପାଳନ କରିବାକୁ ଘୋଷଣା କରିଥିଲେ। ସେବେଠାରୁ ପ୍ରତିବର୍ଷ ଏହି ଦିବସ ପାଳନ ହେଉଛି।ଶ୍ରୀ ଗୁରୁଜୀ ଛାତ୍ରାବାସର ଗୁରୁଜୀ ପିକେ ବାବୁ ଗଣିତ ଶିକ୍ଷା କ୍ଷେତ୍ରରେ ଏକ କଷ୍ଟକର ବିଷୟ ସତ, କିନ୍ତୁ ଏହି କଷ୍ଟକର ବିଷୟ ମାନବର ସାମାଜିକ ଚଳଣିକୁ ସରଳ କରିପାରିଛି। ଗଣିତ ସାହାଯ୍ୟରେ ବଣିଜ-ବେପାର ସହଜ ହୋଇପାରିଛି। ଗଣିତର ଆବଶ୍ୟକତାକୁ ହୃଦବୋଧ କରି ପ୍ରତିବର୍ଷ ଆଜିର ଦିନକୁ ଜାତୀୟ ଗଣିତ ଦିବସ ପାଳନ କରାଯାଉଛି। କିନ୍ତୁ ଡିସେମ୍ବର ୨୨କୁ ଗଣିତ ଦିବସ ରୂପେ ପାଳନ କରିବା ପଛରେ କ'ଣ ଉଦ୍ଦେଶ୍ୟ ରହିଛି ସେ ବିଷୟରେ ଅବଗତ କରାଇଥିଲେ ।ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ବିଦ୍ୟାର୍ଥୀମାନେ ଦୁଇ ଘଣ୍ଟା ହାଟ ବସାଇଥିଲେ ।ହାଟ ବସାଇବାର ଉଦ୍ଦେଶ୍ୟ ଥିଲା ବେପାର ବାଣିଜ୍ୟ କାରବାରରେ ସବୁ ବିଦ୍ୟାର୍ଥୀଙ୍କୁ ଗଣିତ ଉପରେ କିଛି ଶିକ୍ଷା ପ୍ରଦାନ କରିବା ।ଏହି ହାଟରେ ଶିଶୁ ଭାଇଭଉଣୀମାନେ ଭଜା ଚଣା,ଭଜା ମଟର,ଝାଲମୁଢ଼ି,ମାଲପୁଆ,ଆଳୁଚପ୍,ଗୁପଚୁପ୍,ଭେଜ୍ ବିରିୟାନୀ,ପନିପରିବା,ପିଠା,ନିତ୍ୟ ବ୍ୟବହାର ସାମଗ୍ରୀ ଦ୍ରବ୍ୟର କାରବାର ନିମନ୍ତେ ମୋଟ ୩୦ ଜଣ ବିଦ୍ୟାର୍ଥୀ ହାଟ ବସାଇଥିଲେ ।ଅନ୍ୟ ପିଲାମାନେ ଟଂକା ଦେଇ ଜିନିଷ କିଣିଥିଲେ ।ଏହି କାର୍ଯ୍ୟକ୍ରମକୁ ଶିଶୁ ମନ୍ଦିର ର ଗୁରୁଜୀ କାଶୀନାଥ ହେମ୍ବ୍ରମ,ଯଶୋବନ୍ତ ବେହେରା,ଦୀପକ ଦାସ,ସୁଦର୍ଶନ ନାୟକ ,କାଳିଚରଣ ସୋରେନ ପ୍ରମୁଖ ପରିଚାଳନା କରିଥିଲେ ।



## ଶ୍ରେଷ୍ଠ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନ୍ ଙ୍କ ଜନ୍ମ ବାର୍ଷିକୀ ତଥା ଜାତୀୟ ଗଣିତ ଦିବସ ପାଳିତ

ଅତାବିରା ୨୪/୧୨ (ନି.ପ୍ର): ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟ ଗଣିତ ବିଭାଗ ଆନୁକୂଲ୍ୟରେ ଶ୍ରେଷ୍ଠ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନ୍ ଙ୍କ ଜନ୍ମ ବାର୍ଷିକୀ ତଥା ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି । ଅଧ୍ୟକ୍ଷ ପ୍ରଫେସର ଡକ୍ଟର ନକୁଳ ସେଠ୍ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଥିଲେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଗଣିତ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ସବିତା ସାହୁ । ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ବିଭାଗ ମୁଖ୍ୟ ଡକ୍ଟର ରୋଜାଲିନ ଦାଶ ଓ ଅବସରପ୍ରାପ୍ତ ସହକାରୀ ପ୍ରଫେସର ଶ୍ରୀ ରାଧେ ଗୋପାଳ ଖମାରୀ ମଞ୍ଚାସୀନ ଥିଲେ । ଡକ୍ଟର ଦାଶ ସ୍ୱାଗତ ଭାଷଣରେ ଗଣିତ କିପରି ଦୈନନ୍ଦିନ ଜୀବନର ଏକ ପ୍ରମୁଖ ଅଙ୍ଗ ହୋଇପାରିଛି ତା'ର ସୂଚନା ପ୍ରଦାନ କରିଥିଲେ । ଗଣିତ ବିଷୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଯଥେଷ୍ଟ ଆଗ୍ରହ ସୃଷ୍ଟି କରାଇବାକୁ ପରାମର୍ଶ ଦେଇଥିଲେ ଅଧ୍ୟକ୍ଷ ପ୍ରଫେସର ଡକ୍ଟର ସେଠ୍ । ଗଣିତର ଉପକାରିତା ଓ ଶ୍ରୀନିବାସ ରାମାନୁଜନ୍ ଙ୍କ ଗଣିତ ପ୍ରତି ଥିବା ସମର୍ପଣ ଭାବ ସମ୍ପର୍କରେ ସମ୍ୟକ୍ ଆଲୋକପାତ କରିଥିଲେ ପ୍ରଫେସର ଡକ୍ଟର ସବିତା ସାହୁ । କ୍ରମିକ ଭଗ୍ନାଂଶ ଓ ଅସୀମ ସଂଖ୍ୟା ସମ୍ପର୍କରେ ଶ୍ରୀନିବାସ ରାମାନୁଜନ୍ ଯେଉଁ ନୂତନ ତତ୍ତ୍ୱ ଆବିଷ୍କାର କରିଥିଲେ ସେ ବିଷୟରେ ଶ୍ରୀ ରାଧେଗୋପାଳ ଖମାରୀ ମତ ରଖିଥିଲେ । ଗଣିତ ବିଷୟରେ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମନ ଭିତରେ ରହୁଥିବା ଭୟ ଦୂର କରିବା ନିମିତ୍ତ ବିଶେଷ ପଦକ୍ଷେପ ଗ୍ରହଣ କରିଥିବା ସରଣ୍ଡାପାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଗଣିତ ଶିକ୍ଷକ ଶ୍ରୀ ନାରାୟଣ ବିଶ୍ୱାଳଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏ ?ହାଛଡା ପ୍ରବନ୍ଧ, ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା ବିଭାଗ ଦ୍ୱାରା ଆୟୋଜିତ ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସହକାରୀ ପ୍ରଫେସର ଅଭିଳାଷ ସାହୁ, ମୃତ୍ୟୁଞ୍ଜୟ ମଳିକ, ସୁଶ୍ରୀ ଡୋଲେଶ୍ୱରୀ ବରିହା, ଡକ୍ଟର ରାମାନୁଜନ୍ ମିଶ୍ର, ସୁଶାନ୍ତ ପ୍ରଧାନ ସ ?ମେତ ବିଭାଗର ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସ୍ନାତକୋତ୍ତର ଶ୍ରେଣୀର ଛାତ୍ରୀ ସୁଶ୍ରୀ ଶୋଭାରାଣୀ ପାଣ୍ଡିଆ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲାବେଳେ ପରିଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ ଛାତ୍ରୀ ସୁଶ୍ରୀ ଅମିଶା ସାହୁ ।

## ମେଦନା ସ୍ଥିତ ଗ୍ରାମ୍ୟଦେବୀ ମାଁ କାଳୀ କଙ୍କାଲୁଣୀ ଙ୍କ ବାର୍ଷିକ ଦଶହରା ପାଳିତ



ନବରଙ୍ଗପୁର ୨୪/୧୨ (ନି.ପ୍ର): ଡାବୁଗାଁ ବ୍ଲକ ମେଦନା ପଞ୍ଚାୟତ ସଦର ମହକୁମା ଠାରେ ମେଦନା ଗ୍ରାମର ଗ୍ରାମଦେବୀ ମାଁକାଳୀ କଙ୍କାଲୁଣୀ ଙ୍କ ବାର୍ଷିକ ଦଶହରା ଧୁମଧାମ ରେ ପାଳିତ ହୋଇଯାଇଛି । ମାଁ କାଳୀ କଙ୍କାଲୁଣୀ ହେଉଛନ୍ତି ମେଦନା ଗ୍ରାମର ଇଷ୍ଟଦେବୀ । ସେ କେଉଁ ଆଦିମ କାଳରୁ ମେଦନା ଗ୍ରାମର ହାଟପଦା ପଡିଆ ରେ ଗ୍ରାମବାସୀଙ୍କ ଦ୍ୱାରା ପୂଜିତ ହୋଇ ଆସୁଛନ୍ତି ।ବଜାର ପଡିଆ ପରିସରରେ ମାଁ ଙ୍କର ଏକ ସୁନ୍ଦର ମନ୍ଦିର ବିଦ୍ୟମାନ । ମା ଏକ ପ୍ରତକ୍ଷ୍ୟଦେବୀ ହୋଇଥିବାରୁ ଆଖପାଖ ଅଞ୍ଚଳ ରୁ ଭକ୍ତମାନେ ଆସି ମାଁ ଙ୍କ ପାଖରେ ମାନସିକ ରଖିଥାନ୍ତି । ଗ୍ରାମବାସୀ ଅତି ଶ୍ରଦ୍ଧାର ସହ ମାଁ ଙ୍କର ଏହି ଉତ୍ସବ ଟିକୁ ପାଳନ କରିଥାନ୍ତି ।ମା ଙ୍କ ଦଶହରା ରେ ଆଖପାଖ ଗ୍ରାମ ର ଦେବାଦେବୀ ଙ୍କ ସହ ଶିରା, ପୂଜାରୀ, ଲାଠି, ପାଲିଙ୍କି, ନରିଆ ଙ୍କ ସହ ନିମନ୍ତ୍ରିତ ହୋଇ ମାଁ ଙ୍କ ପୀଠକୁ ଆସିଥାନ୍ତି ।ବଡ ଆଡମ୍ବର ସହକାରେ ପାଳିତ ହୁଏ ମା ଙ୍କ ଦଶହରା । ଗାଁ ରେ ହଜାର ହଜାର ସଂଖ୍ୟକ ଭକ୍ତ ସାଙ୍ଗକୁ ଉଠା ଦୋକାନୀ ମାନଙ୍କ ପ୍ରବଳ ଭିଡ ଜମେ ।ଗ୍ରାମର ମୁଖ୍ୟ ବ୍ୟକ୍ତିମାନେ ଗ୍ରାମରେ ବୈଠକ ଡାକି କମିଟି ଗଠନ କରି ଶାନ୍ତି ଶୃଙ୍ଖଳା ର ପାଳନ୍ତି ମା ଙ୍କ ଦଶହରା। ରାତ୍ରିରେ ଜନସାଧାରଣ ଙ୍କ ମନରଞ୍ଜନ ସକାଶେ ଦୁଇଗୋଟି ଦେଶିଆ ନାଟକ ର ମଧ୍ୟ ଆୟୋଜନ କରାଯାଇଛି ।ଗ୍ରାମର ଭଦ୍ରବ୍ୟକ୍ତି ମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବଂଶୀଧର ମାଝୀ, ମେଦନା ପୂର୍ବତନ ସରପଞ୍ଚ ହିରଣ୍ୟ ମାଝୀ, ପୂର୍ବତନ ନାଏବ ସରପଞ୍ଚ ତୁଳାରାମ ଗୌଡ଼, ଶଶୀଧର ମାଝୀ, ଶିବ ପ୍ରସାଦ ମିଶ୍ର, ଘାସି ପୂଜାରୀ, ମଙ୍ଗଳୁ ପୂଜାରୀ, ଶୀଦାସ ଗାଣ୍ଡା ପ୍ରମୁଖ ମା ଙ୍କ ଦଶହରା ପର୍ବ ର ମୁଖ୍ୟ ଦାୟିତ୍ୱ ଗ୍ରହଣ କରି ପର୍ବଟିକୁ ସରସ ସୁନ୍ଦର କରିଛନ୍ତି ।

## କଂଗ୍ରେସ୍ ପକ୍ଷରୁ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

ବେଲଗୁଣ୍ଠା ୨୪/୧୨ (ନି.ପ୍ର): ଚଳିତ ବର୍ଷ ଚାଷ ଆରମ୍ଭ ଏବଂ ଧାନ ଗଛରେ ଫୁଲ ଧରିବା ସମୟରେ ନିଅଣ୍ଟିଆ ବର୍ଷା ବର୍ଷା ହେତୁ ଚାଷୀକୂଳ ବିଶେଷ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଧାନ ଅମଳ ସମୟରେ ଲଘୁଚାପ ଜନିତ ଲଗାଣ ବର୍ଷା ଚାଷୀଙ୍କର ବର୍ଷକର ଆହାରକୁ ଛଡାଇ ନେଇଛି ଓ ସମଗ୍ର ରାଜ୍ୟରେ ଚାଷୀଙ୍କର ଏହିଭଳି ଖରାପ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଗଂଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ୍ ର ଚାଷୀମାନେ ମଧ୍ୟ ଏଥିରେ ବହୁ କ୍ଷତିଗ୍ରସ୍ତ ହୋଇଛନ୍ତି ଓ ତେଣୁ ବ୍ଲକ୍ ର କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବା ନିମନ୍ତେ ବେଲଗୁଣ୍ଠା କଂଗ୍ରେସ୍ ପକ୍ଷ ରୁ ବେଲଗୁଣ୍ଠା ତହସିଲଦାରଙ୍କ ମାଧ୍ୟମରେ ମାନ୍ୟବର ଖାଦ୍ୟମନ୍ତ୍ରୀ ଏବଂ ଗଂଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି ଓ ଏହି ପ୍ରରିପ୍ରେକ୍ଷୀରେ ସୋରଡ଼ା ବିଧାନ ସଭା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ହରିକୃଷ୍ଣ ରଥଙ୍କ ନେତୃତ୍ୱରେ ଆସିକା ସାଂସଦ ପ୍ରାର୍ଥୀ ଦେବକାନ୍ତ ଶର୍ମା, ଯୁବ ନେତା ପ୍ରଶାନ୍ତ ବିଷୋୟୀ,ବିନାୟକ ଗୌଡ଼ ବୁଦ୍ଧଦେବ ମଳିକ, ସନ୍ତୋଷ ସାହୁ, ମନୋଜ ବରଡ଼ଙ୍କ ସମେତ ବହୁ କଂଗ୍ରେସ୍ କର୍ମୀ ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନଙ୍କୁ ସାକ୍ଷାତ କରି ସ୍ମାରକ ପତ୍ର ପ୍ରଦାନ କରିଥିଲେ।

## ପ୍ରବାସୀ ଓଡ଼ିଆ ସଂଗଠନ ଶ୍ରୀ ଜଗନ୍ନାଥ ସେବା ସମିତିର ଦମନରେ ସାମାଜିକ ସେବା



ବେଲଗୁଣ୍ଠା ୨୪/୧୨ (ନି.ପ୍ର): ଓଡ଼ିଆ ମାନେ ଯେଉଁଠି ବି ଥିଲେ ସେଠାରେ ନିଜର ସ୍ୱତନ୍ତ୍ର ସଂଗଠନ ତିଆରି କରି ବିଭିନ୍ନ ସାମାଜିକ ସେବାରେ ନିଜକୁ ନିୟୋଜିତ କରିଥାନ୍ତି ଓ ଏହିଭଳି ଏକ ନିଆରା ସଂଗଠନ ହେଉଛି ଭାରତରେ ଅନ୍ୟତମ କେନ୍ଦ୍ର ଶାସିତ ଅଞ୍ଚଳରେ ପ୍ରତିଷ୍ଠିତ ପ୍ରବାସୀ ଓଡ଼ିଆ ସଂଗଠନ ଶ୍ରୀ ଜଗନ୍ନାଥ ସେବା ସମିତି ଓ କେନ୍ଦ୍ର ଶାସିତ ଅଞ୍ଚଳ ଦମନ, ବାପି ଏବଂ ଏହାର ଆଖପାଖରେ ରହୁଥିବା ପ୍ରବାସୀ ଓଡିଆ ଭାଇମାନଙ୍କ ଦ୍ୱାରା ଗଠିତ ହୋଇଛି ଶ୍ରୀ ଜଗନ୍ନାଥ ସେବା ସେମିତି ଓ ଏହି ସମିତି ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ସାମାଜିକ ସେବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜନ କରିଥାଏ ଓ ଏହି ପ୍ରରିପ୍ରେକ୍ଷୀରେ ରବିବାର ଦିନ ଏହି ସଂଗଠନର ସଦସ୍ୟମାନେ ମାନସିକ ଅନଗ୍ରସର ତଥା ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁଜରାଟ ବଲସାଡ ଜିଲ୍ଲାର ପାର୍ଡି ଅଞ୍ଚଳରେ ଅବସ୍ଥିତ ମନୋବିକାଶ ଚାରିଟେବୁଲ ଟ୍ରଷ୍ଟକୁ ସେବା ଯୋଗାଇଥିଲେ। ପିଲାମାନଙ୍କୁ ଖାଦ୍ୟ, ପଠନ ସାମଗ୍ରୀ ଏବଂ ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବଣ୍ଟନ କରିବା ସହିତ ସଂଗଠନର ସଦସ୍ୟମାନେ ଅନୁଷ୍ଠାନକୁ ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ। ଆଗାମୀ ଦିନରେ ସଂଗଠନକୁ ଅଧିକ ସୁଦୃଢ଼ କରାଯିବା ସହିତ ସଂଗଠନର ଏହି ସେବା କାର୍ଯ୍ୟକ୍ରମକୁ ଅନ୍ୟାନ୍ୟ ଅଞ୍ଚଳରେ ଜାରି ରଖାଯିବ ବୋଲି ସଂଗଠନ ସଦସ୍ୟ ଏବଂ କର୍ମକର୍ତ୍ତା ପ୍ରକାଶ କରିଛନ୍ତି ଓ ଏହି ସଂଗଠନରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ସଦସ୍ୟ ମାନେ ରହିଥିବା ବେଳେ ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ୍ ରୁ ମଧ୍ୟ କିଛି ସଦସ୍ୟ ରହିଛନ୍ତି ଓ ମାନବ ସେବା ହିଁ ମାଧବ ସେବା ଧର୍ମର ପ୍ରଚାର ଏବଂ ପ୍ରସାର ପାଇଁ ଶ୍ରୀ ଜଗନ୍ନାଥ ସେବା ସମିତି, ଦମନ ର ସଦସ୍ୟମାନଙ୍କ ଏହିଭଳି ଉଦ୍ୟମକୁ ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି।

## ହାତୀଓଟ ଓଡିଶା ଆଦର୍ଶ ବିଦ୍ୟାଳୟର ୩ୟ ବାର୍ଷିକ ଉତ୍ସବ 'ଉଲ୍ଲାସବୋଧ' (EUPHORIA)



ପୋଲସରା ୨୪/୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ପୋଲସରା ବ୍ଲକର ହାତୀଓଟ ଗ୍ରାମର ଓଡିଶା ଆଦର୍ଶ ବିଦ୍ୟାଳୟ(OAV)ର ୨୦୨୪ ବାର୍ଷିକ ଉତ୍ସବ ଉଲ୍ଲାସବୋଧ (EUPHORIA) ଡିସେମ୍ବର ୨୧ ତାରିଖ ଦିନ ବିଦ୍ୟାଳୟର ପ୍ରିନ୍ସପାଲ ତ୍ରିଲୋଚନ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ମାନ୍ୟବର ରାଷ୍ଟ୍ରମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ପୋଲସରା ବିଡ଼ିଓ କୁରେଶ ଚନ୍ଦ୍ର ଜାନୀ ଏବଂ ସମ୍ମାନୀତ ଅତିଥି ଭାବେ ତହସିଲଦାର ଦୀପ୍ତିମୟୀ ପାତ୍ର, ସରପଞ୍ଚ ପ୍ରତିନିଧି ତଥା ଆଇନଜୀବୀ ସୁଶାନ୍ତ କୁମାର ସାହୁ, ସମିତି ସଭ୍ୟ କାହ୍ନୁଚରଣ ସାହୁ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ମଲ୍ଲିକ, ଶିକ୍ଷାକୁ ମାପକାଠି କରି ପିତାମାତା ଓ ଗୁରୁଜନମାନଙ୍କୁ ଭକ୍ତିକରି ଚାଲିରେ ଜୀବନ ସାର୍ଥକ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ସେହିପରି ଆଇନଜୀବୀ ଶ୍ରୀ ସାହୁ ହାତୀଓଟରେ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଓଡିଶା ଆଦର୍ଶ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ପ୍ରତିଷ୍ଠିତ ହୋଇ ଶିକ୍ଷା କ୍ଷେତ୍ରରେ ଏକ ମାଇଲି ଖୁଣ୍ଟ ହୋଇ ଛିଡା ହୋଇଛି ବୋଲି ପ୍ରକାଶ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୩୭ ଜଣ ଛାତ୍ରଛାତ୍ରୀଙ୍କୁ ଅତିଥି ବୃନ୍ଦ ଟ୍ରଫି ସହ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। କମ୍ପୁଟର ଶିକ୍ଷକ ସୁଶାନ୍ତ କୁମାର ସାହୁ ଓ ସହକାରୀ ଶିକ୍ଷୟିତ୍ରୀ ଶ୍ରାବଣୀ ଦାସ ସଂଯୋଜନା କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ଗାୟତ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ହାଇଡ୍ରୋଜେନ ବସ୍ ଚଳାଚଳ ପାଇଁ ରାଜିନାମା




ଭୁବନେଶ୍ୱର,୨୪/୧୨: ରାଜ୍ୟରେ ଗ୍ରୀନ୍ ହାଇଡ୍ରୋଜେନ୍ ମୋବିଲିଟି ପ୍ରୋଜେକ୍ଟ ଶୁଭାରମ୍ଭ ଦିଗରେ ଓଡ଼ିଶା ସରକାର ପ୍ରଥମ ପଦକ୍ଷେପ ଗ୍ରହଣ କରିଛନ୍ତି । ଏନେଇ ତ୍ରିପାକ୍ଷିକ ବୁଝାମଣା ପତ୍ର ଚୁକ୍ତି ସ୍ୱାକ୍ଷର ହୋଇଛି । ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଅଧିନରେ ଥିବା କ୍ୟାପିଟାଲ୍ ରିଜିୟନ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍), ଶକ୍ତି ବିଭାଗର ଗ୍ରିଡ୍ କର୍ପୋରେସନ୍ ଅଫ୍ ଓଡ଼ିଶା ଲିମିଟେଡ୍ (ଗ୍ରିଡ୍‌କୋ) ଏବଂ ଏନ୍‌ଟିପିସି ମଧ୍ୟରେ ଏକ ବୁଝାମଣା ପତ୍ର ଚୁକ୍ତି ସ୍ୱାକ୍ଷର ହୋଇଛି । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ କ୍ରୁଟର ପରିଚାଳନା ନିର୍ଦ୍ଦେଶକ ତିରୁମାଲା ନାୟକ, ଏନଟିପିସିର ସିଜିଏମ୍ ଡି ଏମ ଆର ପଣ୍ଡା, ଗ୍ରିଡକୋର ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା ପ୍ରମୁଖ ରାଜିନାମାରେ ସ୍ୱାକ୍ଷର କରିଥିଲେ । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ପ୍ରକଳ୍ପ ସଂକ୍ରାନ୍ତରେ ବିସ୍ତୃତ ସୂଚନା ଦେଇଥିବାବେଳେ ଶକ୍ତି ସଚିବ ବିଶାଳ ଦେବ ଉପସ୍ଥିତ ଥିଲେ । ଆସନ୍ତା ପାଞ୍ଚ ବର୍ଷ ପାଇଁ କାର୍ଯ୍ୟକାରୀ ହେବାକୁ ଥିବା ଏମଓୟୁରେ ସମ୍ପୃକ୍ତ ତିନିଟି ସଂସ୍ଥାର ପ୍ରମୁଖ ଭୂମିକା ଏବଂ ଦାୟିତ୍ୱମାନ ଉଲ୍ଲେଖ କରାଯାଇଛି । ହାଇଡ୍ରୋଜେନ୍ ଚାଳିତ ବସ୍‌ଗୁଡ଼ିକର ସୁପରିଚାଳନା ଦାୟିତ୍ୱ କ୍ରୁଟ୍‌କୁ ଦିଆଯାଇଥିବାବେଳେ ଏନ୍‌ଟିପିସି ହାଇଡ୍ରୋଜେନ୍ ଉତ୍ପାଦନ ଉପରେ ଧ୍ୟାନ ଦେବ ଏବଂ ଗ୍ରିଡ୍ ?କୋ ଅକ୍ଷୟ ଶକ୍ତି ଯୋଗାଣ ସୁନିଶ୍ଚିତ କରିବ । ଜାତୀୟ ଗ୍ରୀନ୍ ହାଇଡ୍ରୋଜେନ୍ ମିଶନ୍ ଅଧୀନରେ ନୂତନ ଏବଂ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ପରିବହନ କ୍ଷେତ୍ରରେ ସବୁଜ ହାଇଡ୍ରୋଜେନ ବ୍ୟବହାର ପାଇଁ ପାଇଲଟ୍ ପ୍ରୋଜେକ୍ଟଗୁଡିକର କାର୍ଯ୍ୟକାରୀ କରିବା ପାଇଁ ପ୍ରୋଜେକ୍ଟର ଗାଇଡଲାଇନ ଜାରି କରାଯାଇଛି । ଏହି ପ୍ରକଳ୍ପରେ ଅଟୋମେଟିଭ୍ ରିସର୍ଚ୍ଚ ଆସୋସିଏସନ୍ ଅଫ୍ ଇଣ୍ଡିଆ (ଇଜଇଓ) ଏହି ପାଇଲଟ୍ ପ୍ରୋଜେକ୍ଟରେ ୧୯.୫ କୋଟି ରାଶି ବିନିଯୋଗ କରିଛି । ପ୍ରକଳ୍ପର ସଫଳ ରୂପାୟନ ପରେ ରାଜ୍ୟରେ ଡିଜେଲ୍ ବସ୍ ବ୍ୟବହାରକୁ ହ୍ରାସ କରି ଆଗାମୀ ଦିନରେ ସବୁଜ ହାଇଡ୍ରୋଜେନ୍ ବସ୍‌କୁ ଅଧିକ ସାମିଲ କରାଯିବ । ଯାହାଦ୍ୱାରା କାର୍ବନ ନିର୍ଗମନ ହ୍ରାସ ଏବଂ ଜନ ପରିବହନ ଦିଗରେ ସୁଧାର ଆଣିବା ପାଇଁ ଏଭଳି ପଦକ୍ଷେପ ସହାୟକ ହେବ । ତିନୋଟି ହାଇଡ୍ରୋଜେନ୍ ଚାଳିତ ବସ୍ ଏନ୍‌ଟିପିସି ଦ୍ୱାରା ନିୟୋଜିତ ହେବ । ଏଗୁଡ଼ିକ ସର୍ବସାଧାରଣରେ ଏକ ସ୍ଥାୟୀ ବିକଳ୍ପ ଯୋଗାଇ ଡିଜେଲ ବସ୍ ବଦଳାଇବା ପାଇଁ ଏହି ବସ୍ ?ର ଡିଜାଇନ୍ କରାଯାଇଛି । ଏକ କିଲୋଗ୍ରାମ ହାଇଡ୍ରୋଜେନ୍ ପ୍ରତି ବସ୍‌ରେ ୧୨ କିଲୋମିଟର ମାଇଲେଜ୍ ପ୍ରଦାନ କରିବ । ପ୍ରତିଟି ବସ୍‌ରେ ଯାତ୍ରୀମାନଙ୍କ ପାଇଁ ୪୨ ଟି ସିଟ୍ ଏବଂ ୫୮ କେଜି ଇନ୍ଧନରେ ୬୦୦ କିମି ପର୍ଯ୍ୟନ୍ତ ବସ୍ ଚଳାଚଳ କରବାର କ୍ଷମତା ରଖିଛି । ଏନ୍‌ଟିପିସି କ୍ରୁଟ୍‌ର ଗାଡ଼କଣ ଡ଼ିପୋରେ ହାଇଡ୍ରୋଜେନ୍ ଉତ୍ପାଦନ ପ୍ଲାଣ୍ଟ ପ୍ରତିଷ୍ଠା କରିବ । କ୍ରୁଟ୍ ଡ଼ିପୋରେ ପୁର୍ବରୁ ଥିବା ଇଟିପି ଏବଂ ଏସ୍‌ଟିପି ପ୍ଲାଣ୍ଟ୍‌କୁ ବ୍ୟବହାର କରି ଏନ୍‌ଟିପିସି ହାଇଡ୍ରୋଜେନ୍ ଗ୍ୟାସ୍ ସୃଷ୍ଟି କରିବାରେ ସମର୍ଥ ହେବ । ଶକ୍ତି ବିଭାଗ ପକ୍ଷରୁ ଏନ୍‌ଟିପିସିକୁ ୨ଏକର ଜାଗା ଦେବାକୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗକୁ ଅନୁରୋଧ କରାଯାଇଛି । ଗ୍ରିଡ୍‌କୋ ନିକଟସ୍ଥ ସବ୍‌ଷ୍ଟେସନ୍‌କୁ ୨ ମେଗା ୱାଟ୍ ବିଦ୍ୟୁତ୍ ଯୋଗାଣ କରିବ । ରାଜ୍ୟର ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଏହି ହାଇଡ୍ରୋଜେନ ବସ୍ ସ୍ଥାୟୀ ସମାଧାନ ଆଣିବା ଦିଗରେ ବେଶ୍ ସହାୟକ ହେବ ।

## ଯାନ୍ତ୍ରିକ କୃଷି ପାଇଁ ଟ୍ରାକ୍ଟର ପସନ୍ଦ

ଭୁବନେଶ୍ୱର,୨୪/୧୨: ରାଜ୍ୟର ଚାଷୀମାନେ କୃଷି ଯନ୍ତ୍ରପାତି ମଧ୍ୟରେ ଟ୍ରାକ୍ଟରକୁ ଅଧିକ ପସନ୍ଦ କରିବା ସହିତ ଚାଷ କାର୍ଯ୍ୟରେ ଏହାକୁ ବ୍ୟବହାର କରୁଛନ୍ତି । ଚାଷ କ୍ଷେତ୍ରରେ ହଳ ବଳଦର ଯେତିକି ବ୍ୟବହାର ହେଉଛି ତାହାର ଦୁଇଗୁଣାରୁ ଅଧିକ ଟ୍ରାକ୍ଟର ରହିଥିବା ଜଣାଯାଇଛି । ରାଜ୍ୟରେ ଚାଷ କାର୍ଯ୍ୟରେ କୃଷି ଯନ୍ତ୍ରପାତିର ବ୍ୟବହାର ସଂକ୍ରାନ୍ତରେ ମିଳିଥିବା ସୂଚନାରୁ ଜଣାଯାଇଛି ଯେ ଏବେ ବି ରାଜ୍ୟର ୨୮.୭୫ ପ୍ରତିଶତ ଚାଷୀମାନେ ହଳ ବଳଦ ଦ୍ୱାରା କୃଷି କାର୍ଯ୍ୟ କରୁଥିବାବେଳେ ଶତକଡା ୬୦.୨୫ ପ୍ରତିଶତ ଚାଷୀ କୃଷି କ୍ଷେତରେ ଟ୍ରାକ୍ଟର ବ୍ୟବହାର କରୁଛନ୍ତି । ସେହିଭଳି ୧୧ ପ୍ରତିଶତ ଚାଷୀ ପାୱାରଟିଲର ବ୍ୟବହାର କରୁଥିବା ଜଣାଯାଇଛି । ହଳ ବଳଦ ତୁଳନାରେ ଟ୍ରାକ୍ଟରେ ଖର୍ଚ୍ଚ କମ୍ ହେବା ସହିତ କାର୍ଯ୍ୟ ଶ୍ରୀଘ୍ର ହେବା ଏବଂ ଏହା ଜରିଆରେ ବହୁମୁଖୀ କାର୍ଯ୍ୟ କରାଯାଇ ପାରୁଥିବାରୁ ଚାଷୀମାନେ ଏଥିପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି । ଟ୍ରାକ୍ଟର ଜରିଆରେ ବିଲରେ ହଳ ସହିତ ମାଟି ବୁହା, ଧାନ ବୋହିବା, ଧାନ ଅମଳ କରିବା ଆଦି କାର୍ଯ୍ୟ ହୋଇପାରୁଛି । ଯେଉଁମାନେ ଟ୍ରାକ୍ଟର ପାଇଁ ଅତିରିକ୍ତ ସାଜ ସରଞ୍ଜାମ ଖରିଦ କରୁଛନ୍ତି ସେମାନେ ବୈଜ୍ଞାନିକ ପଦ୍ଧତିରେ କୃଷି ପାଇଁ ତାହାକୁ ବ୍ୟବହାର କରୁଛନ୍ତି । ଚାଷ କାର୍ଯ୍ୟରୁ ବିରତି ସମୟରେ ଟ୍ରାକ୍ଟରକୁ ମଧ୍ୟ ଅନ୍ୟାନ୍ୟ ବ୍ୟବସାୟିକ କାର୍ଯ୍ୟରେ ଲଗାଯାଇ ପାରୁଛି । ତେବେ ରାଜ୍ୟରେ କୃଷି ଯନ୍ତ୍ରପାତିର ବ୍ୟବହାର ସଂକ୍ରାନ୍ତରେ ମିଳିଥିବା ସୂଚନା ଅନୁଯାୟୀ ୨୦୧୨-୧୩ ମସିହାରେ କୃଷି କ୍ଷେତରେ ହେକ୍ଟର ପିଛା ୧.୩୩ କିଲୋୱାଟ ଯାନ୍ତ୍ରିକ ଶକ୍ତିର ଉପଯୋଗ ହେଉଥିବାବେଳେ ୨୦୨୩-୨୪ରେ ଏହା ୨.୪୮ କିଲୋୱାଟରେ ପହଞ୍ଚିଛି । ଯଦିଓ ଓଡିଶାରେ କୃଷି ଯନ୍ତ୍ରପାତିର ବ୍ୟବହାର ବଢିଛି ତଥାପି ଏହା ଅନ୍ୟ ରାଜ୍ୟ ତୁଳନାରେ ପଛରେ ରହିଥିବା ଜଣାଯାଇଛି । ୨୦୧୨-୧୩ ମସିହାରେ ସର୍ବ ଭାରତୀୟ ସ୍ତରରେ କୃଷି କ୍ଷେତରେ ହେକ୍ଟର ପିଛା ୨.୦୩ କିଲୋୱାଟ ଯାନ୍ତ୍ରିକ ଶକ୍ତିର ଉପଯୋଗ ହେଉଥିବାବେଳେ ସେତେବେଳେ ଓଡିଶାରେ ଏହା ୧.୬୫ କିଲୋୱାଟ ରହିଥିଲା । ୨୦୨୨ ମସିହାରେ ସର୍ବଭାରତୀୟ ସ୍ତରରେ ଏହା ୨.୫୦ କିଲୋୱାଟରେ ପହଞ୍ଚିଥିବାବେଳେ ଓଡିଶାରେ ଏହା ୧.୯୬ କିଲୋୱାଟ ରହିଥିଲା । ତେବେ ଏହି ସମୟରେ ପଶ୍ଚିମବଙ୍ଗରେ ଏହି ପରିମାଣ ୨.୨୫ କିଲୋୱାଟ ରହିଥିଲା । ଆଗାମୀ ୨୦୩୦ ମସିହା ବେଳକୁ କୃଷି କ୍ଷେତ୍ରରେ ଯାନ୍ତ୍ରିକ ଶକ୍ତିର ଉପଯୋଗ ନେଇ କେନ୍ଦ୍ର ଯେଉଁ ଆକଳନ କରିଛନ୍ତି ସେଥିରେ ଦର୍ଶାଯାଇଛି ଯେ ସର୍ବଭାରତୀୟ ସ୍ତରରେ ଏହା ହେକ୍ଟର ପିଛା ୪ କିଲୋୱାଟରେ ପହଞ୍ଚିବ । ସେହି ସମୟ ବେଳକୁ ଓଡିଶାର ଚାଷ ଜମିରେ ହେକ୍ଟର ପିଛା ୨.୯୩ କିଲୋୱାଟ ଯାନ୍ତ୍ରିକ ଶକ୍ତି ଉପଯୋଗ ହେଉଥିବାବେଳେ ପଞ୍ଜାବରେ ୭.୮୯, ହରିଆନାରେ ୭.୫୧, କର୍ଣ୍ଣାଟକରେ ୪.୪୩, ଆନ୍ଧ୍ରପ୍ରଦେଶରେ ୩.୭୨, ତ୍ରିପୁରାରେ ୩.୪୮, ଛତିଶଗଡରେ ୨.୮୬, ପଶ୍ଚିମବଙ୍ଗରେ ୩.୯୭ କିଲୋୱାଟ ରହିବ । ତେବେ ଓଡିଶା ଭଳି କୃଷି ପ୍ରଧାନ ରାଜ୍ୟରେ କୃଷି ଯନ୍ତ୍ରପାତି ଖରିଦ ପାଇଁ ରାଜ୍ୟ ସରକାର ବିପୁଳ ପରିମାଣର ସବସିଡ୍ ? ପ୍ରଦାନ କରୁଥିବାବେଳେ ଚାଷୀଙ୍କୁ ସହଜରେ ବ୍ୟାଙ୍କ୍ ? ଋଣ ନମିଳିବା ଯାନ୍ତ୍ରିକ କୃଷି କ୍ଷେତ୍ରରେ ବଡ ପ୍ରତିବନ୍ଧକ ସାଜିଛି । ସେହଭଳି ଅନେକ ଚାଷୀ ଛୋଟ ଛୋଟ କୃଷି ଯନ୍ତ୍ରପାତି ପାଇଁ ମିଳୁଥିବା ସବସିଡ୍ ପାଇବା ଆଶାରେ ତାହାକୁ ଖରିଦ କରୁଥିବାରୁ ଏହା ମଧ୍ୟ ଚାଷକାର୍ଯ୍ୟରେ ସେଭଳି ବ୍ୟବହାର ହୋଇପାରୁ ନଥିବା ଲକ୍ଷ୍ୟ କରାଯାଉଛି ।

## କିଆପଦର ବାଳିକା ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ରନ୍ଧାଖାଦ୍ୟ ସାମଗ୍ରୀ ଚୋରି କରିନେବା ଅଭିଯୋଗ

ଭବାନୀପାଟଣା ତା ୨୪/୧୨ (ଜଗନ୍ନାଥ ଏକ୍ସପ୍ରେସ୍)କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ କିଆପଦର କସ୍ତୁରବା ବାଳିକା ବିଦ୍ୟାଳୟର ଛାତ୍ରୀମାନଙ୍କ ରନ୍ଧାଖାଦ୍ୟ ପାଇଁ ଆସିଥିବା ସାମଗ୍ରୀ ମଧ୍ୟରୁ ପ୍ରଧାନ ଶିକ୍ଷକ ତାଙ୍କ କାରରେ ନେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଚୋରି ସାମଗ୍ରୀ ମଧ୍ୟରେ ୨ ବସ୍ତା ଆଳୁ, ୧ ବସ୍ତା ପିଆଜ,୨ ପେଟି ଅଣ୍ଡା, ତେଲ, ଡାଲି ସହିତ ବିଭିନ୍ନ ମସଲା ପ୍ୟାକେଟ୍ ଥିବା ଜଣାପଡିଛି। ଗତ ରବିବାର ଛୁଟିଦିନ ଥିବାବେଳେ ଛାତ୍ରୀମାନେ ଘରକୁ ଯାଇଥିବାରୁ ଏହାର ସୁଯୋଗରେ ସ୍କୁଲ ପରିଚଳିକା ପ୍ରଧାନ ଶିକ୍ଷକଙ୍କୁ ଏହିସବୁ ସାମଗ୍ରୀ ଦେଇଥିଲେ। ପ୍ରଧାନ ଶିକ୍ଷକ ସାମଗ୍ରୀଗୁଡିକୁ ତାଙ୍କ କାର୍ ରେ ନେଉଥିବା ବେଳେ ଗ୍ରାମର ଏସଏଚଜି ମହିଳା ଓ କିଛି ଗ୍ରାମବାସୀ ଗାଡିଟିକୁ ଅଟକାଇବାରୁ ଗାଡ଼ିଟି ଫେରାର ମାରିଥିଲା। ଗ୍ରାମବାସୀମାନେ କାର୍ ପିଛା କରି କର୍ଲାପାଟ ଅଭୟାରଣ୍ୟ ନିକଟରେ ଧରିଥିଲେ। ଏଭଳି ପରସ୍ଥିତି ଦେଖି ପ୍ରଧାନ ଶିକ୍ଷକ ଚତୁରତା ସହ ସଫେଇ ଦେଇ କହିଥିଲେ ଯେ ଛୁଟି ଥିବାରୁ ସାମଗ୍ରୀ ନଷ୍ଟ ହେବା ଆଶଙ୍କାରେ ଏହାକୁ ଦୋକାନରେ ଦେଇ ଛୁଟି ପରେ ଭଲ ସାମଗ୍ରୀ ପୁଣି ହଷ୍ଟେଲକୁ ଫେରାଇ ଆଣିଥାନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଏହି ଆବାସିକ ବିଦ୍ୟାଳୟରେ ଥିବା ବିଭିନ୍ନ ଅବ୍ୟବସ୍ଥା ଓ ଅନେକ ସମୟରେ ନିର୍ଯାତନା ଦିଆଯାଉ ଥିବା ନେଇ କିଛିଦିନ ତଳେ ଛାତ୍ରୀମାନେ ୨୦ କିମି ଦୂର ଚାଲି ଚାଲି ଆସି ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ତେବେ ଏସବୁ ଅନିୟମିତତାର ମୁଖ୍ୟ କାରଣ ହେଉଛି, ଏହି ବ୍ଲକଟି ଦୁର୍ଗମ ଅଞ୍ଚଳ ହୋଇଥିବାରୁ ଜିଲ୍ଲା ସଦରମହକୁମାରେ ଥିବା ବିଭାଗୀୟ ମୁଖ୍ୟ ଅଧିକାରୀ ମାନେ ଏଠାକୁ କାଁ ଭାଁ ଆସି ସୋସିଆଲ ମିଡିଆରେ ଛାଡି ବାହାବା ନେଇଥାନ୍ତି ଓ ଆଉ ଆସିନଥାନ୍ତି। ଏହାର ସୁଯୋଗ ନେଇ ଏହି ଦୁର୍ଗମ ଅଞ୍ଚଳରେ ନିଯୁକ୍ତ ଅଧିକାରୀ ଓ କର୍ମଚାରୀ ମାନେ ଦୁର୍ନୀତି କରିବାକୁ ପଛେଇ ନଥାନ୍ତି।



## ତୀର୍ଥଯାତ୍ରୀମାନଙ୍କ ସୁବିଧା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ମହାକୁମ୍ଭ ମେଳା-୨୦୨୫ ସମୟରେ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର, ୨୪.୧୨.୨୦୨୪ :ଆଗାମୀ ମହାକୁମ୍ଭ ମେଳା ୨୦୨୫ ରେ ଯାତ୍ରା କରିବାକୁଥିବା ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ବିଶେଷ ଟ୍ରେନ ସୁବିଧା ଆୟୋଜନ କରାଯାଇଅଛି । ଏହି ସ୍ୱତନ୍ତ୍ର ଟ୍ରେନ୍ ଗୁଡିକ ଏହି ଅଞ୍ଚଳର ବିଭିନ୍ନ ପ୍ରମୁଖ ସହରରୁ ପବିତ୍ର ସହର ପ୍ରୟାଗରାଜକୁ ସହଜ ଗମନାଗମନ ସଂଯୋଗ ଯୋଗାଇବ । ନିମ୍ନଲିଖିତ ଭାବେ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ: ୧. ଭୁବନେଶ୍ୱର-ତୁଣ୍ଡଲା-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ ଭାୟା କେନ୍ଦୁଝରଗଡ-ବୋକାରୋ-ଗୟା-ପ୍ରୟାଗରାଜ । ଏହି ଟ୍ରେନ୍ ୨୦୨୫ ଜାନୁୟାରୀ ମାସ ୧, ୮, ୨୨ ତାରିଖ ଓ ଫେବୃୟାରୀ ମାସ ୫, ୧୯, ୨୬ ତାରିଖ ଦିନ ବୁଧବାର ଦିନମାନଙ୍କରେ ଭୁବନେଶ୍ୱର ଠାରୁ ଅପରାହ୍ନ ୧୨ଘ.୩୦ମି.ରେ ଛାଡି କେନ୍ଦୁଝରଗଡ-ବୋକାରୋ-ଗୟା-ପ୍ରୟାଗରାଜ ମାର୍ଗ ଦେଇ ତୁଣ୍ଡଲା ଯାତ୍ରା କରିବ । ତୁଣ୍ଡଲା ଅଭିମୁଖେ ଏହି ଟ୍ରେନ୍ ପ୍ରୟାଗରାଜ ଷ୍ଟେସନ ଠାରେ ରହଣି କରି ତୀର୍ଥଯାତ୍ରୀମାନଙ୍କ ପାଇଁ ସିଧାସଳଖ ସୁବିଧା ଯୋଗାଇବ । ୨. ପୁରୀ-ତୁଣ୍ଡଲା-ପୁରୀ ସ୍ୱତନ୍ତ୍ର ଟ୍ରେନ୍ ଭାୟା ଭୁବନେଶ୍ୱର-ଭଦ୍ରକ-ଗୟା-ପ୍ରୟାଗରାଜ । ଏହି ଟ୍ରେନ୍ ୨୦୨୫ ଜାନୁୟାରୀ ମାସ ୬ ଓ ୨୦ ତାରିଖ ଓ ଫେବୃୟାରୀ ମାସ ୧୭ ତାରିଖ ଦିନ ସୋମବାର ଦିନମାନଙ୍କରେ ପୁରୀ ଠାରୁ ଅପରାହ୍ନ ୧୨ଘ.୩୦ମି.ରେ ଛାଡି ଭୁବନେଶ୍ୱର-ଭଦ୍ରକ-ଗୟା-ପ୍ରୟାଗରାଜ ମାର୍ଗ ଦେଇ ତୁଣ୍ଡଲା ଯାତ୍ରା କରିବ । ତୁଣ୍ଡଲା ଅଭିମୁଖେ ଏହି ଟ୍ରେନ୍ ପ୍ରୟାଗରାଜ ଷ୍ଟେସନ ଠାରେ ରହଣି କରି ତୀର୍ଥଯାତ୍ରୀମାନଙ୍କ ପାଇଁ ସିଧାସଳଖ ସୁବିଧା ଯୋଗାଇବ । ୩. ଟିଟିଲାଗଡ-ତୁଣ୍ଡଲା-ଟିଟିଲାଗଡ଼ ସ୍ୱତନ୍ତ୍ର ଟ୍ରେନ୍ ଭାୟା ସମ୍ବଲପୁର-ଝାରସୁଗୁଡା-ଡ଼ିଡ଼ିୟୁ-ପ୍ରୟାଗରାଜ । ଏହି ଟ୍ରେନ୍ ୨୦୨୫ ଜାନୁୟାରୀ ମାସ ୯, ୧୬, ୨୩ ତାରିଖ ଓ ଫେବୃୟାରୀ ମାସ ୬, ୨୦, ୨୭ ତାରିଖ ଦିନ ଗୁରୁବାର ଦିନମାନଙ୍କରେ ଟିଟିଲାଗଡ଼ ଠାରୁ ଅପରାହ୍ନ ୧୨ଘ.୩୦ମି.ରେ ଛାଡି ସମ୍ବଲପୁର-ଝାରସୁଗୁଡା-ଡ଼ିଡ଼ିୟୁ-ପ୍ରୟାଗରାଜ ମାର୍ଗ ଦେଇ ତୁଣ୍ଡଲା ଯାତ୍ରା କରିବ । ତୁଣ୍ଡଲା ଅଭିମୁଖେ ଏହି ଟ୍ରେନ୍ ପ୍ରୟାଗରାଜ ଷ୍ଟେସନ ଠାରେ ରହଣି କରି ତୀର୍ଥଯାତ୍ରୀମାନଙ୍କ ପାଇଁ ସିଧାସଳଖ ସୁବିଧା ଯୋଗାଇବ । ୪. ବିଶାଖାପାଟନମ୍-ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ (ଡ଼ିଡ଼ିୟୁ)-ବିଶାଖାପାଟନମ୍ ସ୍ୱତନ୍ତ୍ର ଟ୍ରେନ୍ ଭାୟା ରାୟଗଡା-ଟିଟିଲାଗଡ-ରାୟପୁର-କାଟନୀ । ଏହି ଟ୍ରେନ୍ ୨୦୨୫ ଜାନୁୟାରୀ ମାସ ୯, ୧୬, ୨୩ ତାରିଖ ଓ ଫେବୃୟାରୀ ମାସ ୬, ୨୦, ୨୭ ତାରିଖ ଦିନ ଗୁରୁବାର ଦିନମାନଙ୍କରେ ବିଶାଖାପାଟନମ୍ ଠାରୁ ଅପରାହ୍ନ ୦୫ଘ.୩୫ମି.ରେ ଛାଡି ରାୟଗଡା-ଟିଟିଲାଗଡ-ରାୟପୁର-କାଟନୀ ମାର୍ଗ ଦେଇ ଡ଼ିଡ଼ିୟୁ ଯାତ୍ରା କରିବ । ଡ଼ିଡ଼ିୟୁ ଅଭିମୁଖେ ଏହି ଟ୍ରେନ୍ ପ୍ରୟାଗରାଜ ଷ୍ଟେସନ ଠାରେ ରହଣି କରି ତୀର୍ଥଯାତ୍ରୀମାନଙ୍କ ପାଇଁ ସୁବିଧାଜନକ ମାର୍ଗ ପ୍ରଦାନ କରିବ । ୫. ବିଶାଖାପାଟନମ୍-ଗୋରଖପୁର-ବିଶାଖାପାଟନମ୍ ସ୍ୱତନ୍ତ୍ର ଟ୍ରେନ୍ ଭାୟା ଭୁବନେଶ୍ୱର-ଅନୁଗୁଳ-ସମ୍ବଲପୁର ସିଟି-ଝାରସୁଗୁଡା । ଏହି ଟ୍ରେନ୍ ୨୦୨୫ ଜାନୁୟାରୀ ମାସ ୫ ଓ ୧୯ ତାରିଖ ଏବଂ ଫେବୃୟାରୀ ମାସ ୧୬ ତାରିଖ ଦିନ ରବିବାର ଦିନମାନଙ୍କରେ ବିଶାଖାପାଟନମ୍ ଠାରୁ ରାତ୍ରି ୧୦ଘ.୨୦ମି.ରେ ଛାଡି ଭୁବନେଶ୍ୱର-ଅନୁଗୁଳ-ସମ୍ବଲପୁର ସିଟି-ଝାରସୁଗୁଡା ମାର୍ଗ ଦେଇ ଡ଼ିଡ଼ିୟୁ ଯାତ୍ରା କରିବ । ଡ଼ିଡ଼ିୟୁ ଅଭିମୁଖେ ଏହି ଟ୍ରେନ୍ ପ୍ରୟାଗରାଜ ଷ୍ଟେସନ ଠାରେ ରହଣି କରି ତୀର୍ଥଯାତ୍ରୀମାନଙ୍କ ପାଇଁ ସୁବିଧାଜନକ ମାର୍ଗ ପ୍ରଦାନ କରିବ । ଏହି ସ୍ୱତନ୍ତ୍ର ଟ୍ରେନ୍ ଗୁଡିକ ବିଶ୍ୱର ସର୍ବବୃହତ ଧାର୍ମିକ ସମାବେଶ ମହାକୁମ୍ଭ ମେଳାକୁ ଯାତ୍ରା କରୁଥିବା ହଜାର ହଜାର ଭକ୍ତଙ୍କୁ ଯାତ୍ରା ସୁବିଧା ଯୋଗାଇଦେବା ପାଇଁ ବିଶେଷ ଭାବେ ଚଳାଚଳ କରୁଅଛି । ରେଳ ଦ୍ୱାରା ଯଥେଷ୍ଟ ଗମନାଗମନ ସଂଯୋଗ ଏବଂ ସୁବିଧାଜନକ କାର୍ଯ୍ୟସୂଚୀ ସହିତ ସମସ୍ତ ଯାତ୍ରୀଙ୍କ ପାଇଁ ଏକ ନିରାପଦ, ସୁଗମ ଏବଂ ଆରାମଦାୟକ ଯାତ୍ରା ସୁନିଶ୍ଚିତ କରିବାକୁ ପୂର୍ବତଟ ରେଳପଥ ପ୍ରତିବଦ୍ଧ ଅଟେ । ଟ୍ରେନ୍ କାର୍ଯ୍ୟସୂଚୀ, ବୁକିଂ ଏବଂ ଅନ୍ୟାନ୍ୟ ଭ୍ରମଣ ସମ୍ବନ୍ଧୀୟ ସୂଚନା ଗୁଡିକ ସମ୍ବନ୍ଧରେ ଅଧିକ ବିବରଣୀ ପାଇଁ ଯାତ୍ରୀମାନଙ୍କୁ ରେଳବାଇ ୱେବସାଇଟ୍ ପରିଦର୍ଶନ କରିବାକୁ କିମ୍ବା ଷ୍ଟେସନ ମାନଙ୍କ ଠାରେ ଉପଲବ୍ଧ ଇନକ୍ୱାରୀ କାଉଣ୍ଟର ସହିତ ଯୋଗାଯୋଗ କରିବାକୁ କୁହାଯାଇଅଛି ।

## କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଙ୍କ ଇସ୍ତଫା ଦାବୀରେ କଂଗ୍ରେସ ଦଳର ବିରାଟ ଶୋଭାଯାତ୍ରା

ଭବାନିପାଟଣା ତା୨୪/୧୨(ଜଗନ୍ନାଥ ଏକ୍ସପ୍ରେସ୍)ସମ୍ବିଧାନ ନିର୍ମାତା ବାବା ସାହେବ ଆମ୍ବେଦକରଙ୍କ ପ୍ରତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ସଂସଦ ରେ ଦେଇଥିବା ଅପମାନ ଜନକ ମନ୍ତବ୍ୟ ବିରୋଧରେ ଭବାନୀପାଟଣା ଠାରେ ଏକ ବିରାଟ ଶୋଭାଯାତ୍ରା ହୋଇଯାଇଛି. କଳାହାଣ୍ଡି ଜିଲ୍ଲା କଂଗ୍ରେସ କମିଟି ସଭାପତି ଭାରତ ଭୂଷଣ ବେମାଲ ଙ୍କ ଦ୍ୱାରା ଅୟୋଜିତ ବିରାଟ ଶୋଭାଯାତ୍ରାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସ ଓ ବିଧାୟକ ସାଗର ଚରଣ ଦାସ ଙ୍କ ନେତୃତ୍ୱରେ ଭବାନୀପାଟଣା ରେଳ ଷ୍ଟେସନ ନିକଟସ୍ଥ ବାବା ସାହେବ ଡକ୍ଟର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଠାରେ ପୁଷ୍ପଗୁଚ୍ଛ ପ୍ରଦାନ କରି ସେଠାରୁ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲ୍ଲାପାଳ ଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି। ଏହି ଦାବୀ ପତ୍ର ରେ ଉଲ୍ଲେଖ ଅଛି କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ବାବା ସାହେବ ଙ୍କୁ ଅପମାନିତ କରିଥିବାରୁ ସେ କ୍ଷମା ପ୍ରାର୍ଥନା କରନ୍ତୁ ନଚେତ୍ ମନ୍ତ୍ରୀ ପଦରୁ ଇସ୍ତଫା ଦିଅନ୍ତୁ। ଇସ୍ତଫା ନଦେଲେ ଦଳ ପକ୍ଷରୁ ଏକ ବିରାଟ ଜନଆନ୍ଦୋଳନ କରାଯିବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଉପ ସଭାପତି ଉଛବ ସାହୁ,ଇନ୍ଦ୍ରଜିତ୍ ମହାକୁଡ,ଦ୍ରୌପଦୀ ମାଝୀ,ସୁବାଶ ଚନ୍ଦ୍ର ପ୍ରଧାନ,ଜଳନ୍ଧର ନାୟକ,ପ୍ରେମଲାଲ ସାଗର,ରାମ ଜୈନ,ସରୋଜ ବାଗ,ରାହସ ସାହୁ,ସଚିନ ନାୟକ,ସୁଶାନ୍ତ ପ୍ରଧାନୀ, ସୁକାନ୍ତି ସରାଫ,ମାଣିକ୍ୟ ସୁନା,ରୋଜି ନାୟକ,ସନ୍ତୋଷ ପ୍ରଧାନ,ସିଦ୍ଧାର୍ଥ ନାୟକ ଙ୍କ ସମେତ ଜିଲ୍ଲା ର ବିଭିନ୍ନ ଅଞ୍ଚଳ ରୁ ସହସ୍ରାଧିକ କଂଗ୍ରେସ ପ୍ରେମୀ ଯୋଗ ଦେଇଥିଲେ।

## ମାଁ କାଳୀ କଙ୍କାଳୁଣୀଙ୍କ ମନ୍ଦିର ରେ ବାର୍ଷିକ ଉତ୍ସବ ‘ଦଶହରା ‘ ଧୂମଧାମରେ ପାଳିତ

ନବରଙ୍ଗପୁର, ୨୪/୧୨ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅଧୀନ ମେଦନା ଗ୍ରାମ ପଞ୍ଚାୟତ ସଦର ମହକୁମାର ଅଧିଷ୍ଠାତ୍ରୀ ଦେବୀ ମାଁ କାଳୀ କଙ୍କାଳୁଣୀଙ୍କ ମନ୍ଦିରରେ ବାର୍ଷିକ ଉତ୍ସବ ‘ଦଶହରା ‘ ସୋମବାର ଦିନ ଧୁମଧାମରେ ପାଳିତ ହୋଇଯାଇଛି ।ମାଁ ଙ୍କ ଯାତ୍ରା ଦେଖିବା ପାଇଁ ଅଞ୍ଚଳର ସହସ୍ରାଧିକ ଜନସାଧାରଣ ଭିଡ ଜମେଇଥିବା ଦେଖିବାକୁ ମିଳିଥିବା ବେଳେ ଅଞ୍ଚଳର ବିଭିନ୍ନ ଦେବାଦେବୀ ଙ୍କ ପ୍ରତୀକ ଲାଠି, କୁର୍ଚ୍ଚି, ଶିରା, ଦିଶାରୀ, ପୂଜାରୀ, ଗାଣ୍ଡା, ଚାଲାନ ଓ ରଇତ ମାନଙ୍କୁ ସାଙ୍ଗରେ ଧରି ଆସି ମାଙ୍କ ଏହି ବାର୍ଷିକ ଉତ୍ସବ ରେ ଯୋଗ ଦେଇଥିବା ଦେଖିବାକୁ ମିଳିଛି । ଗ୍ରାମବାସୀ କିଛି ଦିନ ପୂର୍ବରୁ ଗ୍ରାମରେ ଏକ ବୈଠକ କରି ମାଁ ଙ୍କ ଯାତ୍ରା କେମିତି ଧୂମଧାମରେ ପାଳିତ ହେବ ସେନେଇ ଆଲୋଚନା କରିବା ପରେ ଗ୍ରାମର ବିଭିନ୍ନ ବ୍ୟକ୍ତିଙ୍କୁ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ସମସ୍ତେ ନିଜ ନିଜ ଗୁରୁ ଦାୟିତ୍ୱ ସୁଚାରୁରୂପେ ତୁଲେଇ ଯାତ୍ରା ଟିକୁ ଆଡମ୍ବର କରିଥିଲେ । ପ୍ରକାଶ ଥାଉ କି, କେଉଁ ଆବାହନ ମାନ କାଳରୁ ମା କାଳୀ କଙ୍କାଳୁଣୀ ଗ୍ରାମର ହାଟପଦା ପଡିଆରେ ରହି ଗ୍ରାମବାସୀ ଙ୍କ ସହଯୋଗରେ ପୂଜକ କମଲୁ ପୂଜାରୀ ଓ ଘାସିରାମ ପୂଜାରୀ ଙ୍କ ଦ୍ୱାରା ପୂଜା ପାଇଆସୁଛନ୍ତି । ମାଁ ହେଉଛନ୍ତି ଜଣେ ପ୍ରତ୍ୟେକ୍ଷ ଦେବୀ ।ତାଙ୍କ ପାଖରେ ଆସି ଅଧିଆ ପଡୁଥିବା ଭକ୍ତ ମାନଙ୍କ ମନୋକାମନା ପୁରଣ କରି ଆସୁଥିବାରୁ ମାଙ୍କ ପାଖରେ ପ୍ରତିଦିନ ଭକ୍ତମାନେ ପୂଜାର୍ଚ୍ଚନା ପାଇଁ ଆସୁଥିବା ମଧ୍ୟ ନଜିର ରହିଛି । ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ମାଁ ଙ୍କ ପାଇଁ ଏକ ଭବ୍ୟ ମନ୍ଦିର ମଧ୍ୟ ନିର୍ମାଣ ହୋଇଛି । ମନ୍ଦିରଟି ଝରିଗାଁ -ଡାବୁଗାଁ ରାସ୍ତାର ପାର୍ଶ୍ୱରେ ଅବସ୍ଥିତ ଥିବାରୁ ରାସ୍ତାରେ ଯିବା ଆସିବା ଲୋକେ ମନ୍ଦିରର କଳାକୃତି ଦେଖି ବେଶ ମନମୁଗ୍ଧ ହୋଇଯାନ୍ତି ।ଚଳିତ ବର୍ଷ ପ୍ରଥମ ଥର କରି ମାଁ ଙ୍କ ଯାତ୍ରାରେ ମୀନା ବଜାର ମଧ୍ୟ ସାମିଲ ରହିଥିବାରୁ ଜନସାଧାରଣ ବହୁଳ ସଂଖ୍ୟାରେ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଛି । ମାଁ ଙ୍କ ମନ୍ଦିରର ଚତୁର୍ପାର୍ଶ୍ୱରେ ଶତାଧିକ ସଂଖ୍ୟାରେ ଉଠା ଦୋକାନୀମାନେ ମଧ୍ୟ ଦୋକାନ ପକାଇ ବେଶ ଦୁଇ ପଇସା ରୋଜଗାର କରୁଛନ୍ତି । ପୂଜାରୀ ରୀତିନୀତି ଅନୁସାରେ ମାଁ ଙ୍କ ପୂଜାର୍ଚ୍ଚନା କରିଥିବା ବେଳେ ଅନ୍ୟ ପୂଜାରୀ ମାନେ ମଧ୍ୟ ପାର୍ଶ୍ୱ ଦେବଦେବୀ ମାନଙ୍କ ପୂଜାକାର୍ଯ୍ୟ ରୀତିନୀତି ଅନୁସାରେ ଶେଷ କରିଛନ୍ତି । ରାତ୍ରୀରେ ଜନସାଧାରଣଙ୍କ ମନୋରଞ୍ଜନ ନିମନ୍ତେ ଗାଁ କମିଟି ପକ୍ଷରୁ ୨ ଟି ଆଦିବାସୀ ନାଟକ ଯଥା :- ରାଉଳିଗୁଡା ଗ୍ରାମର କର୍ଣ୍ଣ ଗୁରୁ ନିର୍ଦ୍ଦେଶିତ “ମନ ନେଇଗଲା ମନ ରସିଆ” ଓ ଛତ୍ରବର ଗ୍ରାମର ଭୁବନ ଗୁରୁଙ୍କ ନିର୍ଦ୍ଦେଶିତ “କିଏ ଭାଙ୍ଗିଦେଲା ପ୍ରେମ ପଞ୍ଜୁରୀ” ପ୍ରଦର୍ଶିତ କରାଯାଇଥିଲା । ଏଥିରେ କମିଟି ସଭାପତି ମଧୁ କଲାର,ଉପ ସଭାପତି ଭକ୍ତବନ୍ଧୁ ମାଝୀ, କୋଷାଧ୍ୟକ୍ଷ ଶଶିଧର ମାଝୀ, ପରିଚାଳନା କମିଟି ର କର୍ମକର୍ତ୍ତା ଭାବେ ବଂଶୀଧର ମାଝୀ,ପୁର୍ବତନ ସରପଞ୍ଚ ହିରଣ୍ୟ ମାଝୀ, କମଳଲୋଚନ ମାଝୀ, ପର୍ଶୁରାମ କଲାର, ଜଗନ୍ନାଥ ମେହେର, ପୁସ୍ତମ ମାଝୀ, ସନୁ ମାଝୀ, ସୁଭାଷ ହରିଜନ, ହରିବନ୍ଧୁ ଭତ୍ରା, ରୁଷିଆ ମାଝୀ, ଦୀନବନ୍ଧୁ ମାଝୀ,ଉତ୍ତମ ପ୍ରଧାନ, କପୁର ମାଝୀ , କୁର୍ଷ ଗାଣ୍ଡା ପ୍ରମୁଖ ଯାତ୍ରା ବେଶ ସୁନ୍ଦର ଭାବେ ପରିଚାଳନା କରିଥିଲେ । ଉକ୍ତ ଯାତ୍ରା ଦୁଇ ଦିନ ଧରି ଚାଲିବ ବୋଲି କମିଟି ସୂତ୍ରରୁ ପ୍ରକାଶ।

## ରାଇବଣିଆ ଅଂଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

### ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କର୍ମଚାରୀ ମରୁଡି : ଜରୁରୀ କାଳୀନ ରକ୍ତ ମହଜୁଦ ଜରୁରୀ

ଜଳେଶ୍ୱର ୨୪/୧୨ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଏକ ଆଦିବାସୀ ଅଧୁସୀତ ଅଂଚଳ ହୋଇଥିବା ବେଳେ ସେଠାରେ ଡାକ୍ତର ଓ କର୍ମଚାରୀ ଅଭାବରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଛି । ବିଶେଷଜ୍ଞ ଡାକ୍ତର ନ ଥିବାରୁ ଜରୁରୀ ପରିସ୍ଥିତିରେ ରୋଗୀମାନଙ୍କୁ ବାଲେଶ୍ୱର ପଠାଯାଉଛି । ସେହିପରି ଦୁର୍ଘଟଣା ଓ ପ୍ରସୁତୀ ମାନଙ୍କ ଲାଗି ଆବଶ୍ୟକ ରକ୍ତ ଦିଆଯାଇ ପାରୁନଥିବାରୁ କେତେକ ସମୟରେ ରୋଗୀର ମୁମୁର୍ଷୁ ଅବସ୍ଥ ଦେଖା ଦେଉଛି । ଜଳେଶ୍ୱର ବ୍ଲକ ସ୍ତରୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରାଇବଣିଆର ହାତୀଗଡ ଠାରେ ଅବସ୍ଥିତ । ସେଠାରେ ଭେଷଜ, ଶିଶୁ, ସଲ୍ୟ, ପ୍ରସୂତୀ ବିଭାଗର ବିଶେଷଜ୍ଞ ଡାକ୍ତର ରହିବାର ବ୍ୟବସ୍ଥା ଥିବା ବେଳେ କେବଳ ପ୍ରସୂତୀ ବିଭାଗର ଜଣେ ଡାକ୍ତର ରହିଛନ୍ତି ।ଜଣେ ଭାରପ୍ରାପ୍ତ ଡାକ୍ତର ଥିବା ବେଳେ ଅନ୍ୟଜଣେ ସହକାରୀ ଡାକ୍ତର ନିଯୁକ୍ତି ପାଇଛନ୍ତି । ପ୍ରତିଦିନ ପ୍ରାୟ ୨ଶହ ରୋଗୀ ରାଇବଣିଆର ୧୪ଟି ପଂଚାୟତ ଓ ପଶ୍ଚିମବଂଗର କେତେକ ଅଂଚଳରୁ ଚିକିତ୍ସାଲ ଲାଗି ଆସୁଥିବା ବେଳେ ହାରାହାରି ପ୍ରତିଦିନ ୪ଟି ନୂତନ ଶିଶୁ ଜନ୍ମ ହୋଇଥାନ୍ତି । ପୁଣି ସେଠାରେ ୧୧ଜଣ ନର୍ସ ରହିବାର ବ୍ୟବସ୍ଥା ଥିବା ବେଳେ ୬ଜଣ କାର୍ଯ୍ୟରତ ଅଛନ୍ତି । ଏଏନ୍‌ଏମ୍, ଏଟେଣ୍ଡ , ଲେବ୍ରୋଟାରୀ ଟେକ୍‌ନିସିଆନ୍ ପଦବୀରେ କେହି କର୍ମଚାରୀ ନଥିବା ବେଳେ ସେ ଅଂଚଳରେ ଜରୁରୀ ଆବଶ୍ୟକ ରକ୍ତ ଦିଆଯାଇପାରୁନାହିଁ । ସେଠାରେ ରକ୍ତ ମହଜୁଦ ଲାଗି ଦାବି ହୋଇ ଆସୁଥିଲେ ମଧ୍ୟ ପ୍ରସୂତୀ ଓ ଦୁର୍ଘଟଣାଗ୍ରସ୍ତ ରୋଗୀ ସେଥିରୁ ବିଚ୍ୟୁତ ହେଉଛନ୍ତି । ୨୬ଟି ସବ୍ ସେ ର କାର୍ଯ୍ୟ କରୁଥିବା ବେଳେ ୧୨ଟିରେ ମହିଳା ସ୍ୱାସ୍ଥ୍ୟ କର୍ମୀ ନାହାନ୍ତି । ସେହିପରି ଜଣେ ସୁପର ଭାଇଜର, ୭ଜଣ ପୁରୁଷ କର୍ମୀ ପଦବୀ ଖାଲି ପଡିଛି । ଜଣେ ଟେକ୍‌ନିସିଆନ ହାତୀଗଡ, ଜଳେଶ୍ୱର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଂନ୍ମ ମୃତ୍ୟୁ ପଂଜିକରଣ କରୁଥିବା ବେଳେ ଯକ୍ଷ୍ମା ଚିକିତ୍ସାଲାଗି ମଧ୍ୟ ଦୁଇସ୍ଥାନରେ ଜଣେ କାର୍ଯ୍ୟ କରୁଛି । ଏକ ସର୍ଭେରୁ ପ୍ରକାଶ ମାସକୁ ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟ ୪୦ଟି ରକ୍ତ ଆବଶ୍ୟକତା ହୋଇଥାଏ । ଶୀତ ଦିନରେ ଗରମ ଓ ଖରାଦିନେ ଥଣ୍ଡାପାଣିର ଆବଶ୍ୟଖତା ଥିବା ବେଳେ ତାହା ରୋଗୀଙ୍କୁ ଯୋଗାଇ ଦିଆଯାଇପାରୁନାହିଁ । ସର୍ବୋପରି ୬ମା ପୂର୍ବରୁ ନୂତନଭାବେ ନିର୍ମିତ ହୋଇଥିବା ଗୃହ ଅଦ୍ୟାବଧି ହସ୍ତାନ୍ତ ହୋଇନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ସେ ଅଂଚଳରେ ଥିବା କେତେକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ନର୍ସ, କର୍ମଚାରୀ ନଥିବାରୁ ଚିକିତ୍ସା କ୍ଷେତ୍ରରେ ଅସନ୍ତୋଷ ବଢିବାରେ ଲାଗିଛି ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ